R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୨
ତିଥି: ସପ୍ତମୀ
୧୬ ନଭେମ୍ବର ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

Vol. - XXXI, No. 42
16 November 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ରାଜ୍ୟସ୍ତରୀୟ 'ଜନଜାତୀୟ ଗୌରବ ଦିବସ'

ମାଲକାନଗିରିକୁ ୧୬୧ କୋଟିର ପ୍ରକଳ୍ପ ଭେଟି



୨୮ ଛାତ୍ରାବାସ ଲୋକାର୍ପିତ, ୩୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଜନଜାତିଙ୍କ ବିନା ବିକଶିତ ଭାରତ ଗଠନ ଅସମ୍ଭବ : ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୧୫ ।୧୧ (ସବୁ୍ୟ) : ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ସମାଜର ଆରାଧ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ 'ଜନଜାତୀୟ ଗୌରବ ଦିବସ' ଅବସରରେ ଆଜି ମାଲକାନଗିରିଠାରେ ରାଜ୍ୟସ୍ତରୀୟ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଜନଜାତି ବର୍ଗ ହେଉଛନ୍ତି ଦେଶର ସବୁଠାରୁ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ବର୍ଗ। ସେମାନଙ୍କ ସଶକ୍ତିକରଣ ବିନା ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନ ଅସମ୍ଭବ ବୋଲି ସେ କହିଥିଲେ।

ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାରେ ବିର୍ସା ଥିଲେ ଜଣେ ଅଗ୍ରଣୀ ନାୟକ। ତାଙ୍କ ପ୍ରେରଣାରେ ସମଗ୍ର ଆଦିବାସୀ ସମାଜ ସ୍ୱାଧୀନଚେତା ଚିନ୍ତାଧାରାରେ ଉର୍ଦ୍ଧ୍ୱ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଦେଶର ଆଦିବାସୀମାନେ ଆଜି ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ ହେଉଛନ୍ତି ବୋଲି ସେ କହିଥିଲେ।

ଏହି ଅବସରରେ ଜନସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଜାତି ବର୍ଗର ସାମଗ୍ରିକ ଉନ୍ନତିରେ ହିଁ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିପାରିବା। ଆଜିର ଏହି ଜନଜାତୀୟ ଗୌରବ ଦିବସ ପାଳନ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ବରଂ ଏହା ଆମ ଜନଜାତି ସମାଜର ଗୌରବମୟ ଇତିହାସ, ପରମ୍ପରା, ଭାଷା, କଳା, (୯ ପୃଷ୍ଠାରେ)

ଆଜି ବାତ୍ୟା, ୧୭ରେ ଭୟଙ୍କର



ଭୁବନେଶ୍ୱର, ୧୫ ।୧୧ (ସବୁ୍ୟ): ସମୁଦ୍ରରେ ଶକ୍ତିଶାଳୀ ହେଉଛି ଅବପାତ। ଆସନ୍ତାକାଲି(ସୋମବାର) ବାତ୍ୟାରେ ପରିଣତ ହେବ । ତେବେ ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ, ଏନେଇ ଦିଗ ଆକଳନ ଆକଳନ ହୋଇନି । ଯଦି ସମ୍ଭାବ୍ୟ ବାତ୍ୟା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବ, ତାହେଲେ ଓଡ଼ିଶାରେ ସଧାସଳଖ ପ୍ରଭାବ ପଡ଼ିବନି । ଏହା ଦିଗ ବଦଳାଇ ଉତ୍ତର ଆନ୍ଧ୍ରକୁ ଗଲେ ଓଡ଼ିଶାରେ ଭୀଷଣ ବର୍ଷାର ସମ୍ଭାବନା ଅଛି ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ।

ପାଣିପାଗ ବିଭାଗର କହିବାନୁସାରେ, ଦକ୍ଷିଣ-ପୂର୍ବ ଏବଂ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଅବପାତ ରହିଛି । ରବିବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଏହା ଘଣ୍ଟାପ୍ରତି ୬ କିମି ବେଗରେ ଗତି କରୁଛି । ଶ୍ରୀଲଙ୍କାର ତ୍ରିଙ୍କୋମାଲୀ ଠାରୁ ୬୩୦ କିମି ଦୂରରେ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର

ଆନ୍ଧ୍ରପ୍ରଦେଶ ଉପକୂଳକୁ ଯିବା ସମ୍ଭାବନା

ଦକ୍ଷିଣ ଆନ୍ଧ୍ର ଉପକୂଳ ଗଲେ ଓଡ଼ିଶାରେ ପଡ଼ିବନି ପ୍ରଭାବ

ଉତ୍ତର ଆନ୍ଧ୍ରକୁ ଗଲେ ଓଡ଼ିଶାରେ ଭୀଷଣ ବର୍ଷା ସମ୍ଭାବନା

ବିଜୟପୁରମ ଠାରୁ ୬୭୦ କିମି, ତାମିଲନାଡୁର ଚେନ୍ନାଇ ଠାରୁ ୭୮୦ କିମି, ବିଶାଖାପଟ୍ଟନମ୍ ଠାରୁ ୯୨୦ କିମି, ଗୋପାଳପୁର ଠାରୁ (୯ ପୃଷ୍ଠାରେ)

ନୀଳଗିରି ନାବାଳକ ମୃତ୍ୟୁ ମାମଲା

ଅଭିଯୁକ୍ତ ଦୋକନ ମାଲିକ, ପୁଅ ଗିରଫ

ନୀଳଗିରି, ୧୫ ।୧୧ (ସବୁ୍ୟ) : ଦୋକାନରୁ ଚୋରି କରିବା ଘଟଣାରେ ଜଣେ ନାବାଳକଙ୍କୁ ଦୋକାନ ମାଲିକ ଓ ତାଙ୍କ ପୁଅ ପିଟିପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗତକାଲି (ଶନିବାର) ନାବାଳକଙ୍କ ଶବଧରି ସମ୍ପର୍କୀୟ ଓ ଗ୍ରାମବାସୀମାନେ ଦୀର୍ଘ ୧୨ଘଣ୍ଟା ଧାରଣାରେ ବସିଥିଲେ। ପ୍ରାଶାସନିକ ଅଧିକାରୀମାନେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା। ଆଜି(ରବିବାର) ପୁଲିସ ଅଭିଯୁକ୍ତ ଦୋକାନ ମାଲିକ ଓ ତାଙ୍କ ପୁଅଙ୍କୁ ଗିରଫକରିଛି। ଗତକାଲି, ଧାରଣାସ୍ଥଳରେ ମାଜିଷ୍ଟ୍ରେଟ ଶୁଭଶ୍ରୀ ଜେନା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ରାତି ପ୍ରାୟ୧୧ଟା ସମୟ ଧାରଣାରୁ ହଟିବା ସହ ଶବକୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଆଜି ମଧ୍ୟାହ୍ନରେ ବାଲେଶ୍ୱର ହସ୍ପିଟାଲରେ ମୃତନାବାଳକର ଶବ ବ୍ୟବଚ୍ଛେ ହୋଇଥିଲା। ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁରେ ପୂର୍ବତନକେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱରସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ବ୍ଲକ ଉପାଧକ୍ଷ ଜ୍ୟୋତିର୍ମୟୀ ପୃଥଳ, ପ୍ରବୀଣ ନାୟକ, ଚନ୍ଦ୍ର ବିନ୍ଦୁ ଦାସ, କଂଗ୍ରେସ ବ୍ଲକ ସଭାପତି ତପନ ରାଉତ, ଯୋଗଦାନନ୍ଦନ ସିଂହ, ଯୋଗେଶ୍ୱର ବେହେରା ପ୍ରମୁଖ ପହଁଚି ମୃତନାବାଳକଙ୍କ ପରିବାରକୁ ସମବେଦନା ଜଣାଇବା ସହ ନ୍ୟାୟ ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅପରପକ୍ଷରେ, ମୃତ ନାବାଳକ ଦିନେଶଙ୍କ ସମ୍ପର୍କୀୟ ଟିକି ବାଙ୍କିଙ୍କ ଅଭିଯୋଗ ଭିତ୍ତିରେ ଘଟଣାର ତଦନ୍ତ ନିମନ୍ତେ ନୀଳଗିରି ଉପଖଣ୍ଡ ଅଧିକାରୀ ନିର୍ମଳା ଗୋଛାୟାତ ଓ (୯ ପୃଷ୍ଠାରେ)

ମୃତ୍ୟୁଦଣ୍ଡ ସ୍ଥଗିତ ରଖିବା ପ୍ରସ୍ତାବକୁ ଭାରତର ବିରୋଧ



ନ୍ୟୁୟର୍କ, ୧୫ ।୧୧ : ମୃତ୍ୟୁଦଣ୍ଡକୁ ବିଶ୍ୱବ୍ୟାପୀ ବନ୍ଦ କରିବା ଦାବିରେ ଜାତିସଂଘରେ ଆଗତ ଏକ ପ୍ରସ୍ତାବକୁ ଭାରତ ବିରୋଧ କରିଛି। ମୃତ୍ୟୁଦଣ୍ଡ ଉପରେ ସାମୟିକ ରୋକ୍ ଲଗାଇବା ସହ ଏହାକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରିବା ଲକ୍ଷ୍ୟରେ ମେକ୍ସିକୋ ଏହି ପ୍ରସ୍ତାବ ଆଣିଥିଲା। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ମହାସଭାରେ ନଭେମ୍ବର ୧୩ ତାରିଖ (ଶୁକ୍ରବାର) ଏହା ଉପରେ ଭୋଟ୍ ହୋଇଥିଲା। ପ୍ରସ୍ତାବ ସପକ୍ଷରେ ୧୩୩ଟି ଦେଶ ଭୋଟ୍ ଦେଇଥିବା ବେଳେ ୩୩ଟି ଦେଶ ବିପକ୍ଷରେ ମତ ଦେଇଥିଲେ। ଅନ୍ୟ ୧୬ଟି ଦେଶ ଭୋଟ୍ଦାନରୁ ବିରତ ରହିଥିଲେ।ଭାରତ ସହିତ ଆମେରିକା, ଚୀନ୍, ଜାପାନ, ପାକିସ୍ତାନ, ଇରାନ, ଇରାକ, ସାଉଦି ଆରବ, ଇଜିପ୍ଟ, ବାହାରିନ୍ ଓ କୁଏତ୍ ଭଳି ଦେଶ ମଧ୍ୟ ଏହାକୁ ବିରୋଧ କରିଥିଲେ। ପ୍ରସ୍ତାବରେ ବିଶ୍ୱରେ ମୃତ୍ୟୁଦଣ୍ଡ ଜାରି ରହିଥିବା ନେଇ ଗଭୀର ଚିନ୍ତା ପ୍ରକାଶ କରାଯାଇଥିଲା। ସମସ୍ତ ଦେଶ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବା ଉପରେ ସାମୟିକ ରୋକ୍ ଲଗାଇବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଯେଉଁ ଦେଶଗୁଡ଼ିକ ମୃତ୍ୟୁଦଣ୍ଡ ଉଚ୍ଛେଦ କରିସାରିଛନ୍ତି, ସେମାନେ ଏହାକୁ ପୁନର୍ବାର ଲାଗୁ ନକରିବାକୁ ମଧ୍ୟ କୁହାଯାଇଥିଲା।ପ୍ରସ୍ତାବରେ କେତେକ ବିଶେଷ ବର୍ଗର ଲୋକଙ୍କୁ ମୃତ୍ୟୁଦଣ୍ଡରୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୧୮ ବର୍ଷରୁ କମ୍ ବୟସରେ ଅପରାଧ କରିଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ନଦେବାକୁ କୁହାଯାଇଥିଲା। ଅପରାଧ ଘଟାଇବା ସମୟରେ ଅଭିଯୁକ୍ତଙ୍କ ବୟସ ୧୮ ବର୍ଷରୁ ଅଧିକ ଥିଲା କି ନାହିଁ, ତାହା ସଠିକ୍ ଭାବେ ଜଣାପଡୁ ନଥିଲେ ମଧ୍ୟ ମୃତ୍ୟୁଦଣ୍ଡ ନଦେବାକୁ ପ୍ରସ୍ତାବରେ ଉଲ୍ଲେଖ ରହିଥିଲା। ଏହାବ୍ୟତୀତ (୯ ପୃଷ୍ଠାରେ)

ରେଳ ଧାରଣା ବିସ୍ଫୋରଣ ଘଟଣାର ଅଭିଯୁକ୍ତ ଗିରଫ

ନୂଆଦିଲ୍ଲୀ, ୧୫ ।୧୧ : ରାଜସ୍ଥାନର ଶ୍ରୀ ଗଙ୍ଗାନଗର ଜିଲ୍ଲାରେ ନଭେମ୍ବର ୩ ତାରିଖରେ ରେଳ ଧାରଣାରେ ହୋଇଥିବା ବିସ୍ଫୋରଣ ଘଟଣାରେ ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ତାଙ୍କ ନାଁ ମହକଦୀପ କୌର। ତାଙ୍କୁ ୨୧ ବର୍ଷ ହୋଇଛି। ତାଙ୍କ ସହିତ ଦେବେନ୍ଦ୍ର ସିଂହ ନାମକ ଜଣେ ୨୩ ବର୍ଷୀୟଯୁବକଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ ଏଟିଏସ୍, ଶ୍ରୀ ଗଙ୍ଗାନଗର ପୁଲିସ ଓ ପଞ୍ଜାବ ପୁଲିସ ମିଳିତ ଅପରେସନ କରି ଏହି ଦୁଇ ଜଣଙ୍କୁ ପଞ୍ଜାବର ଗୁରୁଦାସପୁର ଜିଲ୍ଲାରୁ ଗିରଫ କରିଛି। ମହକଦୀପ କୌର ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି କହିଛି ପୁଲିସ। ଦେବେନ୍ଦ୍ର ସିଂହ ତାଙ୍କର ସହଯୋଗୀ ଭାବେ କାର୍ଯ୍ୟ କରିଛନ୍ତି। ମହକଦୀପଙ୍କୁ ପାକିସ୍ତାନୀ ହ୍ୟାଣ୍ଡେଲରମାନେ ପ୍ରେମ ଜାଲରେ ଫସାଇ ଏହି (୯ ପୃଷ୍ଠାରେ)

ଶେଖ୍ ହାସିନାଙ୍କୁ ମିଳିପାରେ ମୃତ୍ୟୁଦଣ୍ଡ

ଢାକା, ୧୫ ।୧୧ : ବାଂଲାଦେଶର ବିତାଡ଼ିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଆଇନଗତ ପ୍ରକ୍ରିୟା ମାଧ୍ୟମରେ ସ୍ୱଦେଶ ଫେରିବେ ଏବଂ ଏବେ ପରବର୍ତ୍ତୀ ପଦକ୍ଷେପ ଭାରତ ଉପରେ ନିର୍ଭର କରେ ବୋଲି ବାଂଲାଦେଶର ଆଇନ ମନ୍ତ୍ରୀ ଆସାଦୁଜ୍ଜମାନ୍ କହିଛନ୍ତି। ବାଂଲାଦେଶୀ ସମ୍ବାଦପତ୍ର "ପ୍ରଥମ ଆଲୋ"ର ଏକ ରିପୋର୍ଟ ଅନୁଯାୟୀ, ହସିନାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ବାଂଲାଦେଶ ପକ୍ଷରୁ ସମସ୍ତ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଶେଷ ହୋଇସାରିଛି। ତେବେ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ପ୍ରଚଳିତ ଆଇନ ଅନୁଯାୟୀ ତାଙ୍କୁ ମୃତ୍ୟୁଦଣ୍ଡ ବିରୋଧରେ ଆବେଦନ କରିବାର କୌଣସି ସୁଯୋଗ ମିଳିବ ନାହିଁ ବୋଲି ଆଇନ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।



ନିକଟରେ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ଉଚ୍ଚାୟୋଗ ନିକଟରେ ଶେଖ ହାସିନା ନୂଆ ପାସପୋର୍ଟ ଓ ପରିଚୟପତ୍ର ପାଇଁ ଆବେଦନ କରିବା ପରେ ଆଇନ ମନ୍ତ୍ରୀଙ୍କର ଏହି ବୟାନ ସାମ୍ନାକୁ ଆସିଛି। ୨୦୨୪ ମସିହାର ଛାତ୍ର ଆନ୍ଦୋଳନ ସମୟରେ ହୋଇଥିବା ହିଂସା ଓ ଦମନଲୀଳା ପାଇଁ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ଗତ ନଭେମ୍ବର ୨୦୨୫ରେ ହାସିନାଙ୍କୁ (୯ ପୃଷ୍ଠାରେ)

ଦିଲ୍ଲୀ-ମୁମ୍ବାଇରୁ ନ୍ୟୁୟର୍କକୁ ନନ୍‌ଷ୍ଟପ୍ ବିମାନ ପୁଣି ଉଡ଼ିଲା

ନୂଆଦିଲ୍ଲୀ, ୧୫ ।୧୧ : ନୂଆଦିଲ୍ଲୀ ଓ ମୁମ୍ବାଇରୁ ଆମେରିକାର ନ୍ୟୁୟର୍କକୁ ନନ୍‌ଷ୍ଟପ୍ ବିମାନ ଉଡ଼ାଣ ସେବା ଏୟାର ଇଣ୍ଡିଆ ପୁନର୍ବାର ଆରମ୍ଭ କରିଛି। ଏହାଦ୍ୱାରା ଉଡ଼ାଣ ସମୟ ୫ ଘଣ୍ଟା କମିଯିବ। ପୂର୍ବରୁ ଦିଲ୍ଲୀ ଓ ମୁମ୍ବାଇରୁ ନ୍ୟୁୟର୍କକୁ ଯିବାଲାଗି ପ୍ରାୟ ୨୨ ଘଣ୍ଟା ଲାଗୁଥିଲା। ଏବେ ତାହା ପ୍ରାୟ୧୭ ଘଣ୍ଟାକୁ ହ୍ରାସ ପାଇବ। ପୂର୍ବରୁ ନ୍ୟୁୟର୍କ ଯିବା ବାଟରେ ଇନ୍ଧନ ଭର୍ତ୍ତି ପାଇଁ ଏୟାର ଇଣ୍ଡିଆ ଏହାର ବିମାନକୁ ରୋମ୍ରେ ଅବତରଣ କରୁଥିଲା। କିନ୍ତୁ ବର୍ତ୍ତମାନ ତାହାର ଆବଶ୍ୟକତା ପଡ଼ିବ ନାହିଁ।

ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଖରାପ ହେବା ଏବଂ ମଧ୍ୟପ୍ରାଚ୍ୟ ଉତ୍ତେଜନା ପାଇଁ ଆକାଶ ମାର୍ଗଗୁଡ଼ିକରେ କଟକଣା ଲାଗିଥିଲା। ଏଥିପାଇଁ ଭାରତୀୟ ଏୟାରଲାଇନ୍ସ ଗୁଡ଼ିକ ଅନେକ ଅନ୍ତର୍ଜାତୀୟ ବିମାନର ଉଡ଼ାଣ ମାର୍ଗରେ ପରିବର୍ତ୍ତନ ଆଣିଥିଲେ। ଫଳରେ ନ୍ୟୁୟର୍କର ଜନ୍ ଏଫ୍ କେନେଡି ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ନ୍ୟୁୟାର୍କ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଦିଲ୍ଲୀ ଓ ମୁମ୍ବାଇରୁ ଉଡ଼ାଣ (୯ ପୃଷ୍ଠାରେ)

15001/136/2627

ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ସମସ୍ତ ସାମ୍ବାଦିକ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।

ଲୋକମତ ସୃଷ୍ଟି, ସମାଜ ପରିବର୍ତ୍ତନ ଓ ଦେଶ ନିର୍ମାଣରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଠିକ୍ ଓ ନିରପେକ୍ଷ ଖବର ପ୍ରସାରଣ ସହିତ ସମାଜରେ ମୂଲ୍ୟବୋଧ, ନୈତିକତା, ସଚ୍ଚତା ଓ ସତ୍ୟତାକୁ ଗୁରୁତ୍ୱ ଦେଇ ଗଣମାଧ୍ୟମ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣରେ ସହାୟକ ହୋଇଥାଏ । ସମାଜର ତୃଣମୂଳ ସ୍ତରରେ ଥିବା ଲୋକଟିର ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଗଣତନ୍ତ୍ରର ସୁରକ୍ଷା ଦିଗରେ ଗଣମାଧ୍ୟମର ପ୍ରୟାସ ପ୍ରଶଂସନୀୟ ।

ଚଳିତ ବର୍ଷ ପ୍ରେସ୍ ଦିବସର ବିଷୟବସ୍ତୁ ହେଉଛି 'ସାମ୍ବାଦିକତା: ଲୋକପ୍ରିୟତା ବନାମ ଦାୟିତ୍ୱବୋଧ' । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ସହ ସଂପୃକ୍ତ ବନ୍ଧୁମାନେ ସାମ୍ବାଦିକତାକୁ ଏକ ସାମାଜିକ ଓ ନୈତିକ ଦାୟିତ୍ୱ ଭାବେ ଗ୍ରହଣ କରି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସେମାନଙ୍କର ବହୁମୂଲ୍ୟ ଅବଦାନ ରଖିବେ ବୋଲି ମୋର ଆଶା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0135

ଡିସେମ୍ବରରେ ସଂସଦର ଶୀତ ଅଧିବେଶନ

ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାସ୍ କରାଇବାକୁ ପ୍ରୟାସ



ଲୋକସଭା ଆସନ ସଂଖ୍ୟା ୫୪୩ ରୁ ୮୫୦କୁ ବୃଦ୍ଧି ପ୍ରସ୍ତାବ

ନୂଆଦିଲ୍ଲୀ, ୧୫ ।୧୧ : ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ଡିସେମ୍ବର ପ୍ରଥମ ସପ୍ତାହରେ ଆରମ୍ଭ ହେବାର ସମ୍ଭାବନା ରହିଛି। ଏହି ଅଧିବେଶନରେ ମହିଳା ସଂରକ୍ଷଣ ଲାଗୁ କରିବା ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବାକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଉଛନ୍ତି। ଏଥିପାଇଁ ସରକାରୀ ସ୍ତରରେ ଅଧିବେଶନର ସମ୍ଭାବ୍ୟ ତାରିଖ ନେଇ ଆଲୋଚନା ଚାଲିଥିବା ଜଣାପଡ଼ିଛି।

ପ୍ରସ୍ତାବିତ ବିଲ୍ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ବା ସୀମା ପୁନଃନିର୍ଦ୍ଧାରଣ ମାଧ୍ୟମରେ ଲୋକସଭା ଆସନ ସଂଖ୍ୟା ବର୍ତ୍ତମାନର ୫୪୩ରୁ ସର୍ବାଧିକ ୮୫୦କୁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଲାଗୁ କରିବାର ପଥ ପରିଷ୍କାର ହେବ। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରିବା ସରକାରଙ୍କ ଲକ୍ଷ୍ୟ।

ତେବେ ବିଲ୍ ପାରିତ କରିବା ପାଇଁ ଆବଶ୍ୟକ ସାଂସଦଙ୍କ ସମର୍ଥନ ଯୋଗାଡ଼ କରିବା ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହେବ। ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବାକୁ ଲୋକସଭାରେ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ। ସମସ୍ତ ୫୪୦ ସଦସ୍ୟ ଭୋଟ୍ ଦେଲେ ଏଥିପାଇଁ ୩୬୧ଟି ଭୋଟ୍ ଦରକାର। ବର୍ତ୍ତମାନ ତିନୋଟି ଆସନ ଖାଲି ଥିବାରୁ ଲୋକସଭାରେ ସଦସ୍ୟଙ୍କ ସଂଖ୍ୟା ୫୪୦ ରହିଛି। ଶାସକ ଏନ୍ଡିଏ ପାଖରେ ୩୨୦ ସଦସ୍ୟ ଥିବାରୁ ବିଲ୍ ପାରିତ କରିବାକୁ ବିରୋଧୀ ଦଳଗୁଡ଼ିକର ସମର୍ଥନ ଆବଶ୍ୟକ ହେବ। ତେବେ ଜଣେ ବରିଷ୍ଠ ସରକାରୀ ଅଧିକାରୀ ଗତ ଗୁରୁବାର ଏହି ବିଲ୍ ୧୫ରୁ ୧୮ ଭୋଟ୍ ବ୍ୟବଧାନରେ ପାରିତ ହେବ ବୋଲି ଆଶା ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ବିରୋଧୀ ଦଳଗୁଡ଼ିକ ସଂସଦରେ ପ୍ରତିବାଦ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଅଧିବେଶନକୁ ହଟ୍ଟଗୋଳପୂର୍ଣ୍ଣ କରିପାରେ। ଗୃହରେ ଶୃଙ୍ଖଳିତ ଆଲୋଚନା ନ ହେଲେ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଭୋଟ୍ ହେବା ସମ୍ଭବ ନୁହେଁ ବୋଲି (୯ ପୃଷ୍ଠାରେ)

ଜାତୀୟ ପ୍ରେସ୍ ଦିବସ



ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର ସ୍ୱାଧୀନତା, ଦାୟିତ୍ୱବୋଧ ଏବଂ ନୈତିକତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ନଭେମ୍ବର ୧୬ ତାରିଖରେ ସାରା ଦେଶରେ 'ଜାତୀୟ ପ୍ରେସ୍ ଦିବସ' ପାଳନ କରାଯାଏ । ୧୯୫୬ ମସିହାରେ ପ୍ରଥମ ପ୍ରେସ୍ କମିଶନଙ୍କ ସୁପାରିଶ କ୍ରମେ ଭାରତରେ ସାମ୍ବାଦିକତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଏବଂ ପ୍ରେସ୍‌ର ସ୍ୱାଧୀନତାକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରିବାକୁ ପରିକଳ୍ପନା କରାଯାଇଥିଲା । ଯାହାର ପରିଣାମ ସ୍ୱରୂପ ୧୯୬୬ ମସିହା ଜୁଲାଇ ୪ ତାରିଖରେ 'ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ' ପ୍ରତିଷ୍ଠା ହୋଇଥିଲା । ସେହି ବର୍ଷ ନଭେମ୍ବର ୧୬ ତାରିଖରୁ ଏହା ଆନୁଷ୍ଠାନିକ ଭାବେ କାର୍ଯ୍ୟାରମ୍ଭ କରିଥିଲା । ସେହି ଐତିହାସିକ ଦିନକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ଦେଶର ଗଣମାଧ୍ୟମ ଉପରେ ଏକ ନୈତିକ ପ୍ରହରୀ ଭାବେ କାର୍ଯ୍ୟ କରିଥାଏ । ଯାହା ଗୋଟିଏ ପଟେ ସାମ୍ବାଦିକମାନଙ୍କୁ ବାହ୍ୟ ଚାପ କିମ୍ବା ସରକାରୀ ହସ୍ତକ୍ଷେପରୁ ମୁକ୍ତ ରହି ନିରପେକ୍ଷ ସମ୍ବାଦ ପରିବେଷଣ କରିବାକୁ ସୁରକ୍ଷା ପ୍ରଦାନ କରିଥାଏ । ଅନ୍ୟପଟେ ଗଣମାଧ୍ୟମ ଯେପରି ନିଜ କ୍ଷମତାର ଅପବ୍ୟବହାର ନକରେ ଏବଂ ସାମ୍ବାଦିକତାର ନୈତିକ ମୂଲ୍ୟବୋଧକୁ ବଜାୟ ରଖେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥାଏ । ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଯେତେବେଳେ ସୋସିଆଲ ମିଡିଆର ପ୍ରସାର ସହ ମିଥ୍ୟା ଖବର ବା 'ଫେକ୍ ନ୍ୟୁଜ୍', ବିଭ୍ରାନ୍ତିକର ତଥ୍ୟ ଏବଂ ପକ୍ଷପାତିତା ଭଳି ଆହ୍ୱାନ ସୃଷ୍ଟି ହୋଇଛି । ସେତେବେଳେ ଜାତୀୟ ପ୍ରେସ୍ ଦିବସର ଗୁରୁତ୍ୱ ଆହୁରି ବଢ଼ିଯାଇଛି । ଏହି ଦିବସ ସାମ୍ବାଦିକମାନଙ୍କୁ ନିର୍ଭୀକ, ସତ୍ୟନିଷ୍ଠ ଏବଂ ନିରପେକ୍ଷ ରହି ଜନସାଧାରଣଙ୍କ ସ୍ୱର ଉତ୍ତୋଳନ କରିବାକୁ ପ୍ରେରଣା ଦେବା ସହ ଏକ ସୁସ୍ଥ ଓ ସଶକ୍ତ ଗଣତନ୍ତ୍ର ଗଠନରେ ସ୍ୱାଧୀନ ତଥା ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମର ଅପରିହାର୍ଯ୍ୟ ଭୂମିକାକୁ ପୁନଃସ୍ଥାପିତ କରିଥାଏ ।

ସୋସିଆଲ କୋର୍ଟ୍ଟ



ସ୍ମୃତି ମାନ୍ଧାନା ଓ ଭାଇଙ୍କର ବିବାହ ସ୍ଥଗିତ ହେବାପରେ ଉଭୟ ପରିବାର ଖୁବ କଷ୍ଟରେ ଥିଲେ । କେହି କେବେ ଭାବିନଥିଲେ ଏଭଳି କିଛି ଘଟିବ ।

ପଲକ ମୁଚ୍ଛଲ, ସିଙ୍ଗର



ମୋ ପିଲାମାନଙ୍କୁ ମୋ ଷ୍ଟାରଡମ ସମ୍ପର୍କରେ କିଛି ଜଣା ନଥିଲା । ତେଣୁ ପ୍ରଥମଥର ପାଇଁ ଯେତେବେଳେ ପାପରାଜିଙ୍କୁ ଦେଖିଲେ ଦ୍ୱନ୍ଦରେ ପଡିଯାଇଥିଲେ ।

ମାଧୁରୀ ଦିକ୍ଷିତ, ଅଭିନେତ୍ରୀ



ସବୁ ଆର୍ଟିଷ୍ଟଙ୍କୁ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ଯେତେବେଳେ ଯାଏଁ ସେ ମରି ନଯାଏ କେହି ତାକୁ ମହାନ ବୋଲି କହି ନଥାନ୍ତି ।

ଦିଲଜିତ ଦୋସାଞ୍ଜ, ସିଙ୍ଗର

ଇତିହାସ

ରାଷ୍ଟ୍ରୀୟ ପୁସ୍ତକ ଦିବସ (ସପ୍ତାହ)
ନବଜାତ ଶିଶୁ ଦିବସ (ସପ୍ତାହ)
୧୯୩୦: ପ୍ରସିଦ୍ଧ ଭାରତୀୟ ସନ୍ତରଣକାରୀ ମିହିର ସେନଙ୍କ ଜନ୍ମ ।
୧୯୭୩: ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପୁଲେଲା ଗୋପିଚାନ୍ଦଙ୍କ ଜନ୍ମ ।
୧୯୪୭: ଟୋକିଓର ସଇତାମାରେ ଭୟଙ୍କର ଘୂର୍ଣ୍ଣିଝଡ଼ ଯୋଗୁ ୧୯୩୦ ଜଣଙ୍କ ମୃତ୍ୟୁ ।
୧୯୦୮: ଜେନେରାଲ୍ ମୋଟର୍ସ ନିଗମର ପ୍ରତିଷ୍ଠା ।
୧୯୯୫: ତ୍ରିନିଦାଦ ଆଣ୍ଡ ଟୋବେଗୋର ପ୍ରଧାନମନ୍ତ୍ରୀ ହେଲେ ଭାରତୀୟ ବଂଶୋଦ୍ଭବ ବାସୁଦେବ ପାଣ୍ଡେ ।
୨୦୦୭: ୱାନ ଟୁ ଗୋ ଏୟାରଲାଇନ୍ସର ଏକ ବିମାନ ଥାଇଲାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୮୯ ଯାତ୍ରୀଙ୍କ ମୃତ୍ୟୁ ।
୨୦୧୩: ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍‌ରେ ନିଜ କ୍ରିକେଟ କ୍ୟାରିୟର୍‌ର ଅନ୍ତିମ ମ୍ୟାଚ୍ ଖେଳିଥିଲେ କ୍ରିକେଟ ଗଡ୍ ସଚିନ ତେନ୍ଦୁଲକର ।
୧୯୪୫: ସାରା ବିଶ୍ୱର ସାଂସ୍କୃତିକ କୀର୍ତ୍ତିରାଜିକୁ ସଂରକ୍ଷଣ କରୁଥିବା ୟୁନେସ୍କୋର ସ୍ଥାପନା ।
୧୯୬୩: ଭେଟେରାଲ ବଲିଉଡ୍ ଅଭିନେତ୍ରୀ ମିନାକ୍ଷୀ ଶେଷାଦ୍ରିଙ୍କ ଜନ୍ମ ।
୧୯୧୬: ରୁଷ୍‌ର ଲା ସତାନ୍ୟା ସ୍ଥିତ କାରଖାନାରେ ବିସ୍ଫୋରଣ ଘଟି ୧୦୦୦ ଲୋକଙ୍କ ମୃତ୍ୟୁ ।

ଡାର୍କ ମ୍ୟାଜିକ ଛତୁ





ଫ୍ଲୋରିଡ଼ାର ଜଳଭୂମିରୁ ଏକ ନୂତନ ପ୍ରକାରର କ୍ଷୁଦ୍ର ବାଦାମୀ ରଙ୍ଗର ଛତୁ ଆବିଷ୍କୃତ ହୋଇଛି । ଯାହାର ଆକାର ଛତା ଭଳି ହୋଇଥିବାବେଳେ ଏଥିରେ ମାରାତ୍ମକ ବିଷ ଭରି ରହିଥିବା ଜଣାପଡିଛି । 'ଗାଲେରିନା ଇଣ୍ଡିକା' ନାମକ ଏହି ଛତୁଟି ଭ୍ରମ ସୃଷ୍ଟିକାରୀ 'ସାଇଲୋସାଇବିନ୍' ଏବଂ ପ୍ରକୃତିର ଅନ୍ୟତମ ମାରାତ୍ମକ ବିଷ 'ଆମାଟକ୍ସିନ୍' ଉଭୟ ଉତ୍ପାଦନ କରୁଥିବା ଜଣାପଡ଼ିଛି । ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହାକୁ "ଡାର୍କ ମ୍ୟାଜିକ୍ ମସରୁମ୍" ବୋଲି କହୁଛନ୍ତି । ୨୦୨୫ ମସିହାରେ ଫ୍ଲୋରିଡ଼ାର ଜଳଭୂମିରେ କେମିଷ୍ଟ ତଥା ଫଙ୍ଗାଲ ବାୟୋଲଜିଷ୍ଟ ଆଣ୍ଡ୍ରୁ କୁନିକ୍ ଏହି ଛତୁଗୁଡ଼ିକୁ ଆବିଷ୍କାର କରିଥିଲେ । ଏହାକୁ ନେଇ ତଥ୍ୟ 'କରେଣ୍ଟ ବାୟୋଲଜି' ପତ୍ରିକାରେ ପ୍ରକାଶିତ ହୋଇଛି । ପୂର୍ବରୁ ଏହି ଯୌଗିକ ବା କମ୍ପାଉଣ୍ଡଗୁଡ଼ିକ ଭିନ୍ନ ଭିନ୍ନ କବକ ଗୋଷ୍ଠୀରେ ଦୃଶ୍ୟମାନ ହେଉଥିଲେ ମଧ୍ୟ କୌଣସି ଗୋଟିଏ ପ୍ରଜାତି ମଧ୍ୟରେ ଏଗୁଡ଼ିକ ଏକାସାଙ୍ଗରେ ମିଳିଥିବାର ନଜିର ନଥିଲା ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି । ବଂଶଗତ ସ୍ତରରେ ପୂର୍ବପୁରୁଷମାନେ ଅନ୍ୟ ପ୍ରଜାତି ସହିତ ଡିଏନ୍‌ଏ ଆଦାନପ୍ରଦାନ କରିଥିବାରୁ ଏହି ଦୁଇଟି ଯୌଗିକର ସଂଶ୍ଳେଷଣ ସମ୍ଭବ ହୋଇଛି ବୋଲି ଗବେଷକମାନେ ମତ ଦେଇଛନ୍ତି । ବିଶେଷଜ୍ଞମାନଙ୍କ ପାଇଁ ମଧ୍ୟ ଏହାକୁ ସହଜରେ ଚିହ୍ନିବା କଷ୍ଟକର ହୋଇଥିବାରୁ ଏହାକୁ ଖାଇବା ପୂର୍ବରୁ ସତର୍କ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।

ଜଣେ ଚୋର ରାତିରେ ଗୋଟିଏ ଘରେ ପଶିଲା ଏବଂ ପଚାରିଲା—
ଚୋର: "ହେଇଗୁଡ଼ାଏ ଟଙ୍କା ସୁନା କୋଉଠି ଅଛି କୁହ, ନଚେତ୍ ମୁଁ ଏହି ବନ୍ଧୁକରେ ଗୁଳି କରିଦେବି!"
ଘର ମାଲିକ (ହସି ହସି): "ଭାଇ, ଟିକେ ଶାନ୍ତ ହୁଅ । ଏହା ମୋର ନୁହେଁ, ମୋ ଶାଶୁଘର ଲୋକଙ୍କ ଘର, ଖୋଜିବାକୁ ଲାଗି ପଡ଼! ଯାହା ପାଇବ ମୋତେ ବି ଅଧା ଦେବ ।"

ହାଃହାଃ

ଏଆଇ ଚିହ୍ନିବ ଖେଳାଳିଙ୍କ ପ୍ରତିଭା



ଖେଳାଳିଙ୍କ ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କ କୌଶଳକୁ ସୁଧାରିବା ପାଇଁ 'ଖିଲାଡି ପ୍ରୋ' ନାମକ ଏକ କମ୍ପାନୀ ଏକ ଏଆଇ କ୍ୟାମେରା ପ୍ରସ୍ତୁତ କରିଛି । ଯାହା କୌଣସି ମହଙ୍ଗା ଲାବ୍ କିମ୍ବା ଓଜନିଆ ଉପକରଣ ବିନା କେବଳ ଏକ ସ୍ମାର୍ଟଫୋନ୍ ଜରିଆରେ ଖେଳାଳିଙ୍କ ଗତିବିଧି, ଚାଲିଚଳନ ଏବଂ ସଟ୍ଗୁଡ଼ିକୁ ବିଶ୍ଳେଷଣ କରିପାରିବ । ଏହି ଭିଜୁଆଲ୍ ଏଆଇ ପ୍ଲାଟଫର୍ମ କମ୍ପ୍ୟୁଟର ଭିଜନ ଏବଂ ବାୟୋମେକାନିକ୍ସ ବ୍ୟବହାର କରି କାମ କରୁଥିବାବେଳେ ଖେଳାଳିମାନେ ଏଥିରେ ନିଜ ଭିଡିଓ ଅପଲୋଡ୍ କରି ସଠିକ୍ ପ୍ରେସ୍-ଅପ୍ କୌଶଳ ଏବଂ ଏହାର ଉନ୍ନତି ପାଇଁ ବିଭିନ୍ନ ପ୍ରଶ୍ନ ମଧ୍ୟ ପଚାରିପାରିବେ । କମ୍ପାନୀର ପ୍ରତିଷ୍ଠାତାଙ୍କ ମତରେ, ଭାରତର ଜନସଂଖ୍ୟା ପ୍ରାୟ ୧୫୦ କୋଟି (୧.୫ ବିଲିୟନ) ହୋଇଥିଲେ ମଧ୍ୟ ବହୁତ କମ୍ ଲୋକ ଖେଳକୁଦରେ ଅଂଶଗ୍ରହଣ କରୁଥିବାରୁ ଏହି ଚ୍ୟାଲେଞ୍ଜକୁ ଦୂର କରିବାରେ ଏଆଇ ସହାୟକ ହୋଇପାରିବ । ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଆବେଦନ କରିଥିବାରୁ ଏହି ପ୍ରକାରର ଏଆଇ-ଆଧାରିତ ପ୍ରଯୁକ୍ତିବିଦ୍ୟା ଆଥଲେଟ୍ସମାନଙ୍କୁ ଚିହ୍ନଟ ଏବଂ ପ୍ରଶିକ୍ଷଣ ଦେବାରେ ସହାୟକ ହୋଇପାରେ । ତେବେ ଏହା ସମ୍ପୂର୍ଣ୍ଣ ଭାବରେ ନୂତନ ପ୍ରତିଭାକୁ ଚିହ୍ନଟ କରିପାରିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହାଉପରେ ଆହୁରି ପରୀକ୍ଷଣ ବାକି ରହିଛି ।

ହାଲୋଇନରେ ରୋବୋଟିକ ହାତ



ହାଲୋଇନ ଇଭେଣ୍ଟରେ ଅନେକ ରୋଚକ କଥା ବର୍ତ୍ତମାନ ଖୁବ ଭାଇରାଲ ହେଉଛି । ସେହିକ୍ରମରେ ହେଇଡି ଲୋକପ୍ରିୟ 'ଦି ଆଡାମ୍ସ ଫ୍ୟାମିଲି'ର 'ଥିଙ୍ଗ' ଚରିତ୍ରରୁ ପ୍ରେରଣା ପାଇ ସ୍ୱିଜରଲ୍ୟାଣ୍ଡର ଇଟିଏଚ୍ ଜୁରିକ୍ ବୈଜ୍ଞାନିକମାନେ ଏକ ଅଭିନବ ରୋବୋଟିକ୍ ହାତ ଉନ୍ମୋଚନ କରିଛନ୍ତି । ହାତଟି ନିଜ ଆଙ୍ଗୁଠିର ଟିପ ସାହାଯ୍ୟରେ ବିଭିନ୍ନ ପ୍ରକାରର ଭୂପୃଷ୍ଠରେ ଚାଲିବାକୁ ସକ୍ଷମ । ମାତ୍ର ୮୧୬ ଗ୍ରାମ ଓଜନ ବିଶିଷ୍ଟ ଏହି ରୋବୋଟିକ୍ ହାତଟି ତଳେ ପଡ଼ିଗଲେ ନିଜେ ଉଠିପାରିବା ସହ ବିଭିନ୍ନ ବସ୍ତୁକୁ ଠେଲି ଘୁଞ୍ଚାଇ ପାରେ । ଏଥିରେ ଏକ ବ୍ୟାଟେରୀ, କ୍ଷୁଦ୍ର କମ୍ପ୍ୟୁଟର ଓ ମୋସନ୍ ସେନ୍ସର ସଂଯୋଗ କରାଯାଇଥିବାରୁ ଏହା ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁଛି । ରୋବୋଟିସିଷ୍ଟ ରବର୍ଟ କାଟଜସ୍ମାନ୍ ଏବଂ ମୁଖ୍ୟ ଗବେଷକ ଅମୀରହୋସେନ୍ କାଜେମିପୁରଙ୍କ ସୂଚନା ଅନୁଯାୟୀ, ଭବିଷ୍ୟତରେ ଯେଉଁ ସଂକୀର୍ଣ୍ଣ ସ୍ଥାନକୁ ଏକ ସମ୍ପୂର୍ଣ୍ଣ ରୋବୋଟ୍ ପ୍ରବେଶ କରିପାରିବ ନାହିଁ, ସେଠାକୁ ଏହା ଯାଇପାରିବ । ସେଠାକୁ ଏହି ହାତଟି ଶରୀରରୁ ଅଲଗା ହୋଇ ଗୁରୁଣ୍ଡି ଗୁରୁଣ୍ଡି ଯାଇ ତଦାରଖ କରିବା, କୌଣସି ନିୟନ୍ତ୍ରଣ ଯନ୍ତ୍ର ଚଳାଇବା କିମ୍ବା ବସ୍ତୁ ସ୍ଥାନାନ୍ତର କରିବା ପରେ ପୁନର୍ବାର ଫେରି ଆସିପାରିବ । ଆଙ୍ଗୁଠିଗୁଡ଼ିକର ଭିନ୍ନ ଭିନ୍ନ ଲମ୍ବ ଏବଂ ଗୋଟିଏ ପାର୍ଶ୍ୱରେ ଚୁଡ଼ା ଆଙ୍ଗୁଠି ରହିଥିବାରୁ ଏହାର ସନ୍ତୁଳନ ରକ୍ଷା କରି ଚାଲିବା ଟିକେ କଷ୍ଟକର । ହେଲେମଧ୍ୟ ଗବେଷକମାନେ 'ରିଇନଫୋର୍ସମେଣ୍ଟ ଲର୍ଣ୍ଣିଂ' ପ୍ରକ୍ରିୟା ମାଧ୍ୟମରେ ଏହାକୁ ଘାସ, ଗୋଡ଼ି, କାଠ ଚଟାଣ ଏବଂ ପଥର ଭଳି ପୃଷ୍ଠରେ ଚାଲିବା ସହିତ ଭିଡିଓ ଗେମ୍ ଖେଳି କିବୋର୍ଡ ଚଳାଇବାର ପ୍ରଶିକ୍ଷଣ ଦେଇଛନ୍ତି ।

ମହାକାଶରେ ନୂଆ ମାଇଲ ଷ୍ଟୋନ

୧୯୭୭ ମସିହାରେ ପ୍ରେରିତ ନାସାର ମହାକାଶ ଯାନ 'ଭଏଗର ୧' ଆସନ୍ତା ବୁଧବାର, ନଭେମ୍ବର ୧୮ ତାରିଖରେ ପୃଥିବୀଠାରୁ 'ଏକ ଆଲୋକ-ଦିବସ' ଅର୍ଥାତ୍ ପ୍ରାୟ ୨୬ ବିଲିୟନ କିଲୋମିଟର ଦୂରତାରେ ପହଞ୍ଚିବାରେ ପ୍ରଥମ ମାନବ ନିର୍ମିତ ବସ୍ତୁ ଭାବେ ଇତିହାସ ରଚିବାକୁ ଯାଉଛି । ପ୍ରାୟ ୫୦ ବର୍ଷ ଧରି ଅନ୍ତରୀକ୍ଷରେ ନିରନ୍ତର ଯାତ୍ରା କରୁଥିବା ଏହି ଯାନଟି ୧୯୮୦ ମସିହାରେ ଶନି ଗ୍ରହର ମାଧ୍ୟାକର୍ଷଣ ସହାୟତାରେ ଘଣ୍ଟାପ୍ରତି ୩୬,୬୬୩ ମାଇଲ୍ ବେଗ ହାସଲ କରିଥିଲା । ୨୮ ବର୍ଷ ପୂର୍ବେ ଏହା 'ପାୟୋନିଅର ୧୦'କୁ ଅତିକ୍ରମ କରି ସବୁଠାରୁ ଦୂରକୁ ଯାଇଥିବା ମହାକାଶ ଯାନର ମାନ୍ୟତା ପାଇଥିଲା । ବର୍ତ୍ତମାନ ଏତେ ଦୂରତାରୁ ପୃଥିବୀରୁ ପଠାଯାଉଥିବା କୌଣସି ସଙ୍କେତ ଯାନ ନିକଟରେ ପହଞ୍ଚିବାକୁ ପୂରା ଗୋଟିଏ ଦିନ ସମୟ ଲାଗିବ । ଏହି ଐତିହାସିକ ମାଇଲଖୁଣ୍ଟର ପୂର୍ବ ସନ୍ଧ୍ୟାରେ ନାସା ପକ୍ଷରୁ ବିଶ୍ୱବାସୀଙ୍କୁ "ସାଇନ୍ ବ୍ରାଇଟ୍ ଫର୍ ଭଏଜର୍ସ ଲାଇଟ୍-ଡେ" ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି । ଯେଉଁଥିରେ ଲୋକମାନେ ଏକ ସ୍ୱତନ୍ତ୍ର ୱେବସାଇଟ୍ ମାଧ୍ୟମରେ ନିଜ ସ୍ମାର୍ଟଫୋନ୍ ଓ ଟାବଲେଟ୍‌ର ଫ୍ଲାସ୍ ଲାଇଟ୍ ବ୍ୟବହାର କରି ମୋର୍ସ କୋଡ୍ ଜରିଆରେ ଭଏଗରର କଲ୍ ସାଇନ୍ 'ଭିଜିଆର' ସଙ୍କେତ ପ୍ରଦର୍ଶନ କରିପାରିବେ । ମୂଳତଃ ମାତ୍ର ଚାରି ବର୍ଷ କାର୍ଯ୍ୟ କରିବା ପାଇଁ ନିର୍ମିତ ହୋଇଥିବା ଭଏଗର ୧, ଭଏଗର ୨ ପରେ ଉତକ୍ଷେପଣ ହୋଇଥିଲେ ମଧ୍ୟ ଦ୍ରୁତ ଗତି ଯୋଗୁଁ ୧୯୭୭ ଡିସେମ୍ବର ୧୫ରେ ତାହାକୁ ଅତିକ୍ରମ କରି ସୌରଜଗତର ସୀମା ବା 'ହେଲିଓସ୍ପିୟର' ପାର ହୋଇଥିଲା । ବର୍ତ୍ତମାନ ଏହା 'ଏକ୍ସ-ବ୍ୟାଣ୍ଡ' ଟ୍ରାନ୍ସମିଟର ବ୍ୟବହାର କରି ସେକେଣ୍ଡ ପ୍ରତି ମାତ୍ର ୧୬୦ ବିଟ୍ସ ବେଗରେ ତଥ୍ୟ ପଠାଉଥିବା ବେଳେ ଶକ୍ତି କ୍ଷୟ କାରଣରୁ ୨୦୩୦ ଦଶକରେ ଏହାର ବୈଜ୍ଞାନିକ ଯନ୍ତ୍ରପାତି ବନ୍ଦ ହୋଇଯିବ । ୨୦୩୬ ମସିହା ସୁଦ୍ଧା ପୃଥିବୀ ସହ ଏହାର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବ ବୋଲି ଆକଳନ କରାଯାଇଛି ।



ହରର ଫିଲ୍ମରେ ବରୁଣ



ଯଶରାଜ ଫିଲ୍ମସ୍ ପକ୍ଷରୁ ଏକ ହରର ଫିଲ୍ମ ପ୍ରସ୍ତୁତ ହେବାକୁ ଯାଉଛି, ଯେଉଁଥିରେ ଅଭିନେତା ବରୁଣ ଧୱନ୍ ମୁଖ୍ୟ ଭୂମିକାରେ ଅଭିନୟ କରିବେ । ଅଭିନେତା ତଥା ନିର୍ଦ୍ଦେଶକ ଅଭୟ ପନ୍ନୁ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ବୋଲି ଜଣା ପଡିଛି । ଏହି ଅନଟାଇଟେଲ୍ଡ ଫିଲ୍ମ ଜରିଆରେ ପ୍ରେମ, ଆକ୍ସନ୍, ଡ୍ରାମା, କମଡ଼ି ଓ ଥ୍ରୀଲର୍ ପରେ ୱାଇଆରଏଫ୍ ପ୍ରଥମ ଥର ପାଇଁ ବଡ଼ ପରଦାରେ ଏକ ବୃହତ୍ ସ୍ତରୀୟ ହରର ସିନେମା ରିଲିଜ କରିବାକୁ ଯାଉଛି । ବରୁଣ ଧୱନ୍ ଏହି ପ୍ରୋଜେକ୍ଟ ଜରିଆରେ ୱାଇଆରଏଫ୍ ସହ ଦ୍ୱିତୀୟ ଥର ପାଇଁ କାମ କରିବେ । ଏହି ଫିଲ୍ମ ମାଧ୍ୟମରେ ବରୁଣ ନିଜର ଏକ ନୂଆ ରୂପ ଦର୍ଶକଙ୍କୁ ଭେଟିଦେବେବୋଲି ଆଶା ରଖିଛନ୍ତି । ସେହିଭଳି ପ୍ରୋଜେକ୍ଟ ନେଇ ଘୋଷଣା ହେବାପରେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ବରୁଣଙ୍କ ଫ୍ୟାନମାନେ ଏହି ଫିଲ୍ମକୁ ନେଇ ଖୁବ ଉତ୍ସାହିତ ଅଛନ୍ତି ।







ମାଲକାନଗିରିରେ ରାଜ୍ୟ ସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଓଡିଶା ଶିଶୁ ଅସ୍ଥିଶଲ୍ୟ ସଂଘର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, (ସବୁ୍ୟ) : ଓଡିଶା ଶିଶୁ ଅସ୍ଥିଶଲ୍ୟ ସଂଘର ବାର୍ଷିକ ସମ୍ମିଳନୀ ୧୪ ଓ ୧୫ ତାରିଖରେ ଭୁବନେଶ୍ୱର ହୋଟେଲ ବେଲଫୋର୍ଟ ଓ କଟକ ଟାଙ୍ଗୀ ପଦ୍ମିନୀ କେୟାର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଶିଶୁମାନଙ୍କର ହାଡଭଙ୍ଗା ଓ ଜଟିଳତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିରେ ବିଶେଷଜ୍ଞ ଭାବେ ପୁନେର ଡାକ୍ତର ସନ୍ଦୀପ ପଟ୍ଟବର୍ଦ୍ଧନ, ଅହମ୍ମଦାବାଦର ଡାକ୍ତର ପ୍ରେମଲ ନାୟକ ଓ ବମ୍ବେର ଡାକ୍ତର ତରଳନାଗଡା ଏବଂ ଡାକ୍ତର ବିନୋତି ସେଠ୍ ଯୋଗ ଦେଇଥିଲେ । ଓଡିଶା ଅସ୍ଥିଶଲ୍ୟ ସଂଘର ସଭାପତି ଡକ୍ଟର ବସନ୍ତ ବେହେରା, ସମ୍ପାଦକ ଡାକ୍ତର ସତ୍ୟ ନାୟକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଓଡିଶା ଶିଶୁ ଅସ୍ଥିଶଲ୍ୟ ସଂଘର ସଭାପତି ଡାକ୍ତର ରାମ ନାରାୟଣ ମହାନ୍ତି, ସମ୍ପାଦକ



ଡାକ୍ତର ଶକ୍ତିପ୍ରସାଦ ଦାସ, ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସଞ୍ଜୟ ଦାସ, ଡାକ୍ତର ବିଶ୍ୱଜିତ ସାହୁ, ଡାକ୍ତର ବିଭୂଦତ୍ତ ସାହୁ,ଡାକ୍ତର ଅନିଲ ପଣ୍ଡା , ଡାକ୍ତର ସୁଧୀର ମହାପାତ୍ର ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ । ଏହି ସମ୍ମିଳନୀରେ ଶତାଧିକ ଅସ୍ଥିଶଲ୍ୟ ବିଶେଷଜ୍ଞ ଯୋଗ ଦେଇଥିଲେ । ପଦ୍ମିନୀ କେୟାର ଟାଙ୍ଗୀଠାରେ ଆୟୋଜିତ ସମ୍ମିଳନୀକୁ ଡ୍ରିମ୍ସ ଗ୍ରୁପର ଅଧକ୍ଷ ଡାକ୍ତର ପ୍ରମୋଦଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ ।

ଓସ୍କାର ସିଟି ୱେଲଫେୟାର ଆସୋସିଏସନ୍ ନିର୍ବାଚନ-୨୦୨୬

ଭୁବନେଶ୍ୱର, (ସବୁ୍ୟ) : ଭୁବନେଶ୍ୱରର ଲକ୍ଷ୍ମୀସାଗର କେନାଲ ରୋଡ୍‌ସ୍ଥିତ ଓସ୍କାର ସିଟି ୱେଲଫେୟାର ଆସୋସିଏସନ୍‌ର ୨୦୨୬ ମସିହା ପାଇଁ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ନିର୍ବାଚନ ତାରିଖ ୧୫ ନଭେମ୍ବର ୨୦୨୬ ରବିବାର ଦିନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ମୋଟ ୨୯୫ ଜଣ ଭୋଟଦାତାଙ୍କ ମଧ୍ୟରୁ ୧୫୮ ଜଣ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ । ନିର୍ବାଚନ ଫଳାଫଳ ଅନୁଯାୟୀ ସଭାପତି ପଦ ପାଇଁ ଦେବେନ୍ଦ୍ର ମହାପାତ୍ର ବିଜୟୀ ହୋଇଥିବାବେଳେ ଉପସଭାପତି ଭାବେ ଭରତ କୁମାର ଦାସ, ସମ୍ପାଦକ ଭାବେ ଭୁବନ ମୋହନ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପରିଡ଼ା, କୋଷାଧକ୍ଷ ଭାବେ ପ୍ରସନ୍ନ କୁମାର ସାହୁ ଏବଂ ସହକାରୀ କୋଷାଧକ୍ଷ ଭାବେ ପ୍ରଦୀପ କୁମାର ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିଚିତ୍ରାନନ୍ଦ ଜେନା, ବିମଳ କୁମାର ପ୍ରଧାନ ଏବଂ ସୁରେନ୍ କୁମାର ଜେନା ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଓସ୍କାର ସିଟିର ସମସ୍ତ ବାସିନ୍ଦା ଓ ସଦସ୍ୟମାନଙ୍କ ପ୍ରତି କୃତଜ୍ଞତା ଜଣାଇବା ସହିତ ସେମାନଙ୍କ ଆସ୍ଥା, ବିଶ୍ୱାସ ଓ ସମର୍ଥନକୁ ସମ୍ମାନ ଜଣାଇ ସମସ୍ତଙ୍କୁ ସାଙ୍ଗରେ ନେଇ କାର୍ଯ୍ୟ କରିବାର ସଂକଳ୍ପ ପ୍ରକାଶ କରିଛନ୍ତି । ନୂତନ କମିଟିର ମୁଖ୍ୟ ଲକ୍ଷ୍ୟ ହେବ ଓସ୍କାର ସିଟିର ସର୍ବାଙ୍ଗୀନ ବିକାଶ, ସୁରକ୍ଷିତ ଓ ସୁସ୍ଥ ପରିବେଶ ସୃଷ୍ଟି, ପରିମଳ ଓ ସ୍ୱଚ୍ଛତାର ଉନ୍ନତି, ରାସ୍ତାଘାଟ ଓ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ସୁଦୃଢ଼ୀକରଣ, ନିରବଚ୍ଛିନ୍ନ ଜଳ ଓ ବିଦ୍ୟୁତ୍ ସୁବିଧା, ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତି ଏବଂ ସମଗ୍ର ଅଞ୍ଚଳର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବା ।

ଏନଏମଆଇଇଟି ପକ୍ଷରୁ ଏଚଆର୍ କନକ୍ଲେଭ "ପିପୁଲ୍‌ଭର୍ସ ୨୦୨୬'

ଭୁବନେଶ୍ୱର(ସବୁ୍ୟ) : ଭୁବନେଶ୍ୱରସ୍ଥିତ ଏନଏମ ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଏନଏମଆଇଇଟି) ପକ୍ଷରୁ ଏକ ଦିବସୀୟ ଏଚଆର୍ କନକ୍ଲେଭ "ପିପୁଲ୍‌ଭର୍ସ ୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଶିଳ୍ପ ଓ ଶିକ୍ଷାଜଗତ ଗୋଟିଏ ମଞ୍ଚରେ ଏକାଠି ହୋଇ କୃତ୍ରିମ ବୁଦ୍ଧିମତା ଓ ମାନବିକ ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ । ପିନାକିଲ ଆନୁକୂଲ୍ୟରେ ଏନଆଇପିଏମ ଓ ଓଡ଼ିଶା ଗୋ-ଏଚଆର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦ରୁ ଅଧିକ କମ୍ପାନିର ମାନବସମ୍ବଳ ଅଧିକାରୀ ଓ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଥମ ଅଧିବେଶନରେ ଏଏବିଏସୱାଇଏସ ଆଇଟିର ଏଜିଏମ ରୋଜି ଦାସ, ଆର୍‌ଏଆଇଇର ସିଏମ୍‌ଡି ରମଣ କୁମାର ଅଗ୍ରୱାଲ, ଇନଫୋସିସ୍ ବରିଷ୍ଠ ନିର୍ଦ୍ଦେଶକ ମନୀଷ ପାଣ୍ଡେ, ବାୟୁସେନାର ପୂର୍ବତନ ଗ୍ରୁପ କ୍ୟାପେଫନ ସଞ୍ଜୀବ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ । ୨୦୨୩୦ ମସିହା ସୁଦ୍ଧା ଶିଳ୍ପ ଓ ଶିକ୍ଷାଜଗତରେ ଅଧିକ ନିଯୁକ୍ତି ସୃଷ୍ଟି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଦ୍ୱିତୀୟ ଅଧିବେଶନରେ କ୍ଲୋରୋଫିଲ ଫାଉଣ୍ଡେସନ ସିଇଓ ଆଦର୍ଶ ରଥଙ୍କ ପରିଚାଳନାରେ ଆୟୋଜିତ ଆଲୋଚନାରେ ଟାଟା ଷ୍ଟିଲ ପୂର୍ବତନ ନିର୍ବାହୀ ଅଧିକାରୀ ପାର୍ଥସାରଥି ମିଶ୍ର, ଆଇଓସିଏଲର ପ୍ରାକ୍ତନ ନିର୍ଦ୍ଦେଶକ ଆର କେ ମହାପାତ୍ର,



ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଅରୁନ୍ଧତୀ ବିଶ୍ୱାଳ, ଷ୍ଟାର୍ଟଅପ ଓଡ଼ିଶା ପକ୍ଷରୁ ସୁରେଶ ସାହୁ ଯୋଗଦେଇଥିଲେ । ଏନଏମଆଇଇଟିର ଅଧକ୍ଷା ରିଚା ପରିଡା ,ଉପାଧକ୍ଷା ଶିକ୍ଷା ପରିଡା,ପ୍ରିନ୍ସିପାଲ ନିରଞ୍ଜନ ମିଶ୍ର, ନିର୍ଦ୍ଦେଶକ ଅନ୍ୱେଷ କୁମାର ଦାସ, ନିର୍ଦ୍ଦେଶକ ବିଘ୍ନେଶ ରାୟ, ପିନାକିଲ ଏଚଆର୍ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱ-ସ୍ୱାଗତମ୍ | Welcome | स्वागतम्

ଓଡ଼ିଶା ବିଧାନ ସଭା
Odisha Legislative Assembly



Chief Guest
Shri C.P. Radhakrishnan
Hon'ble Vice President of India



Shri Brajmohan Ram
Hon'ble Governor of Odisha



Shri Mohan Charan Majhi
Hon'ble Chief Minister of Odisha



Smt Surama Padhy
Hon'ble Speaker of
Odisha Legislative Assembly

Orientation Programme
for the Hon'ble Members
of the 17th Odisha Legislative Assembly

16th November 2026
Venue: Mayfair Sanctuary, Bhubaneswar

OIPR: 9001/9015/2/26-27/0001 9001/182/2627

ଚାକିରି କରାଇ ଦେବାକୁ କହି ୧୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆ ଲିମିଟେଡ୍‌ର ଚାକିରି କରାଇ ଦେବାକୁ କହି ଜଣେ ଯୁବକଙ୍କ ଠାରୁ ୧୦ଲକ୍ଷ ୫୩ ହଜାର ଟଙ୍କା ଠକି ନେଇଥିବା ଅଭିଯୁକ୍ତ ପ୍ରଶାନ୍ତ କୁମାର ଦାସ (୪୦)ଙ୍କୁ ପାହାଳ ଥାନା ପୋଲିସ ଗିରଫ କରିଛି । ରୁଦ୍ରପୁରସ୍ଥିତ ବିଷ୍ଣୁବିହାର ଗୋକୁଳଧାମ ସୋସାଇଟିରେ ରହୁଥିବା ଅଭିଯୋଗକାରୀ ରଶ୍ମିମାନ ବିଶ୍ୱାଳଙ୍କ ପଡୋଶୀ ଭାବେ କଟକ ବଡମ୍ବା ଅଞ୍ଚଳର ଅଭିଯୁକ୍ତ ପ୍ରଶାନ୍ତ ଭଡାରେ ରହୁଥିଲେ । ପ୍ରାୟ ଦେଢବର୍ଷର ପରିଚୟ ଓ ବନ୍ଧୁତାର ସୁଯୋଗ ନେଇ ୨୦୨୫ ମସିହା ଅଗଷ୍ଟ ମାସରେ ଅଭିଯୁକ୍ତ ବିଭିନ୍ନ ସରକାରୀ ଦପ୍ତରରେ ନିଜର ଭଲ ସମ୍ପର୍କ ଥିବା ମିଛ ପ୍ରତିଶ୍ରୁତି ଦେଇଥିଲେ । ଗେଲ୍ ଇଣ୍ଡିଆ ଲିମିଟେଡ୍‌ର ଅପରେସନ ବିଭାଗରେ ସ୍ଥାୟୀ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ୧୫ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ହେବ ବୋଲି ସେ ଅଭିଯୋଗକାରୀଙ୍କୁ କହିଥିଲେ । ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ନିଜ ବ୍ୟାଙ୍କ ଆକାଉଣ୍ଟରୁ ଅନ୍‌ଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ୧୦ଲକ୍ଷ ୫୩ ହଜାର ଟଙ୍କା ଦେଇଥିଲେ । ଚଳିତବର୍ଷ ଅଗଷ୍ଟ ମାସରେ ଚାକିରି ସମ୍ପର୍କରେ ପଚାରିବାରୁ ଅଭିଯୁକ୍ତ ସମୟ ଗଡାଇ ଚାଲିଥିଲେ ଏବଂ ପରବର୍ତ୍ତୀ ସମୟରେ ସୁଇଚ୍ ଅଫ୍ କରି ଆତ୍ମଗୋପନ କରିଥିଲେ । ବହୁ ଖୋଜଖବର କରି ଅଭିଯୁକ୍ତଙ୍କୁ ପାଇବା ପରେ ସେ ଓଲଟା ଆଉ ୪ଲକ୍ଷ ଟଙ୍କା ଦାବି କରିଥିଲେ । ଉଭୟଙ୍କ ମଧ୍ୟରେ କଳିଝଗଡା ହେବାରୁ ପ୍ରଶାନ୍ତ କୁମାର ଦାସ ଅଭିଯୋଗକାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ସେ ଉପାୟଶୂନ୍ୟ ହୋଇ ପାହାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ପ୍ରଶାନ୍ତକୁ ଗିରଫ କରି ରବିବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଜନଜାତୀୟ ଗୌରବ ଦିବସ

ଜନଜାତିଙ୍କ ସାମଗ୍ରିକ ବିକାଶ ପାଇଁ ମୋଦି ସରକାର ପ୍ରାଧାନ୍ୟ ଦେଇଆସୁଛନ୍ତି: ଡ. ସ୍ୱଦେଶ ସିଂହ

ଭୁବନେଶ୍ୱର, (ସବ୍ୟୁ) : ୧୮୯୭ ରୁ ୧୯୦୦ ମସିହା ମଧ୍ୟରେ ଶ୍ରୀ ମୁଣ୍ଡା ବ୍ରିଟିଶ ସହ ଲଢ଼େଇ କରିଥିଲେ। ଉନ୍ନବିଂଶ ଶତାବ୍ଦୀରେ ଦେଶରେ ଇଂରେଜ ଶାସନ କାଳରେ ବିର୍ସା ମୁଣ୍ଡା ଝାଡଖଣ୍ଡର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକାଠି କରି ବିପ୍ଳବ ଆରମ୍ଭ କରିଥିଲେ। ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ କ୍ରୀତଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧାଭାବେ ଲଢ଼େଇ କରି ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତିମନ୍ତ ପ୍ରତୀକ ପାଲଟିଥିଲେ। ବିର୍ସା ମୁଣ୍ଡା ଦେଶର ସଂସ୍କୃତିର ରକ୍ଷକ ଥିଲେ। ଲୋକଙ୍କୁ ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇଥିଲେ ବୋଲି ରାଷ୍ଟ୍ରୀୟ ସମ୍ପାଦକ ଓ ରାଜ୍ୟ ସହ ପ୍ରଭାରୀ ଡ. ସ୍ୱଦେଶ ସିଂହ କହିଛନ୍ତି। ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମ ଜୟନ୍ତୀ ଅବସରରେ ବିଜେପି ଜନଜାତି ମୋର୍ଚ୍ଚା, ଭୁବନେଶ୍ୱର ସାଙ୍ଗଠନିକ



ଜିଲ୍ଲା ପକ୍ଷରୁ ଭୁବନେଶ୍ୱର ସାଲିଆ ସାହି ସ୍ଥିତ ହାତିଆଶୁଣୀ ଛକ ନିକଟରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଛି। ଏହି ଅବସରରରେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଡ. ସିଂହ କହିଛନ୍ତି ଯେ, ଭଗବାନ ବିର୍ସା ମୁଣ୍ଡା ଯେଉଁ ସମାଜର ସ୍ୱାଭିମାନ, ଅଧିକାର ଓ ସମ୍ମାନ ପାଇଁ ସଂଘର୍ଷ କରିଥିଲେ। ସେହି ସମାଜକୁ ବିକାଶର ମୁଖ୍ୟସ୍ରୋତରେ ସମ୍ମାନଜନକ ଭାଗିଦାରୀ ପ୍ରଦାନ କରିବା ଆଜି ଆମର ଜାତୀୟ ଦାୟିତ୍ୱ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜନଜାତି ସମାଜର ସମ୍ମାନ, ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ସାମାଜିକ ଆର୍ଥିକ ବିକାଶକୁ ବିଶେଷ ପ୍ରାଥମିକତା ଦେଇଆସୁଛନ୍ତି। ଆଜିର ଦିନରେ ତାଙ୍କର ଏହି ସ୍ମୃତିକୁ ମନେ ପକାଇ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଡ. ସିଂହ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ବରିଷ୍ଠ ଆଦିବାସୀ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶିନୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଗଙ୍ଗାରାମ ସୋରେନ, ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ହରିଶ ମୁର୍ମୁଙ୍କ ସମେତ ବିଜେପି ଜନଜାତି ମୋର୍ଚ୍ଚା ଓ ଭୁବନେଶ୍ୱର ବିଜେପି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

କିଟ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଛଟ୍ ପୂଜା

ଭୁବନେଶ୍ୱର (ସବ୍ୟୁ) : କିଟ୍ ବିଶ୍ୱବିଦ୍ୟାଳୟରେ ଉତ୍ତର ଭାରତର ଗଣପର୍ବ ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟରେ



ପଢୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ। ଛଟ୍ ପୂଜା ଅବସରରେ ଶ୍ରୀ ସାମନ୍ତ ସମବେତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇବା ସହ ଛଠି ମାଆ ସମସ୍ତଙ୍କୁ ସୁସ୍ଥ ରଖିବା ସହ ସୂର୍ଯ୍ୟଦେବ ସମସ୍ତଙ୍କ ଜୀବନରେ ଭଲପାଇବା, ଖୁସି, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରନ୍ତୁ ବୋଲି କାମନା କରିଥିଲେ। ସୂଚନାଯୋଗ୍ୟ, କିଟ୍‌ରେ ବିଭିନ୍ନ ରାଜ୍ୟ ଓ ଭାଷାଭାଷୀର ଛାତ୍ରଛାତ୍ରୀମାନେ ପାଠ ପଢୁଥିବାବେଳେ ବର୍ଷର ବିଭିନ୍ନ ସମୟରେ ସେମାନଙ୍କର ବିଭିନ୍ନ ପର୍ବ ଏଠାରେ ପାଳନ କରାଯାଇଥାଏ।

ଜୁଆଆଡାରେ ପୁଲିସର ଅତର୍କିତ ଚଢ଼ାଉ

୬ ଅଭିଯୁକ୍ତ ଗିରଫ, ୩୨ ହଜାର ଟଙ୍କା ସହ ତାସ ଜବତ

ପୁରୀ, (ସବ୍ୟୁ) : ଶ୍ରୀକୃଷ୍ଣ ସିନେମା ହଲ୍ ଗଳିରେ ଏକ ସେଲୁନ୍ ଦୋକାନରେ ଚାଲିଥିବା ଜୁଆଖେଳ ଆଡା ଉପରେ ଟାଉନ୍ ଥାନା ପୁଲିସ ଅତର୍କିତ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ଏନେଇ ଟାଉନ୍ ଥାନାରେ କେସ୍ ନମ୍ବର ୭୮୪/୨୦୨୬ ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ଶ୍ରୀକୃଷ୍ଣ ସିନେମା ହଲ୍ ଗଳିରେ ଥିବା ଏକ ସେଲୁନ୍ ଦୋକାନରେ କେତେକ ବ୍ୟକ୍ତି ତାସ ମାଧ୍ୟମରେ ଟଙ୍କା ବାଜି ଲଗାଇ ଜୁଆ ଖେଳୁଥିବା ଖବର ପୁଲିସ ପାଇଥିଲା। ଦୋକାନର ମୁଖ୍ୟ ଦ୍ୱାରକୁ କପଡ଼ାରେ ଆବୃତ କରି ଜୁଆ ଖେଳ ଚାଲିଥିଲା। ଖବର ପାଇ ଟାଉନ୍ ଥାନା ପୁଲିସ ସେଠାରେ ଅତର୍କିତ ଚଢ଼ାଉ କରି



୬ ଜଣଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଚୁଡ଼ଙ୍ଗ ସାହିର ବିଜୁ ଓରଫ ବିଜୟ ଭୋଳ (୩୦), ଟିଟନ୍ ଓରଫ ଜ୍ଞାନରଞ୍ଜନ ବେହେରା (୩୧), ତ୍ରିଦେବ ନଗର, ମାର୍କଣ୍ଡେଶ୍ୱର ସାହିର ନୀଳମାଧବ ମହାନ୍ତି (୩୩), ବାଲିସାହିର ସୁକୁମାର ପାଢ଼ୀ (୪୮), ମିଶ୍ର ସାହି, ମାର୍କଣ୍ଡେଶ୍ୱର ସାହିର ଶିବା ଓରଫ ଶିବପ୍ରସାଦ ପରିଡ଼ା (୫୧) ଏବଂ ସଦର ଥାନା ଅଧୀନ ଗୋପାଳପୁରର ସାହେବ ଦାସ (୫୮)। ପୁଲିସ ଜୁଆ ଆଡାରୁ ନଗଦ ୩୨ ହଜାର ଟଙ୍କା, ୪ଟି ମୋବାଇଲ ଫୋନ୍ ଓ ୫୫ଟି ତାସପତ୍ର ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଆଜି ଏସ୍‌ଡିଜେଏମ୍, ପୁରୀଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି। ଜୁଆଖେଳ ଓ ନିଶା କାରବାର ବିରୋଧରେ ପୁରୀ ପୁଲିସର ଚଢ଼ାଉ ଓ ଏନ୍‌ଫୋର୍ସମେଣ୍ଟ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

ତମାଖୁ ବିରୋଧରେ ସଚେତନତା: ପୁରୀରେ ସାଇକେଲ ରାଲି ଓ ୱାକାଥନ୍

'ତମାଖୁ ହଟାଅ, ଜୀବନ ବଞ୍ଚାଅ ସ୍ଲୋଗାନରେ କମ୍ପିଲା ଶ୍ରୀକ୍ଷେତ୍ର

ପୁରୀ, (ସବ୍ୟୁ) : 'ତମାଖୁ ହଟାଅ, ଦେଶ ବଞ୍ଚାଅଦ, 'ତମାଖୁ ହଟାଅ, ପରିବେଶକୁ ସନ୍ତୁଳିତ କରଦ, 'ତମାଖୁ ହଟାଅ, ଜୀବନ ବଞ୍ଚାଅଦ ଏବଂ 'ପାନ, ବିଡ଼ି, ସିଗାରେଟ୍ ନୁହେଁ ଛୋଟିଆ ନିଶା, ଧୀରେ ଧୀରେ କରି ଟାଣେ ପଇସାଦ ଭଳି ସଚେତନତାମୂଳକ ସ୍ଲୋଗାନରେ ମୁଖରିତ ହୋଇଥିଲା ଶ୍ରୀକ୍ଷେତ୍ର। ତମାଖୁ ସେବନର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପୁରୀରେ ଏକ ବିଶାଳ ସାଇକେଲ ରାଲି ଓ ୱାକାଥନ୍ ଆୟୋଜିତ ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି ସଚେତନତା ରାଲିରେ ମିଶନ



ଓଡ଼ିଶାର ସ୍ୱେଚ୍ଛାସେବୀ, ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ, ଇଂଲିଶ ଏକାଡେମୀର ଛାତ୍ରଛାତ୍ରୀଙ୍କ ସମେତ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଅଂଶଗ୍ରହଣକାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସାଇକେଲ ରାଲି ଓ ୱାକାଥନ୍ ମାଧ୍ୟମରେ ପରିକ୍ରମା କରି ପୁନର୍ବାର ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଅବସରରେ ତମାଖୁ ସେବନ ଦ୍ୱାରା ହେଉଥିବା ଶାରୀରିକ କ୍ଷତି, କର୍କଟ ରୋଗର ଆଶଙ୍କା ଏବଂ ଏହାର ସାମାଜିକ ଓ ଆର୍ଥିକ କୁପ୍ରଭାବ ସମ୍ପର୍କରେ ସ୍ଲୋଗାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହଯୋଗରେ ମିଶନ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ଯୋଗଦେଇ ତମାଖୁମୁକ୍ତ ସମାଜ ଗଠନ ଓ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ନୂଆବଜାର ସେଣ୍ଟ ଜାଭିୟର୍ସ ସ୍କୁଲରେ 'ପାଣ୍ଡା କବ୍ବ ଶିଶୁ ବିକାଶ କେନ୍ଦ୍ର ଉଦ୍‌ଘାଟିତ

କଟକ, (ସବ୍ୟୁ) : ଶିଶୁ ଦିବସ ଅବସରରେ ନୟାବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲ ପରିସରରେ 'ପାଣ୍ଡା କବ୍ବ ଶିଶୁ ବିକାଶ କେନ୍ଦ୍ରର ଉଦ୍‌ଘାଟନ ଶନିବାର ହୋଇଯାଇଛି। ଏହି ଉତ୍ସବରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଉତ୍ସବରେ କଟକ ମହାନଗର ନିଗମର ମେୟର ସୁଭାଷ ସିଂହ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ (କୁନା ତ୍ରିପାଠୀ) ଅତିଥି ଭାବେ



ଯୋଗଦେଇଥିବାବେଳେ ପୂର୍ବତନ କର୍ପୋରେଟର ତାପସ ରଞ୍ଜନ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡକ୍ଟର ପ୍ରଭୁ ଚରଣ ମହାନ୍ତି ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ଅଭିଭାବକମାନଙ୍କୁ କହିଥିଲେ ଯେ, ପ୍ରତ୍ୟେକ ଶିଶୁର ସାମଗ୍ରିକ ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ଏଥିରେ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି ଓ ପାଣ୍ଡା କବ୍ବର ପ୍ରତିଷ୍ଠାତା ସମର୍ଥ ମହାନ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରଦୀପ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସମଗ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଶିଶୁ ବିକାଶ କେନ୍ଦ୍ରର ଶୁଭାରମ୍ଭ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲର ଶିକ୍ଷା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା, ଦକ୍ଷତା ଓ ବ୍ୟକ୍ତିତ୍ୱର ବିକାଶ ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଏହା ବିଦ୍ୟାଳୟର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।

ଭଗବାନ ବିର୍ସା ମୁଣ୍ଡାଙ୍କ ଉଲଗୁଲାନ ଏକ ଐତିହାସିକ ବିପ୍ଳବ: ରାଜ୍ୟପାଳ

ସାହିତ୍ୟ ଅକାଦେମି ଆୟୋଜିତ ଅଖିଳ ଭାରତୀୟ ଆଦିବାସୀ ଲେଖକ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,(ସବ୍ୟୁ) : ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଦୁଇଦିନିଆ ଅଖିଳ ଭାରତୀୟ ଆଦିବାସୀ ଲେଖକ ସମ୍ମିଳନୀ ଉଦଘାଟିତ ହୋଇଯାଇଛି । ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ "ଜନଜାତୀୟ ଗୌରବ ଦିବସ' ପାଳନ ଉପଲକ୍ଷେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ଜାତୀୟ ସ୍ତରୀୟ ସାହିତ୍ୟିକ ସମାବେଶରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଆଦିବାସୀ ଭାଷାର ଲେଖକ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀକୁ ରାଜ୍ୟପାଳ ବ୍ରଜମୋହନ ରାମ ଉଦଘାଟନ କରିବା ପୂର୍ବକ ଜନଜାତି ସାହିତ୍ୟର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ଓଡ଼ିଶାର ସାଂସ୍କୃତିକ ଚେତନାରେ ଜନଜାତୀୟ ପରମ୍ପରାଗୁଡ଼ିକର ଅବଦାନ ଅତ୍ୟନ୍ତ ଗଭୀର ଓ ଗୁରୁତ୍ୱପୂର୍ଣ୍ଣ । ମହେନ୍ଦ୍ରଗିରି ଓ ପୂର୍ବଘାଟର ପାର୍ବତ୍ୟ ଅଞ୍ଚଳ ଶତାବ୍ଦୀ ଶତାବ୍ଦୀ ଧରି ଜନଜାତୀୟ ଜୀବନ, ଆସ୍ଥା ଓ ପରମ୍ପରାର ପ୍ରମୁଖ କେନ୍ଦ୍ର ହୋଇ ରହିଆସିଛି । ପ୍ରକୃତି ଉପାସନା, ଦାରୁ ଦେବତା ଓ ପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହା ହିଁ ଭାରତର ଆତ୍ମା, ଯାହା ବିବିଧତା ମଧ୍ୟରେ ଏକତା ଏବଂ ବିଭିନ୍ନ ସାଂସ୍କୃତିକ ପରମ୍ପରାର ସହାବସ୍ଥାନରେ



ପ୍ରତିଫଳିତ ହୋଇଥାଏ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଆଦିବାସୀ ଜନଜୀବନ ଓ ସାହିତ୍ୟ ସମାଜର କେବଳ ପରିଚୟ ନୁହେଁ, ବରଂ ସମଗ୍ର ଭାରତବର୍ଷର ଏକ ଅଭିନ୍ନ ଅଙ୍ଗ ବୋଲି କହିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସାହିତ୍ୟ ଅକାଦେମିର ସଚିବ ଡକ୍ଟର ବରୁଣ ଗୁଲାଟି ପ୍ରାରମ୍ଭିକ ଅଭିଭାଷଣରେ ଭଗବାନ ବିର୍ସା ମୁଣ୍ଡାଙ୍କର ଉଲ୍‌ଗୁଲାନ ଏକ ଐତିହାସିକ ବିପ୍ଳବ, ଏହା ଜଳ, ଜଙ୍ଗଲ, ମାଟି, ଅସ୍ମିତା ଓ ସ୍ୱାଭିମାନର ଉତ୍‌ଥାନ ବୋଲି ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ ଆଦିବାସୀ ଲେଖକ ଡକ୍ଟର ପି. ଶିବରାମକୃଷ୍ଣ ମୂଳ ଭାଷଣ ପ୍ରଦାନ କରିଥିଲେ । ସମ୍ମିଳନୀର ପ୍ରଥମ ଅଧିବେଶନରେ କେ. ଏମ. ମୈତ୍ରୀଙ୍କ ଅଧ୍ୟକ୍ଷତାରେ ଆଦିବାସୀ ଭାଷା ସଂରକ୍ଷଣର ମହତ୍ତ୍ୱ ପ୍ରସଙ୍ଗରେ ଆଲୋଚନା କରିଥିଲେ ଗୌରହରି ଦାସ, ଦିଲୀପ କୁମାର କଲିତା, ଧର୍ମେନ୍ଦ୍ର କୁମାର ପରେ ଏବଂ ଉପେନ୍ଦ୍ର ଅନୁ । ଦିତୀୟ ଅଧିବେଶନରେ ବହୁଭାଷୀ କ୍ଷୁଦ୍ରଗଳ୍ପ ପାଠ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଗ୍ୟେଶ ଝା ସଭାପତିତ୍ୱ କରିଥିବାବେଳେ ଗଳ୍ପପାଠ କରିଥିଲେ ଶେଯଲ ରାଠଓ୍ୱା, ଇମଲା ନରେ, ଦାନେଶ ପଞ୍ଚାଲ ଏବଂ ମାହେଶ୍ୱରୀ ଗଭାତ । ତୃତୀୟ ଅଧିବେଶନରେ ବହୁଭାଷୀ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ଚୈତନ୍ୟ ପ୍ରସାଦ ମାଝୀ ଏବଂ କବିତା ପାଠ କରିଥିଲେ ରପାବେନଲା, ରୋଜାମେରୀ ସାଙ୍ଗମା, ଓ୍ୱେଲସିଂ ହାନସେ, ଲାଲନୁମାଇ ଏବଂ ନବମ ନାକା ହୀନା । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସାହିତ୍ୟ ଅକାଦେମିର ଉପ ସଚିବ ଏନ ସୁରେଶ ବାବୁ । ଏହି କାର୍ଯ୍ୟକ୍ରମରେ ୧୫ରୁ ଉର୍ଦ

Federal Bank

HYDERABAD ZONAL OFFICE

Sixth Floor, MPM Time Square Mall, Road No.1, Dwarakapuri, Punjagutta, Hyderabad, Telangana-500082. Email: hydz@federal.bank.in

PUBLIC NOTICE FOR AUCTION OF GOLD

NOTICE is hereby given to the general public and in particular to the borrowers that the borrowers have failed to repay the gold loans mentioned below and redeem the gold jewellery pledged within the stipulated time in spite of several reminders.

THE DETAILS OF DEFAULTED GOLD LOAN ACCOUNTS ARE AS FOLLOWS

Sl No	Borrower's Name	Loan Account Number	Total outstanding as on 13-Nov-2026
Branch:Angul, Shankar Cinema Road, Angul Town, Angul, Orissa - 759122			
1	Aditya Kumar	20226400184765	Rs.4,73,315.00
2	Aditya Narayan Tripathy	20226900013563	Rs.29,770.00
3	Aditya Narayan Tripathy	20226900015972	Rs.28,416.12
4	Ajay Mohanty	20226900006997	Rs.95,781.70
5	Ajay Mohanty	20226900010916	Rs.3,14,797.45
6	Ajay Mohanty	20226900016822	Rs.1,60,146.00
7	Ajit Pradhan	20226900018166	Rs.1,66,314.00
8	Ajit Pradhan	20226900018745	Rs.62,770.00
9	Akash Gochhayat	20226400182470	Rs.2,58,315.00
10	Anil Das	20226400184401	Rs.1,02,893.68
11	Anil Das	20226400185283	Rs.8,13,540.00
12	Anil Kumar Naik	20226900019024	Rs.17,27,476.36
13	Anil Kumar Tulsiyan	20226400181837	Rs.5,30,776.97
14	Anita Sahu	20226400185606	Rs.13,11,213.00
15	Anjali Das	20226900016830	Rs.1,36,291.46
16	Anjali Das	20226900019495	Rs.2,33,770.00
17	Ashwin Garnayak	20226900006054	Rs.97,683.00
18	Ashwin Garnayak	20226900007771	Rs.1,15,203.24
19	Asifa Afroj	20226900005122	Rs.2,00,315.00
20	Banambar Sahu	20226400185747	Rs.14,27,659.24
21	Bikash Das	20226400182835	Rs.4,61,570.98
22	Bikash Das	20226900010734	Rs.91,707.00
23	Bikash Das	20226900014009	Rs.56,770.00
24	Binod Naik	20226900003002	Rs.33,191.83
25	Binod Naik	20226900005262	Rs.29,315.00
26	Biren Chandra Sahu	20226900017929	Rs.6,03,315.00
27	Bishnu Charan Kudui	20226900003788	Rs.23,070.00
28	Bishnu Charan Kudui	20226900010783	Rs.95,581.80
29	Debesh Prasad Dash	20226900015923	Rs.1,52,340.72
30	Debu Sahoo	20226400185457	Rs.19,55,743.00
31	Deepak Agarwalla	20226900017952	Rs.1,37,135.50
32	Deepak Agarwalla	20226900021921	Rs.22,45,770.00
33	Deepak Agarwalla	20226900021970	Rs.10,20,770.00
34	Deepak Agarwalla	20226900022358	Rs.85,770.00
35	Durga Charan Dalai	20226400185598	Rs.6,58,303.00
36	Itishri Tarai	20226900018570	Rs.1,02,315.00
37	Itishri Tarai	20226900018588	Rs.5,01,315.00
38	Jayanti Nayak	20226900007177	Rs.1,61,216.00
39	Jayanti Nayak	20226900010502	Rs.1,51,628.68
40	Jhunu Sahoo	20226900014504	Rs.6,93,315.00
41	Jitu Sahu	20226900016574	Rs.1,68,363.76
42	Jyohnamayee Pradhan	20226400182520	Rs.4,07,315.00
43	Jyoti Agarwal	20226400185341	Rs.17,84,315.00
44	Jyoti Agarwal	20226400185515	Rs.6,92,315.00
45	Jyoti Agarwal	20226900018513	Rs.2,58,315.00
46	Kalindi Charan Behera	20226400185101	Rs.9,89,662.52
47	Kalpana Nayak	20226900006567	Rs.1,02,098.00
48	Kalu Gochhayat	20226900005536	Rs.41,715.00
49	Kalyani Nayak	20226900007896	Rs.1,06,685.40
50	Kiran Das	20226400185929	Rs.15,52,014.55
51	Krishnapriya Nayak	20226900015915	Rs.3,66,806.00
52	Lipu Behera	20226900015576	Rs.92,123.00
53	Lulendu Sahu	20226900005593	Rs.87,315.00
54	Madan Mohan Mohanty	20226400185846	Rs.19,13,059.00
55	Madhusmita Sahoo	20226900015352	Rs.4,23,367.32
56	Mamata Naik	20226900005361	Rs.77,115.00
57	Manas Biswal	20226900015188	Rs.8,54,781.69
58	Manas Ranjan Biswal	20226900015584	Rs.99,654.00
59	Narendra Kumar Sahu	20226900006872	Rs.1,15,315.00
60	Narendra Kumar Sahu	20226900014769	Rs.3,32,315.00
61	Narendra Kumar Sahu	20226900014785	Rs.64,270.00
62	Narendra Kumar Sahu	20226900019818	Rs.40,270.00
63	Nirmal Naik	20226400182686	Rs.2,46,315.00
64	Nrusingha Charan Jena	20226900007813	Rs.97,490.70
65	Pabitra Mohan Mishra	20226900014744	Rs.5,75,315.00
66	Pinki Dehury	20226900016244	Rs.2,55,152.00
67	Pradeep Kumar Pradhan	20226900016582	Rs.5,15,059.93
68	Pradeep Kumar Pradhan	20226900018984	Rs.1,52,770.00
69	Pradeep Kumar Pradhan	20226900022093	Rs.1,16,770.00
70	Purusottam Nayak	20226900008084	Rs.66,660.40
71	Purusottam Nayak	20226900011377	Rs.1,11,770.00
72	Purusottam Nayak	20226900019677	Rs.1,86,770.00
73	Rakesh Kumar Sahu	20226900003176	Rs.3,68,546.84
74	Ram Ranjan Pradhan	20226900016046	Rs.6,02,882.34
75	Ranajit Dehury	20226900015816	Rs.35,765.30
76	Ranajit Dehury	20226900020345	Rs.19,770.00
77	Sagar Dwivedy	20226900015063	Rs.2,15,315.00
78	Sanjitkumar Pattanayak	20226400185853	Rs.9,75,362.88
79	Sankar Prusty	20226900014314	Rs.1,52,770.00
80	Sankar Prusty	20226900016400	Rs.16,81,765.21
81	Santosh Kumar Jena	20226900006955	Rs.23,340.90
82	Santosh Kumar Jena	20226900009892	Rs.34,815.00
83	Santosh Kumar Jena	20226900015592	Rs.1,46,065.00
84	Santosh Kumar Jena	20226900016608	Rs.77,968.00
85	Santosh Kumar Jena	20226900020816	Rs.21,770.00
86	Santosh Subudhi	20226900012680	Rs.8,39,532.01
87	Sarat Pani	20226400183304	Rs.7,67,426.78
88	Silan Sekhar Behera	20226900016509	Rs.80,958.24
89	Soumyajit Amanta	20226400185416	Rs.18,50,150.00
90	Sradhanjali Puhan	20226400185408	Rs.2,59,547.94
91	Sradhanjali Puhan	20226900004893	Rs.66,280.00
92	Sradhanjali Puhan	20226900009850	Rs.81,002.00
93	Sradhanjali Puhan	20226900016202	Rs.1,08,539.00
94	Suchitra Behera	20226400180979	Rs.9,50,585.00
95	Suchitra Behera	20226400182884	Rs.2,55,315.00
96	Suchitra Behera	20226900006476	Rs.1,21,030.71
97	Sujata Chaulia	20226900011492	Rs.1,42,770.00
98	Sujata Chaulia	20226900012532	Rs.1,66,770.00
99	Sujata Chaulia	20226900019180	Rs.1,57,104.46
100	Suraj Khan	20226400183510	Rs.21,12,743.30
101	Swati Kumari Gupta	20226900018620	Rs.12,71,626.33
102	Tapas Kumar Mahapatra	20226400185499	Rs.18,46,894.56
103	Tapas Kumar Mahapatra	20226900013340	Rs.3,49,770.00
Branch: Balasore, Ground Floor, City Plaza, Vivekananda Marg, Balasore P, Oorissa-756001			
1	Akshaya Kumar Ghosh	21556900006475	Rs.2,25,085.00
2	Birendra Barik	21556400097370	Rs.23,78,356.00
3	Birendra Barik	21556900007259	Rs.12,84,754.00
4	Birendra Barik	21556900007267	Rs.8,55,918.00
5	Chandan Dash	21556400101941	Rs.63,100.00
6	Chandan Dash	21556400105942	Rs.12,08,245.00
7	Farhan Shaikh	21556400103566	Rs.3,69,465.00
8	Farhan Shaikh	21556400103574	Rs.2,87,815.00
9	Laxmi Kanta Panda	21556400101958	Rs.3,81,937.81
10	Laxmi Kanta Panda	21556400102899	Rs.5,58,270.00
11	Sambhu Dayal Khandelwal	21556400100562	Rs.2,95,315.00
12	Subhalaxmi Barik	21556400101354	Rs.7,34,588.00
13	Subhalaxmi Barik	21556400101362	Rs.7,59,517.40
14	Subhalaxmi Barik	21556900009198	Rs.38,83,250.00
15	Subhashree Pandia	21556400099806	Rs.6,06,640.00
Branch: Baripada, Ward No.8, A1-Deulasahi PO, Baripada, Mayurbhanj, Orissa-757001			
1	Prasanta Mohakud	22206900000495	Rs.82,238.00
2	Prasanta Mohakud	22206900001006	Rs.72,270.00
3	Prasanta Mohakud	22206900001279	Rs.2,05,509.59
4	Sudhansu Kumar Mohapatra	22206400012768	Rs.96,544.00
5	Sudhansu Kumar Mohapatra	22206900000990	Rs.80,000.00
6	Sudhansu Kumar Mohapatra	22206900001758	Rs.86,828.80
Branch: Bhadrak, Ground Floor, Aditi Commercial Complex, Opposite Biswal Sales Corporation, Gopabandhu Nagar, Charampa PO, Bhadrak, Orissa-756101			
1	Ahalya Das	20236900003217	Rs.50,315.00
2	Bhagirathi Rout	20236400091134	Rs.1,61,693.90
3	Bisabhanu Rudranarayan Panigrahi	20236400092249	Rs.24,00,315.00
4	Biswajit Khandai	20236900008646	Rs.1,22,346.32
5	Dibyasingh Rout	20236900011723	Rs.2,13,689.36
6	Farzana Quadri	20236900004363	Rs.74,770.00
7	Farzana Quadri	20236900007648	Rs.42,520.00
8	Farzana Quadri	20236900007754	Rs.80,266.90
9	Farzana Quadri	20236900007846	Rs.83,815.00
10	Farzana Quadri	20236900009917	Rs.33,870.00
11	Geetanjali Das	20236900009172	Rs.7,73,194.30
12	Jayadev Panda	20236900008059	Rs.2,23,315.00
13	Kamala Kanta Panda	20236400093551	Rs.15,36,000.00
14	Kamala Kanta Panda	20236400093957	Rs.5,54,000.00
15	Keshab Gahan	20236900007937	Rs.60,815.00
16	Madhab Chandra Pal	20236400092918	Rs.4,52,972.38
17	Madhusmita Tripathy	20236400092157	Rs.1,01,315.00
18	Manas Kuimar Sahu	20236900003878	Rs.73,909.74
19	Manasi Nayak	20236900008232	Rs.1,37,315.00
20	Manasi Nayak	20236900008240	Rs.80,315.00
21	Manoj Kumar Das	20236400092363	Rs.15,73,632.25
22	Md Nadimur Raheman	20236400092231	Rs.1,54,315.00
23	Nagma Bibi	20236900007655	Rs.1,50,315.00
24	Najibun Bibi	20236400093122	Rs.7,36,315.00
25	Namita Rout	20236900004249	Rs.1,05,638.50
26	Namita Rout	20236900007010	Rs.1,52,770.00
27	Namita Rout	20236900007333	Rs.1,12,766.00
28	Narendra Sahoo	20236900003019	Rs.40,315.00
29	Pradeep Kumar Satapathy	20236900009321	Rs.81,657.70
30	Pradeep Kumar Satapathy	20236900012044	Rs.46,370.00
31	Priti Madhuri Behera	20236900003654	Rs.54,033.56
32	Purna Chandra Mohanty	20236400090672	Rs.3,25,315.00
33	Rahul Kamani	20236900003092	Rs.1,44,315.00
34	Rashmi Ranjan Panda	20236900002987	Rs.62,216.00
35	Rasmita Majhi	20236900004165	Rs.61,912.14
36	Sabyasachi .	20236900003415	Rs.1,39,458.67
37	Sahid Khan	20236900006087	Rs.38,713.63
38	Sahnaz Bibi	20236900008950	Rs.65,125.74
39	Sahnaz Bibi	20236900011087	Rs.52,370.00
40	Sakiruddin Khan	20236900009198	Rs.1,18,658.72
41	Saraswati Parida	20236900009149	Rs.2,12,839.60
42	Sasmita Sethi	20236900008042	Rs.70,815.00
43	Subhabrata Jena	20236900001443	Rs.35,685.77
44	Subhabrata Jena	20236900009131	Rs.2,84,560.14
45	Subhabrata Jena	20236900010972	Rs.1,09,770.00
46	Sujata Rani Biswal	20236400093601	Rs.12,82,000.00
47	Sukanta Chandra Nayak	20236900003050	Rs.1,20,315.00
48	Sukanta Chandra Nayak	20236900006129	Rs.1,81,256.88
49	Sushanta Kumar Jena	20236900009107	Rs.3,59,119.10
50	Tapan Kumar Ojha	20236900008836	Rs.90,613.79
Branch: Bhubaneshwar/Chandrasekharpur, Shilpa Seema Construction Pvt Ltd, Plot No.353/1833/2087, In front of CEB College, Infosys Road, Bhubaneswar, Khurda, Odisha-751024			
1	Abhisek Mohapatra	23116400030737	Rs.18,97,045.00
2	Abhisek Mohapatra	23116400030745	Rs.4,71,045.00
3	Ajaya Parida	23116400031495	Rs.1,22,194.00
4	Alisha Majhi	23116400031347	Rs.25,37,779.00
5	Ayush Tripathy	23116400030596	Rs.8,16,315.00
6	Ayush Tripathy	23116400031974	Rs.4,30,370.00
7	Debasis Mondal	23116400030760	Rs.6,60,242.00
8	Debasis Mondal	23116400030778	Rs.5,37,053.38
9	Deepak Kumar Mahapatra	23116400028541	Rs.22,47,885.00
10	Dhanee Sethi	23116900001725	Rs.38,270.00
11	Gayatriprava Moharana	23116400030539	Rs.14,37,270.00
12	Giridhari Rout	23116400031578	Rs.3,80,413.00
13	Giridhari Rout	23116400031586	Rs.16,57,025.11
14	Jyotsnarani Nanda	23116400030430	Rs.25,06,477.94
15	Kamakshya Prasad Dalai	23116400030349	Rs.80,859.18
16	Kamakshya Prasad Dalai	23116400030356	Rs.1,09,821.00
17	Kuni Sahoo	23116400031693	Rs.70,177.00
18	Kuni Sahoo	23116400031719	Rs.14,35,781.00
19	Kuni Sahoo	23116400031727	Rs.63,787.00
20	Kuni Sahoo	23116400031735	Rs.2,20,354.00
21	Laren Choudhury	23116400030455	Rs.25,43,527.59
22	Lipsarani Mahapatra	23116400029648	Rs.25,62,177.90
23	Mahima Prasad Rout	23116400029135	Rs.4,70,315.00
24	Mangala Prasad Pradhan	23116400028152	Rs.2,05,045.00
25	Mangala Prasad Pradhan	23116400029267	Rs.15,95,045.00
26	Manorama Pradhan	23116400029499	Rs.12,98,315.00
27	Mithun Swain	23116900001212	Rs.37,006.00
28	Mithun Swain	23116900001675	Rs.2,38,386.00
29	Nirad Kumar Nanda	23116400030406	Rs.1,07,304.00
30	Nirad Kumar Nanda	23116400030414	Rs.48,905.72
31	Nirad Kumar Nanda	23116400030448	Rs.1,09,904.00
32	Nirad Kumar Nanda	23116400031800	Rs.67,827.00
33	Niranjan Behera	23116900001618	Rs.59,789.00
34	Niranjan Behera	23116900001626	Rs.1,89,294.51
35	Niranjan Behera	23116900002053	Rs.44,200.00
36	Niranjan Behera	23116900002137	Rs.24,960.00
37	Niranjan Behera	23116900002178	Rs.38,010.00
38	P.Benumadhaba Subudhi	23116400029887	Rs.1,91,779.00
39	P.Benumadhaba Subudhi	23116400032113	Rs.22,17,500.00
40	Parbati Mishra	23116400031461	Rs.25,26,593.00
41	Pranaya Kumar Mahapatra	23116400029655	Rs.25,64,930.05
42	Priyadarshini Dalai	23116400029408	Rs.2,68,942.00
43	Priyadarshini Dalai	23116400029564	Rs.83,107.00
44	Priyadarshini Dalai	23116400030612	Rs.3,06,900.18
45	Priyadarshini Dalai	23116400030620	Rs.2,88,445.00
46	Priyadarshini Dalai	23116400030877	Rs.5,03,094.00
47	Priyadarshini Dalai	23116400030919	Rs.2,23,985.00
48	Priyadarshini Dalai	23116400031255	Rs.1,40,352.00
49	Priyadarshini Dalai	23116400031628	Rs.2,77,490.00
50	Priyadarshini Dalai	23116400031867	Rs.1,00,928.00
51	Priyadarshini Dalai	23116400032188	Rs.2,70,308.00
52	Rajesh Kumar Das	23116400030380	Rs.7,62,112.55
53	Rajesh Kumar Das	23116400030398	Rs.4,11,324.00
54	Rajesh Rout	23116400030422	Rs.22,00,337.63
55	Sanatana Mahapatra	23116400029630	Rs.25,61,493.55
56	Santosh Pattanaik	23116900001055	Rs.37,042.15
57	Saumya Ranjan Mishra	23116400029929	Rs.2,03,271.27
58	Senorita Singh	23116900001535	Rs.52,565.00
59	Senorita Singh	23116900001634	Rs.54,360.00
60	Sonali Sahoo	23116400030968	Rs.10,67,073.90
61	Sonali Sucharita Tripathy	23116400029093	Rs.3,62,666.82
62	Sonali Sucharita Tripathy	23116400029994	Rs.10,65,175.00
63	Sunita Rout	23116400030844	Rs.22,19,469.30
64	Suresh Khatua	23116400030463	Rs.2,18,770.00
65	Suresh Khatua	23116400030513	Rs.7,59,315.00
66	Suresh Khatua	23116400030836	Rs.6,90,315.00
67	Tanmaya Rout	23116400028558	Rs.7,10,815.00
68	Tanmaya Rout	23116400028673	Rs.4,06,315.00
69	Tapaswini Nayak	23116400031487	Rs.11,48,076.14
70	Tapaswini Nayak	23116400031545	Rs.8,42,298.00
71	Tapaswini Nayak	23116400032238	Rs.1,55,250.00
72	Tofan Kumar Bishoi	23116400031503	Rs.25,40,052.52
73	Uttama Mohanty	23116400029390	Rs.25,35,851.18
74	Vinita More	23116400028590	Rs.5,83,229.00
75	Vinita More	23116900001261	Rs.55,000.00
76	Vinita More	23116900001519	Rs.8,71,023.00
77	Vinita More	23116900001691	Rs.2,60,313.69
78	Vinita More	23116900001840	Rs.2,02,913.00
79	Vinita More	23116900001907	Rs.1,14,494.00
Branch: Bhubaneshwar/Kalpana Square, 62 Budhanagar, Cuttack Road, Kalpana Square, Bhubaneswar, Orissa-751006			
1	Chinari Sridhar Patro	15136900002127	Rs.52,51,682.60
2	Gadadhara Samantaray	15136400039710	Rs.3,87,054.92
3	Kusumlata Sethy	15136900002846	Rs.4,53,084.19
4	Mamata Swain	15136400037805	Rs.48,538.71
5	Mamata Swain	15136400039991	Rs.6,15,647.00
6	Sanjit Mohanty	15136900003299	Rs.1,09,969.56
7	Sushri Subhadarsini	15136400040247	Rs.24,01,770.00
8	Sushri Subhadarsini	15136900003067	Rs.24,159.98
Branch: Bhubaneswar, 14 B, 1st Floor, Janapath, Bapuji Nagar, Bhubaneswar, Orissa-751009			
1	Ayudh Patnaik	12326400029935	Rs.3,51,815.00
2	Bikash Dash	12326400031964	Rs.20,30,625.06
3	Bishnu Priya Karua	12326400030370	Rs.8,01,815.00
4	Chandrakanta Tarasia A	12326400031360	Rs.18,41,815.00
5	Chandrakanta Tarasia A	12326400032764	Rs.2,42,439.35
6	Harekrushna Behera	12326900008652	Rs.73,356.65
7	Janmejaya Jena	12326900010005	Rs.96,643.36
8	Jyotsna Mishra	12326400030644	Rs.9,72,799.30
9	Jyotsna Mishra	12326400032798	Rs.2,49,750.00
10	Kuni Sahoo	12326400031303	Rs.1,62,865.00
11	Kuni Sahoo	12326900010039	Rs.26,221.50
12	Lalata Keshari Pradhan	12326400032152	Rs.11,64,735.16
13	Lipsarani Mishra	12326400030685	Rs.12,23,192.00
14	Manas Kumar Sahoo	12326900008991	Rs.1,86,509.00
15	Manas Kumar Sahoo	12326900009890	Rs.74,568.10
16	Manaswini Pradhan	12326400031238	Rs.14,88,125.90
17	Nityananda Mangaraj	12326400032723	Rs.18,32,716.50
18	Pratima Mohanty	12326400030453	Rs.4,76,581.00
19	Rakesh Kumar Jena	12326400030883	Rs.3,09,771.10
20	Ramakanta Mohapatra	12326400032053	Rs.21,26,292.00
21	Rinkyrani Prusty	12326400031691	Rs.8,63,878.40
22	Santosh Kumar Hazra	12326400031824	Rs.21,10,895.24
23	Santosh Kumar Hazra	12326900011631	Rs.75,076.67
24	Subhendu Kumar Das	12326900010054	Rs.1,07,483.24
25	Sushant Nayak	12326400028549	Rs.3,86,848.00
26	Sushant Nayak	12326900010047	Rs.55,794.60
27	Sushant Nayak	12326900012431	Rs.1,26,770.00
28	Susmita Mohapatra	12326400030271	Rs.2,71,815.00
29	Susmita Mohapatra	12326400031063	Rs.2,91,815.00
30	Urbasi Biswal	12326400030131	Rs.6,47,815.00
31	Urbasi Biswal	12326400030446	Rs.4,50,315.00
32	Urbasi Biswal	12326400030693	Rs.7,21,815.00
33	Urbasi Biswal	12326400031048	Rs.3,31,815.00
Branch: Brahmapur, Kamas Inn Building, Tata Benz Square, Janana Hospital Road, Brahampur, Ganjam, Odhisha-760005			
1	Dilip Kumar Jena	24036400010761	Rs.7,00,315.00
2	Sudam Patro	24036100000633	Rs.18,090.00
3	Sudam Patro	24036900000460	Rs.90,270.00
Branch: Cuttack, Bajrakabati Road, Beside Petrol Pump, Cuttack, Orissa-753001			
1	Debjani Sen	13775600004115	Rs.57,40,167.00
2	Debjani Sen	13776900011586	Rs.75,870.00
3	Gautam Choudhury	13776400095980	Rs.5,20,372.00
4	Gautam Choudhury	13776400095998	Rs.19,48,252.95
5	Gautam Das	13776400096681	Rs.14,94,010.44
6	Jasobanta Roul	13776100046143	Rs.2,58,396.00
7	Jasobanta Roul	13776900008905	Rs.4,28,998.72
8	Jitendra Mallick	13776400097069	Rs.7,74,360.00
9	Jyotsnarani Naik	13776900008574	Rs.1,82,329.74
10	Jyotsnarani Naik	13776900008871	Rs.1,19,081.00
11	Kishor Kumar Behera	13776400097085	Rs.21,72,411.13
12	P.Swati Ganga	13776900006420	Rs.1,38,342.94
13	Rinarani Brahma	13776400095154	Rs.2,52,909.00
14	Sanjukta Behera	13776400096863	Rs.2,14,770.00
15	Sanjukta Behera	13776400096871	Rs.1,37,545.00
16	Sanjukta Behera	13776400096889	Rs.3,96,315.00
17	Satyabrata Behera	13776400097044	Rs.11,44,260.00
18	Sharmila Sen	13776400097390	Rs.12,14,770.00
19	Sharmila Sen	13776900008590	Rs.46,56,231.00
20	Sharmila Sen	13776900009507	Rs.3,91,955.00
21	Subrata Samantaray	13776900008541	Rs.3,41,309.00
22	Sukanti Samal	13776400095162	Rs.7,28,266.96
23	Taramani Behera	13776400097036	Rs.12,19,360.00
Branch: Cuttack/Choudhury Bazar, Naya Sarak, Cuttack, Odisha-753002			
1	Bhikari Charan Biswal	26186400003270	Rs.13,11,362.60
2	Bhikari Charan Biswal	26186400003411	Rs.8,00,143.00
3	Biswajit Pradhan	26186400003262	Rs.16,48,043.66
4	P. Raj Sekhar Rao	26186400003163	Rs.18,85,315.00
5	Rakesh Kumar Jain	26186400002744	Rs.3,60,000.00
6	Rakesh Kumar Jain	26186900000560	Rs.2,63,000.00
7	Satya Bhusan Pati	26186400002231	Rs.2,36,315.00
8	Satyabrata Behera	26186400003700	Rs.35,270.00
9	Sk Torijul	26186400003429	Rs.17,53,126.00
10	Taramani Behera	26186400003460	Rs.4,50,315.00
Branch: Dhenkanal, Chandan Bazar, NUA Sashan Square, Near District HQ Hospital, Dhenkanal PO, Orissa-759001			
1	Banita Sahu	21606900001719	Rs.30,175.48
2	Banita Sahu	21606900001974	Rs.42,791.00
3	Banita Sahu	21606900007625	Rs.2,01,000.00
4	Devi Prasad Das	21606900001628	Rs.35,513.11
5	Girish Chandra Swain	21606400050414	Rs.4,07,275.00
6	Girish Chandra Swain	21606900006411	Rs.1,50,700.00
7	Girish Chandra Swain	21606900008185	Rs.3,30,000.00
8	Himansu Behera	21606900002972	Rs.2,37,689.80
9	Jit Pramit Pradhan	21606900001412	Rs.1,99,912.00
10	Laxmi Behera	21606000001511	Rs.21,513.01
11	Lipi Sahoo	21606900001602	Rs.74,525.00
12	Nihar Ranjan Mallick	21606900001529	Rs.1,33,905.00
13	Nirmal Rout	21606100007581	Rs.1,14,286.00
14	Nirmal Rout	21606100007995	Rs.56,236.00
15	Nirmal Rout	21606100009710	Rs.1,28,373.00
16	Nirmal Rout	21606900004143	Rs.44,590.00
17	Nirmal Rout	21606900004846	Rs.56,500.00
18	Rajib Sahani	21606900001362	Rs.25,870.00
19	Rameswari Dash	21606900001099	Rs.2,02,296.00
20	Rameswari Dash	21606900001669	Rs.28,842.00
21	Rameswari Dash	21606900003509	Rs.1,73,547.00
22	Sakrajit Barik	21606900007401	Rs.3,00,000.00
23	Sandhyarani Behera	21606900002840	Rs.1,85,879.00
24	Sanjay Kumar Mohapatra	21606100010254	Rs.40,578.00
25	Sanjay Kumar Mohapatra	21606900000166	Rs.93,500.00
26	Sanjay Kumar Mohapatra	21606900000273	Rs.45,545.00
27	Sanjay Kumar Mohapatra	21606900002469	Rs.34,590.00
28	Sanjay Kumar Mohapatra	21606900002709	Rs.23,635.00
29	Sanjay Kumar Mohapatra	21606900004291	Rs.40,590.00
30	Sanjay Kumar Mohapatra	21606900007062	Rs.21,590.00
31	Shishir Nayak	21606100010437	Rs.76,557.00
32	Shishir Nayak	21606900001008	Rs.80,333.38
33	Shishir Nayak	21606900001552	Rs.83,133.00
34	Shishir Nayak	21606900002170	Rs.40,590.00
35	Srikant Panda	21606900001636	Rs.2,03,797.00
36	Sushant Behera	21606900001024	Rs.2,20,045.00
Branch: Jaleshwar, House No.174, New Bus Stand Road, Jhadeswarpur, Jaleshwar PO, Baleswar, Odisha-756032			
1	Amit Kumar Senapati	21876100017100	Rs.63,000.00
2	Amit Kumar Senapati	21876400083679	Rs.5,39,045.00
3	Amit Kumar Senapati	21876900001981	Rs.90,000.00
4	Baburam Das	21876100015443	Rs.38,814.00
5	Bharat Giri	21876100015237	Rs.61,877.00
6	Birendrakumar Jena	21876400088330	Rs.21,15,045.00
7	Chandan Jena	21876100015401	Rs.45,665.00
8	Dillip Kumar Jena	21876400087654	Rs.2,45,000.00
9	Dillip Kumar Jena	21876400089858	Rs.1,96,109.72
10	Dillip Kumar Jena	21876400090534	Rs.2,00,000.00
11	Gobinda Das	21876900001759	Rs.2,16,397.05
12	Jitendra Das	21876400084990	Rs.4,43,921.00
13	Kartik Nayak	21876400089361	Rs.3,89,162.00
14	Mallirani Jena	21876400084024	Rs.1,43,322.00
15	Mamata Parida	21876400087662	Rs.4,32,870.32
16	Mamata Parida	21876400087670	Rs.10,88,488.71
17	Narottam Das	21876900001874	Rs.2,79,378.60
18	Pankaj Kumar Jena	21876400084255	Rs.1,13,000.00
19	Pankaj Kumar Jena	21876400084800	Rs.33,113.00
20	Pankaj Kumar Jena	21876400089320	Rs.21,50,000.00
21	Pankaj Kumar Jena	21876900002864	Rs.6,00,000.00
22	Rashmi Pradhan	21876400088306	Rs.9,70,045.00
23	Rashmi Pradhan	21876400088322	Rs.12,56,195.00
24	Sangram Das	21876900002807	Rs.5,03,362.00
25	Sk Irsad Mohammad	21876100015468	Rs.59,354.00
26	Sk Irsad Mohammad	21876400084693	Rs.1,50,088.00
27	Snehasini Swain	21876900001908	Rs.1,42,611.40
28	Subrat Parida	21876100018256	Rs.1,07,080.00
29	Subrat Parida	21876100018777	Rs.2,14,712.00
30	Subrat Parida	21876400087605	Rs.1,48,272.96
31	Subrat Parida	21876900002096	Rs.1,42,068.00
32	Subrat Parida	21876900002120	Rs.56,799.00
33	Subrat Parida	21876900002427	Rs.94,851.00
**Branch:Jatani,

ଓପି ଜିନ୍ଦଲ ସ୍କୁଲରେ ଦ୍ୱାଦଶତମ ବାର୍ଷିକ ପୁସ୍ତକ ମେଳା



ଅନୁଗୋଳ,(ସବ୍ୟୁ) :ଅନୁଗୋଳର ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ୧୩ ଏବଂ ୧୪ ନଭେମ୍ବର ଦୁଇ ଦିନ ଧରି ଦ୍ୱାଦଶତମ ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି । ଜ୍ଞାନ ଓ ସୃଜନଶୀଳତାର ଏହି ଉତ୍ସବରେ ନୂଆ ନୂଆ ବହିର ସମାହାର ସହିତ ନୂଆ ଚିନ୍ତାଧାରା ଓ ଉତ୍ସାହର ଏକ ପରିବେଶ ସୃଷ୍ଟି ହୋଇଥିଲା ।

ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟିଲ ଅନୁଗୋଳର ଜେନେରାଲ ମ୍ୟାନେଜର(ସିଏସଆର) ଜୟନ୍ତ କୁମାର ମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚାରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷା, ସାହିତ୍ୟ ଓ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଏହି ପୁସ୍ତକ ମେଳାରେ ଅକ୍ସଫୋର୍ଡ ପ୍ରକାଶନ, ସ୍କଲାଷ୍ଟିକ ଇଣ୍ଡିଆ, ଦି ହିନ୍ଦୁ ଏବଂ ବିଜୟିନୀ ଭଳି ଜଣାଶୁଣା ପ୍ରକାଶକଙ୍କ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଅଧ୍ୟୟନରେ ରୁଚି ରଖିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ମେଳାରେ ପୁସ୍ତକ ଅନୁସନ୍ଧାନର ପ୍ରଚୁର ବିକଳ୍প ଥିଲା।ଗପ ଏବଂ ପାଠ୍ୟପୁସ୍ତକ ପୁସ୍ତକଠାରୁ ଆରମ୍ଭ କରି ପଜଲ, ଷ୍ଟେସନାରୀ ଏବଂ ଆକ୍ଟିଭିଟି ପୁସ୍ତକ ପର୍ଯ୍ୟନ୍ତ, ଏହି ମେଳା, ପ୍ରତ୍ୟେକ ଯୁବ ପାଠକ ତଥା ପୁସ୍ତକ ପ୍ରେମୀଙ୍କ ପାଇଁ କିଛି ନା କିଛି ପିବାର ସୁଯୋଗ ଆଣିଦେଇଥିଲା ।ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ, ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନଙ୍କୁ ସେମାନଙ୍କ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ପୁସ୍ତକ ମେଳା ସ୍କୁଲର ଶିକ୍ଷାର୍ଥୀମାନଙ୍କ ପାଇଁ ଅଧ୍ୟୟନ ଏବଂ ସୃଜନଶୀଳତାର ବିକାଶ ପାଇଁ ଏକ ସୁଯୋଗ ଆଣି ଥାଏ ।ଶିକ୍ଷା, ସାଧନା ଏବଂ ନୂଆ ନୂଆ ବିଷୟରେ ଜ୍ଞାନ ବାଇବା ପାଇଁ ଓ.ପି. ଜିନ୍ଦଲ ସ୍କୁଲ, ସବୁବେଳେ ପ୍ରୟାସ ଜାରି ରହିଛି, ଯାହା ଦ୍ୱାଦଶତମ ପୁସ୍ତକ ମେଳାର ସଫଳ ଆୟୋଜନରୁ ସ୍ପଷ୍ଟ ବାରି ହୋଇପଡୁଥିଲା । ସ୍କୁଲର ଶିକ୍ଷକ ଓ ସହକର୍ମୀଙ୍କ ସମର୍ଥନ ଏବଂ ପ୍ରୟାସ ବଳରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା ।

ବିଦ୍ୟୁତ୍ ସଂସ୍ପର୍ଶରେ ମା' ଓ ଛୁଆ ହାତୀ ମୃତ ଘଟଣା

ଫରେଷ୍ଟର ଓ ଗାର୍ଡ ନିଲମ୍ବିତ : ଜଣେ ଗିରଫ, ତଦନ୍ତ ଜାରି

ଢେଙ୍କାନାଳ/କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗରରେ ବ୍ଲକ ଅଁଳାବେରେଣୀ ଫରେଷ୍ଟ ସେକସନ ଗୋଦରବିଲି ନିକଟରେ ମାଆ ଓ ଛୁଆ ହାତୀ ମୃତ୍ୟୁ ଘଟଣାରେ ବନବିଭାଗ ଦ୍ରୁତ ପଦକ୍ଷେପ ଗ୍ରହଣ କରିଛି। କର୍ତ୍ତବ୍ୟରେ ଅବହେଳା ଯୋଗୁ ଅଁଳାବେରେଣୀ ଫରେଷ୍ଟର ଏବଂ ଜଣେ ଗାର୍ଡକୁ ନିଲମ୍ବନ କରାଯାଇଛି। ଅନ୍ୟ ପକ୍ଷରେ ବିଦ୍ୟୁତ୍ ତାର ଲଗାଇଥିବା ଜଣକୁ ଗିରଫ କରି ଅଧିକ ତଦନ୍ତ ଜାରିରହିଛି।

କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରଣୀ ଫରେଷ୍ଟ ଅନ୍ତର୍ଗତ ଗୋଦରବିଲି ଅଞ୍ଚଳରୁ ଶନିବାର ଦିକ ସକାଳୁ ଦୁଇ ଦୁଇଟି ହାତୀଙ୍କ ମୃତ୍ୟୁ ଘଟଣା ରାଜ୍ୟରେ ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା। ବିଦ୍ୟୁତ ତାରଯୋଗୁ ହାତୀ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଗୋଟିଏ ୧୫/୨୦ ବର୍ଷର ମାଆ ହାତୀ, ଅନ୍ୟଟି ୬ ମାସର ଶିଶୁ ହାତୀବୋଲି ଜଣାପଡିଥିଲା। ଏହି ଘଟଣାକୁ ନେଇ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ବନ ବିଭାଗର ଦୁଇଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଏହି ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବନ ବିଭାଗର ଏହି ପଦକ୍ଷେପ ପରେ ଅଞ୍ଚଳରେ ହାତୀ ମୃତ୍ୟୁ ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ଜିଲା ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ସୂଚନା ଅନୁଯାୟୀ, କାର୍ଯ୍ୟରେ ଅବହେଳା ଓ ନିଜର ସରକାରୀ ଦାୟିତ୍ୱ ସଠିକ୍ ଭାବେ ତୁଲାଇବାରେ ବିଫଳ ହୋଇଥିବା ଅଭି ଯୋଗରେ ଅଁଳାବେରେଣୀ ସେକ୍ସନର ଫରେଷ୍ଟର ଶୁଭେନ୍ଦୁ ଭୁୟାଁ ଏବଂ କଦଳୀପାଳ ବିଟ୍‌ର ବନରକ୍ଷୀ ମନସ୍ୱିତା ବରାଳଙ୍କୁ ବିଭାଗୀୟ ସ୍ତରରେ ନିଲମ୍ବିତ କରାଯାଇଛି। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କର୍ମଚାରୀଙ୍କ ଉପରେ ଥିବା ଦାୟିତ୍ୱକୁ ଦୃଷ୍ଟିରେ ରଖି ବିଭାଗ ଏହି କଠୋର ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଏହି ହାତୀ ମୃତ୍ୟୁ ଘଟଣାରେ ଗୋଦରବିଲି ଗ୍ରାମର କୁମାର ନାଏକ(୫୧)ଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଘଟଣା ସହ ତାଙ୍କର ସମ୍ପୃକ୍ତି ନେଇ ତଦନ୍ତ ଚାଲିଥିବାବେଳେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। କେଉଁ ପରିସ୍ଥିତିରେ ହାତୀଟିର ମୃତ୍ୟୁ ଘଟିଲା, ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ଏବଂ ଘଟଣା ପୂର୍ବରୁ ବନ ବିଭାଗର କର୍ମଚାରୀମାନେ ନିଜ ଦାୟିତ୍ୱ ସଠିକ୍ ଭାବେ ପାଳନ କରିଥିଲେ କି ନାହିଁ, ସେ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଏହି ତଦନ୍ତ ମାଧ୍ୟମରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ସହ ଦୋଷୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ବ୍ରହ୍ମପୁର ଚଳଚ୍ଚିତ୍ର ଉତ୍ସବରେ ହଙ୍ଗାମା। ଫ୍ୟାମିଲି ପ୍ରାୟୋଜିତ ଗଙ୍ଗ ଶିଉଳି ପୁରସ୍କୃତ

ହିଞ୍ଜିଳିକାଟୁ ,(ସବ୍ୟୁ): କଳା ଓ ସଂସ୍କୃତିକୁ ବିଶ୍ୱ ସ୍ତରରେ ଉପସ୍ଥାପିତ କରିବା ପାଇଁ ବ୍ରହ୍ମପୁର ଚଳଚ୍ଚିତ୍ର ଉତ୍ସବର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ । କଳା ଓ କଳାକାରମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଠାରେ ଥିବା ସୁପ୍ତ ପ୍ରତିଭାକୁ ବିକଶିତ କରିବା ଏହି ଅନୁଷ୍ଠାନର ଉଦ୍ଦେଶ । ଏହି ମର୍ମରେ ରବିବାରଦିନି ବ୍ରହ୍ମପୁର ହିଲପାଟଣା ସ୍ଥିତ ସଂସ୍କୃତି ଭବନ ଠାରେ ବ୍ରହ୍ମପୁର ଚଳଚ୍ଚିତ୍ର ଉତ୍ସବର ୭ ମ ସଂସ୍କରଣର ଏକ ବର୍ଣ୍ଣାଢ୍ୟ ଉତ୍ସବରେ ରାଜ୍ୟର ଅନେକ କୃତି ଏନିମେସନ, କ୍ଷୁଦ୍ର ଚଳଚ୍ଚିତ୍ର, ଡକୁମେଣ୍ଟାରି ଓ ଫିଚର ଫିଲ୍ମ କଳାକାର ମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ହିଞ୍ଜିଳିକାଟୁ ସହରର ଯୁବକଳା ପ୍ରତିଭା ତଥା ପ୍ରଯୋଜନ ସଂସ୍ଥା ହଙ୍ଗାମା ଫେମିଲି ଦ୍ୱାରା ପ୍ରାୟୋଜିତ ଗଙ୍ଗ ଶିଉଳି ଏକ ଶ୍ରେଷ୍ଠ ଏନିମେସନ ଫିଲ୍ମ ଭାବେ ଏହି ମଞ୍ଚରେ ପୁରସ୍କୃତ ହୋଇଥିବା ଜଣାଯାଇଛି । ଏହି କଳା ମଞ୍ଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଆ ସିନେ ଜଗତର ଜଣାଶୁଣା ଅଭିନେତା ମନୋଜ ମିଶ୍ର ଓ ତାଙ୍କ ଅଭିନେତ୍ରୀ ପତ୍ନୀ ମମତା ନନ୍ଦଙ୍କ ଠାରୁ ଗଙ୍ଗ ଶିଉଳି ଏନିମେସନ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ଓ କଳାକାର ସୋହନ କୁମାର ଦାଶ ଓ ଦୁର୍ଗା ପ୍ରସାଦ ଖାଡ଼ଙ୍ଗାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରକାଶ ଥାଉକି, ଗତ ୨୦୨୫ ମସିହାର ୬ଷ୍ଠ ସଂସ୍କରଣରେ ମଧଯ ସେହି ମଞ୍ଚରେ ହଙ୍ଗାମା ଫେମିଲି ଦ୍ୱାରା ପ୍ରାୟୋଜିତ କଳା ଠାକୁର ମଧ ପୁରସ୍କୃତ ହୋଇଥିଲା ଝ ହିଞ୍ଜିଲି କାଟୁର ସୁପ୍ତ କଳା ପ୍ରତିଭା ମାନଙ୍କ ବଳିଷ୍ଠ ଅଭିନୟ ଓ ଉଦ୍ୟମ ହିଂଜିଳି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବାରୁ ଏହି ଛୁପା ରୁସ୍ତମ ମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଥିବା ଜଣାଯାଇଛି ।

ଗାଡି ଛଡାଇନେବା ଘଟଣା, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ମହିଳାଙ୍କ ଠାରୁ ଜୋର ଜବରଦସ୍ତି କରି ଗାଡି ଟାଣି ନେବା ସହ ଅସଦାଚରଣ କରିବା ଅଭିଯୋଗରେ ବେଦ୍ୟନାଥପୁର ଥାନା ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗୋସାଣିନୂଆଗାଁ ଥାନା ଅଞ୍ଚଳର ଦିବାକର ମହାରଣା (୩୪)ଓ ଗେଟ ବଜାର ଅଞ୍ଚଳର ଯୁ.ଦଣ୍ଡ ରାଓ(୩୮)। ପୋଲିସ ଉକ୍ତ ଅଭିଯୁକ୍ତମାନଙ୍କୁ ମାମଲା ନଂ ୩୮/୨୫ରେ କୋର୍ଟଚାଲାଣ କରିଥିବା ସୂଚନା ଦେଇଛି। ଘଟଣାରୁ ପ୍ରକାଶ ଯେ, ଗତବର୍ଷ ବ୍ୟାଙ୍କ କଲୋନୀରେ ରହୁଥିବା ଇସ୍ପିତା ପାତ୍ର ନାମକ ମହିଳା ନିଜ ଛୁଆକୁ ଧରି ଘରକୁ ଫେରୁଥିବା ବେଳେ ତାଙ୍କ ଗାଡି ମେଡିକାଲ ବ୍ୟାଙ୍କ କଲୋନି ଅଞ୍ଚଳରୁ ଉପରୋକ୍ତ ଦୁଇ ଜଣ କିସ୍ତି ଭରିନଥିବା କାରଣରୁ ଜୋରଜବରଦସ୍ତି କରି ରିକଭୋରି ଏଜେଣ୍ଟ ଦର୍ଶାଇ ତାଙ୍କୁ ବିନା ନୋଟିସରେ ଅସଦାଚରଣ କରି ଗାଡି ନେଇଯାଇଥିବା ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦୀର୍ଘଦିନ ଧରି ଫେରାର ଥିବା ଉପରୋକ୍ତ ଦୁଇ ଯୁବକଙ୍କ ନିଜନିଜର ଘରକୁ ଆସିଥିବା ଖବର ପାଇଥିଲା। ପୋଲିସ ସେମାନଙ୍କ ଘରେ ଚଢ଼ାଉ କରି କାବୁ କରିଥିଲା ।

ଶିଶୁ ଦିବସ ଉପଲକ୍ଷେ ଆଠମଲ୍ଲିକ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ଆଠମଲ୍ଲିକ ,(ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ଶିଶୁ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଶିଶୁ ଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ବିବେକାନନ୍ଦ ବେହେରା, ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ, ଉପସଭାପତି କଶ୍ୟପ କ୍ଷେତି ପ୍ରମୁଖ ଯୋଗ ଦେଇ ଦେଶ ର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ ନେହେରୁ ଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଶିଶୁ ମାନଙ୍କୁ ସମସ୍ତେ ପାତରଅନ୍ତର ନକରି ଭଲ ପାଇବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ।ତତ ପରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସ୍ଥାନୀୟ ରଘୁନାଥ ମନ୍ଦିର ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ଛାତ୍ରଛାତ୍ରୀ ଙ୍କୁ ନେଇ ଗ୍ରାମ୍ୟ ଦର୍ଶନରେ ପୁରୁଣାଗଡ଼ ଗ୍ରାମକୁ ବୁଲି ଦେଖିଥିଲେ । ପୂର୍ବାହ୍ନ ଦୁଇ ଟା ରେ ଅଷ୍ଟମ ନବମ ଛାତ୍ରୀ ମାନଙ୍କ ଦ୍ୱାରା ଦେଶୀ ଖାଦ୍ୟ ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ପୂର୍ବାହ୍ନ ୩ ଟା ରେ ଉଦଯାପନୀ ଉତ୍ସବ ରେ ବାଲ ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ ଅକ୍ଷୟ କୁମାର ମିଶ୍ର ଯୋଗ ଦେଇ ସ୍ୱଚ୍ଛତା ଉପରେ ଶିଶୁ ଙ୍କ ସଚେତନ କରାଇଥିଲେ । ସଂସ୍କୃତ ଗୁରୁମା ରତ୍ନପ୍ରଭା ପ୍ରଧାନ, ପ୍ରଧାନଆଚାର୍ଯ୍ୟ ତରୁଣ କୁମାର ଦାଶ ମଞ୍ଚାସିନ ଥିଲେ । ବିଭିନ୍ନ ପ୍ରତିଯୋଗିତା ର ବିଚାରକ ଭାବରେ ଗୁରୁମା ବବିତା ପାତ୍ର, ସବିତା ମହାକୁଡ଼, ରଞ୍ଜନ ବେହେରା, ନନ୍ଦ କିଶୋର ସାହୁ,ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ । ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ । ଆଚାର୍ଯ୍ୟା ରଶ୍ମିତା ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ବିଶାମିତ୍ର ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ ।

ଛେଳିକୁ ବିଷ ଦେଇ ମାରିଦେଇଥିବା ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଗ୍ରାମର କୈଳାସ ବିଶାଳଙ୍କର ୧୦ ଟି ଛେଳି କୁ ବିଷ ଦେଇ ମାରିଦେଇଥିବା ଅଭିଯୋଗ ହୋଇଛି । ଏ ନେଇ କୈଳାସ ରବିବାର ଦିନ ଟାପଢୋଲ ଫାଣ୍ଡି ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତରେ ଉଲେଖ କରିଛନ୍ତି ଯେ ଶନିବାର ଦିନ ବିଳମ୍ବିତ ରାତି ରେ କେହି ବ୍ୟକ୍ତି ତାଙ୍କର ରଖିଥିବା ଛେଳି କୋଠରି କୁ ଆସି ଖାଦ୍ୟରେ ବିଷ ଦେଇଦେଇଛନ୍ତି । ରବିବାର ଦିନ ସକାଳେ ଗୋଟିଏ ପରେ ଗୋଟିଏ ଛେଳି ର ମୃତ୍ୟୁ ହୋଇଥିଲା । ଏତେ ଗୁଡିଏ ଛେଳି ମୃତ ବରଣ କରିଥିବା ଯୋଗୁଁ ସେ ଚିନ୍ତିତ ହୋଇ ପଡିଥିବା ବେଳେ ତାଙ୍କୁ ସରକାରୀ ସାହାଜ୍ୟ ଯୋଗାଇ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ନିରୋଜ କାନ୍ତ ସାହୁ ଦାବି କରିଛନ୍ତି ।

ଆବଶ୍ୟକ ମେଡିସନ ମିଳୁନି, ରୋଗୀ ହଇରାଣ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆବଶ୍ୟକ ଔଷଧ ମିଳୁନାହି । ଫଳରେ ସ୍ଥାନୀୟ ଅଞ୍ଚଳବାସୀ ମାନେ ବହୁ ହଇରାଣ ହେଉଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ର କର୍ତ୍ତୁପକ୍ଷମାନେ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ଆଣୁନଥିବା ସାଧାରଣରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପାଇକସାହି , ଟାପଢୋଲ , କନ୍ତପଡା , ସାପଘରା , ଆଦି ପଞ୍ଚାୟତ ର ୨୦ ହଜାର ଲୋକେ ନିର୍ଭର କରୁଛନ୍ତି । ହେଲେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆବଶ୍ୟକ ପରିମାଣ ର ଔଷଧ ମିଳୁନଥିବା ଅଭିଯୋଗ ହୋଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅଳ୍ପ ପରିମାଣ ର ଔଷଧ ମିଳୁଥିବା ବେଳେ ଅଧିକାଂଶ ଔଷଧ ବାହାର ଅଞ୍ଚଳ ରୁ କିଣିବା ପାଇଁ ପରାମର୍ଶ ଦିଆଯାଉଛି । ଯାହା ଫଳରେ ଗରିବ ଶ୍ରେଣୀ ର ରୋଗୀ ମାନେ ବହୁ ହଇରାଣ ହେଉଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା କୁ ସାଧାରଣରେ ଦାବି ହୋଇଛି । ଏ ନେଇ ପାଇକସାହି ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ରାଜେସ କୁମାର ଜେନା ଙ୍କୁ ପଚାରିବାରୁ କୌଣସି ରୋଗୀ ଙ୍କୁ ମେ ଯୋଗାଇ ଦିଆଯାଉଛି ବୋଲି କହିଥିଲେ ।

ଚିରୋସ୍ରୋତା ବ୍ରାହ୍ମଣୀ ନଦୀ ପଠାରେ ଛଟ୍ ପୂଜା

ତାଳଚେର,(ସବ୍ୟୁ) : ବ୍ରାହ୍ମଣୀ ନଦୀ ତଟରେ ଛଟପୂଜା କମିଟି ପକ୍ଷରୁ ଦୀର୍ଘବର୍ଷ ହେବ ରୀତିନୀତି ଅନୁଯାୟୀ ଛଟପୂଜା ପାଳିତ ହୋଇ ଆସୁଛି । ଚଳିତ ବର୍ଷ ବ୍ରାହ୍ମଣୀ ନଦୀ ତଟରେ ଏହି ପର୍ବ ଧୁମଧାମରେ ଆୟୋଜନ କରାଯାଇଛି । ଏଠାରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ କିପରି ଶାନ୍ତିଶୃଙ୍ଖଳାରେ ଏହି ପର୍ବ ପାଳିତ ହେବ ଏଥିପ୍ରତି କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏହି ବ୍ରତ ପାଳନ ଉଦ୍ଦେଶ୍ୟ ହେଉଛି ସନ୍ତାନଙ୍କ ଦୀର୍ଘାୟୁ ପୁତ୍ର ସନ୍ତାନ ପ୍ରାପ୍ତି ସପରିବାର ମଙ୍ଗଳପାଇଁ ସୂର୍ଯ୍ୟ ଦେବତାଙ୍କ ନିକଟରେ ବିହାରୀ ସମ୍ପ୍ରଦାୟର ଲୋକମାନେ ଭବ୍ୟଆରଧନା କରନ୍ତି । ଏହି ପର୍ବ ଦୁଇଦିନ ବ୍ୟାପି ଆୟୋଜିତ ହେଉଥିବା ବେଳେ ବିହାରୀ ସମ୍ପ୍ରଦାୟର ମହିଳାମାନେ ନିଷ୍ଠାର ସହ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଥାନ୍ତି । ଏହି ଉତ୍ସବରେ ଆଖାପାଖର ବିହାରୀ ସମ୍ପ୍ରଦାୟର ମହିଳା/ପୁରୁଷ ଛଟପୂଜା ନିମନ୍ତେ ନଦୀତଟରେ ଏକତ୍ରିତ ହୋଇଥାନ୍ତି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ହିଞ୍ଜୁଳା କ୍ଷେତ୍ରର ମହପ୍ରବନ୍ଧକ ଏକେ ସଙ୍ଗ୍ରକାର ଓ ତାଳଚେର ଏଡିଆ ମହାପ୍ରବନ୍ଧକ ମୁରାରୀ ମିଶ୍ରା ଓ ତାଙ୍କ ସହଧର୍ମିଣୀ, ଛଟପୂଜାର ମହାସଚିବ ନରେନ୍ଦ୍ର ପାୀ, ଅଧ୍ୟକ୍ଷ ଏକେ ଶର୍ମା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେରେ ସୂର୍ଯ୍ୟଦେବଙ୍କର ଯଜ୍ଞ କାର୍ଯ୍ୟକ୍ରମ କରାଯାଇଥିଲା ଓ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ମିଷ୍ଠାନ୍ନ ବଂଟନ କରାଯାଇଥିଲା ।

ନିଖିଳ ଉତ୍କଳ ଚଷା ସମାଜର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ତାଳଚେର,(ସବ୍ୟୁ) :ତାଳଚେର ବ୍ଲକ ସାଉଥବଲଣ୍ଡା ସ୍ଥିତ ଜଗନ୍ନାଥ କଲାକେନ୍ଦ୍ର ଠାରେ ନିଖିଳ ଉତ୍କଳ ଚଷା ସମାଜ ଓଡ଼ିଶାର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପଦାଧିକାରୀ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । କେନ୍ଦ୍ରୀୟ ଚଷା ସମାଜର ସଭାପତି ମୁକୁନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାମାଜିକ ସଂସ୍କାର, ସାଂଗଠନିକ ସୁଦୃଢ଼ିକରଣ ଏବଂ ବିସ୍ତାପିତ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ନିଖିଳ ଉତ୍କଳ ଚଷା ସମାଜର ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନ ତାଙ୍କ ବକ୍ତବ୍ୟରେ ବ୍ୟୟବହୁଳ ବିବାହ ଉପରେ କଟକଣା ଜରୁରୀ ବୋଲି କହିଥିଲେ। ରିଙ୍ଗ ସେରିମନି, ହଳଦୀ, ମେହେନ୍ଦି ଓ ପ୍ରି-ଓ୍ୱେଡିଂ ଫଟୋ ସେସନ ଭଳି ଅପସଂସ୍କୃତିରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ।ସମାଜର ପ୍ରବକ୍ତା ଜୟକୃଷ୍ଣ ପ୍ରଧାନ ଯୌତୁକ ଦେବା ଓ ନେବା ଭଳି ଘୃଣ୍ୟ ପ୍ରଥାରୁ ଦୂରେଇ ରହିବାକୁ ଆହ୍ୱାନ କରିଥିଲେ। କେନ୍ଦ୍ରୀୟ ଚଷା ସମାଜର ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ସ୍ଥାନୀୟ ବିସ୍ତାପିତ ସମସ୍

ସେଣ୍ଟ ମେରୀ ସ୍କୁଲରେ ଶିଶୁ ଦିବସ ପାଳିତ



କେନ୍ଦୁଝର, (ଜିପ୍ର): ଆନନ୍ଦପୁର ସ୍ଥିତ ସେଣ୍ଟ ମେରୀ ସ୍କୁଲ ପରିସରରେ ଆନନ୍ଦ ଓ ଉତ୍ସାହର ସହ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଅନିଲ କୁମାର କୁଲୁ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ସେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷା, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଉତ୍ତମ ଚରିତ୍ର ଗଠନ ଉପରେ ମୂଲ୍ୟବାନ ବାର୍ତ୍ତା ପ୍ରଦାନ କରିଥିଲେ।ଅଧ୍ୟକ୍ଷ ଶ୍ରୀ କୁଲୁ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ମନୋରମ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଉପସ୍ଥିତ ସମସ୍ତଙ୍କୁ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ବିଭିନ୍ନ ହାଉସ ମଧ୍ୟରେ ଏକ ହାଉସ୍ଭିତ୍ତିକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଧବଳ ସାର୍, ସୁଚିତ୍ରା ମ୍ୟାଡାମ, ରାଜଦୀପ ସାର୍, ଚିନ୍ମୟୀ ମ୍ୟାଡାମ ଓ ଦେବାଶିଷ ସାର୍ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ହଳଦିଆ ହାଉସ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା। ଶିଶୁମାନଙ୍କ ମଧ୍ୟରେ ଲୁଚ୍କାୟିତ ପ୍ରତିଭା, ସୃଜନଶୀଳତା ଓ ଜ୍ଞାନର ବିକାଶ ନିମନ୍ତେ ଆୟୋଜିତ ଏହି ଉତ୍ସବଟି ଆନନ୍ଦମୟ ପରିବେଶରେ ସଫଳତାର ସହ ସମାପନ ହୋଇଥିଲା।

ଘରୁ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ଭଦ୍ରକ,(ସବ୍ୟୁ):ପାର୍ବଣରେ ଚୋରଙ୍କ ଆତଙ୍କ। ଘରେ ତାଲା ପକାଇ ପରିବାର ସହ କାଳୀପୂଜା ମେଳା ବୁଲିବାକୁ ଯାଇଥିଲେ ଗୃହକର୍ତ୍ତା। ଏହାର ସୁଯୋଗ ନେଇ ଘରେ କଳାକଳା ବୁଲାଇଲେ ଦୁର୍ବୃତ୍ତ। ନଗଦ ଲକ୍ଷାଧିକ ଟଙ୍କା ସହ ସୁନା ଗହଣା ଲୁଟିନେବା ପରେ ସିସିଟିଭିର ଡିଭିଆର୍ ଓ ରାଉଟର ମଧ୍ୟ ନେଇଗଲେ। ଏଭଳି ଘଟଣା ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନ ଧରିତ୍ରୀ ନଗରରେ ଘଟିଛି। ସତ୍ୟସ୍ୱରୂପ ଜେନାଙ୍କ ପରିବାର ଲୋକେ କାଳୀପୂଜା ମେଳା ଦେଖିବାକୁ ଯାଇଥିଲେ। ଘରକୁ ଫେରିବା ପରେ ମୁଖ୍ୟ ଗେଟ୍ ଓ ଘରର ତାଲା ଠିକ୍ ଥିବା ଦେଖିଥିଲେ। କିନ୍ତୁ ଘର ପଛପଟ ଗ୍ରିଲ୍ ଭଙ୍ଗାଯାଇଥିବା ଦେଖି ସନ୍ଦେହ ହୋଇଥିଲା। ଘର ଭିତରକୁ ଯାଇ ଦେଖିବା ବେଳକୁ ତିନୋଟି ଗଡ଼ରେଜ୍ ଆଲମିରା ଭଙ୍ଗାଯାଇଥିଲା। ଆଲମିରାରୁ ନଗଦ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ୍ ହୋଇଥିବା ଜଣାପଡ଼ିଥିଲା। ଘର ବାହାରେ ଓ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ଚୋରମାନେ କ୍ୟାମେରାର ଡିଭିଆର୍ ଓ ରାଉଟର ନେଇ ଫେରାର ହୋଇଯାଇଛନ୍ତି। ଫଳରେ ଚୋରିର ପ୍ରମାଣ ମିଳିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଘଟଣାକୁ ନେଇ ପରିବାର ପକ୍ଷରୁ ଭଦ୍ରକ ଗ୍ରାମାଂଚଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଥିବା କହୁଥିବାବେଳେ ଚୋରଙ୍କ ଟେର୍ ପାଉଛି ତ ନା ନାହିଁ,ତାହା ଏବେ ବଡ଼ ପ୍ରଶ୍ନ। ସହର ଉପକଣ୍ଠରେ ଏଭଳି ଦୁଃସାହସିକ ଚୋରି ଘଟଣା ପୋଲିସର ରାତ୍ରିକାଳୀନ ପାଟ୍ରୋଲିଂ ଓ ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି । ଚୋରଙ୍କୁ ଧରିବା ଓ ଲୁଟ୍ ସାମଗ୍ରୀ ଉଦ୍ଧାର କରିବାରେ ପୋଲିସ କେବେ ସଫଳ ହେଉଛି, ତାହାକୁ ଅପେକ୍ଷା ।

ବଡଚନ୍ଦ୍ରଭାନୁପୁର ଗ୍ରାମରେ ଗୋଷ୍ଠୀ ସଂଘର୍ଷ : ଜଣେ ଆହତ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ନରସିଂହପୁର ପଞ୍ଚାୟତର ବଡଚନ୍ଦ୍ରଭାନୁପୁର ଗ୍ରାମର ନଇଯୋଡିରେ ମାଛ ଧରିବାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଲାଗି ଜଣେ ଆହତହୋଇଛନ୍ତି । ଦୁଇଟି ଅଭିଯୋଗକ୍ରମେ ଜଣେ ଥାନାର ଅଟକ। ବାସୁଦେବପୁର ବ୍ଲକର ନରସିଂହପୁର ପଞ୍ଚାୟତର ବଡଚନ୍ଦ୍ରଭାନୁପୁର ଗ୍ରାମର ବିଜୟ କୁମାର ନାୟକଙ୍କ ପରିବାର ପକ୍ଷରୁ ନଇଯୋଡି(ନାଳ)ରେ ମାଛ ଧରିବାକୁ ଜାଲ ବସାଇ ଥିଲେ। ସେହି ଗ୍ରାମର ବିରୋଧୀ ପକ୍ଷ ପ୍ରଦ୍ୟୁମ୍ନ ପଣ୍ଡା ଜାଲ ଉଠାଇ ଫିଙ୍ଗି ଦେଇଥିଲେ। ମାଛଧରା ଜାଲ କାହିଁକି ଉଠାଇ ଫିଙ୍ଗିଲ ବୋଲି ପଚାରିବାରୁ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ଦୁଇ ପରିବାର ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ପ୍ରଦ୍ୟୁମ୍ନ ଓ ତାଙ୍କର ପତ୍ନୀ ମିଳିତ ଭାବେ ଆକ୍ରମଣ କରିବାରୁ ନଳିନୀକାନ୍ତ ନାୟକ ରକ୍ତାକ୍ତ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଗଭୀର ଚୋଟ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ମେଡିକାଲକୁ ରେଫର କରାଯାଇଛି। ଅଜୟ କୁମାର ନାୟକଙ୍କୁ ନିସ୍ତୁକ ମାଡ ମାରିଥିବାର ବାସୁଦେବପୁର ଥାନାର ଲିଖିତ ଅଭିଯୋଗ ହୋଇଛି। ଅପରପକ୍ଷ ମମତା ମଞ୍ଜୁରୀ ପଣ୍ଡାଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ଥାନାର ହୋଇଛି। ପୋଲିସ ମମତାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

୩ ହଜାର ୨୨୮ ହିତାଧିକାରୀଙ୍କୁ ମିଳିବ ନୂଆ ଭତ୍ତା

ଖଇରା,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ୩୭ ପଞ୍ଚାୟତରୁ ମୋଟ ୩ହଜାର୨୨୮ବୁଢାବୁଢୀ,ବିଧବା ଓ ଭିନ୍ନକ୍ଷମ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ଉପକୃତ ହେବେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଅବସରରେ ୧୫୭ଜଣଙ୍କୁ ଭତ୍ତା ବଣ୍ଟାଯାଇଥିବା ବେଳେ ଶନିବାର ବ୍ଲକ ପରିସରରେ ବିଧାୟକ ୩ଶହ ଜଣଙ୍କୁ ନୂଆ ଭତ୍ତା ବଣ୍ଟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ଲକ ଶିକ୍ଷକ ଭବନରେ ଭତ୍ତା ବଣ୍ଟନ କାଯ୍ୟକ୍ରମରେ ବିଡିଓ ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ । ବିଧାୟକ ନିଜ ବକ୍ତବ୍ୟରେ ସରକାର ଦଳୀୟ ଭାବନାରୁ ଉର୍ଦ୍ଧରେ ରହି ସବୁ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଚିନ୍ତା କରୁଛନ୍ତି ବୋଲି କହିଥିଲେ । ଜିଲ୍ଲା ପରିଷଦ ସଭ୍ୟମାନସ କୁମାର ଦାଶ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ,ସିପି ଶଶିକାନ୍ତ ଦାସ,ବ୍ଲକ ସଂଯୋଜକ ଅନନ୍ତ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ନୂତନ ହିତାଧିକାରୀ ଙ୍କୁ ଉତ୍ତରୀୟ ପ୍ରଦାନ ପରେ ଭତ୍ତା ସହାୟତା ପ୍ରଦାନ କରାଯାଇଥିଲା । ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନେ ଉପସ୍ଥିତ ଥିଲେ । ବାକି ହିତାଧିକାରୀଙ୍କୁ ନଭେମ୍ବର ୨୫ତାରିଖ ଦିନ ବକେୟା ଭତ୍ତା ପ୍ରଦାନ କରାଯିବ ବୋଲି ବିଡିଓ ପ୍ରକାଶ କରିଥିଲେ ।

ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୧୦୫ ପ୍ରକଳ୍ପ ପ୍ରଦର୍ଶିତ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ପଳାସଗଡିଆସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମୋଟ ୧୦୫ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ପାର୍ଥ ସୁନ୍ଦର ମହାକୁଡ଼ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଡ଼.ପୂର୍ଣ୍ଣଚନ୍ଦ୍ର ପାତ୍ର,ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ସୁମତୀ ସାହୁ,ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଚାରକ ଭାବେ ସୁବାସ ଚନ୍ଦ୍ର ପଣ୍ଡା,ବିବେକାନନ୍ଦ ପାଣିଗ୍ରାହୀ,ରଶ୍ମୀ ରଞ୍ଜନ ସାମଲ,ଭାଗଯଶ୍ରୀ ମହନ୍ତ,ଅବିନାଶ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପକ ସନ୍ତୋଷ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା,ଅଧ୍ୟାପକ ପ୍ରହଲ୍ଲାଦ ମହାକୁଡ଼ ସଭା କାର୍ଯ୍ୟ ପରିଚାଳନା,ଶିକ୍ଷକ ରତିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

ପୌରପାଳିକା ବ୍ରାହ୍ମଣ ସମିତିର ବାର୍ଷିକ ଉତ୍ସବ

ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ପୌରାଞ୍ଚଳ ବ୍ରାହ୍ମଣ ସମିତି ପକ୍ଷରୁ ମିର୍ଜାପୋଖରୀ ଲେନ୍ସ୍ଥିତ 'ଗୌରାଶ୍ରୟ ଭବନ'ରେ ବାର୍ଷିକ ଉତ୍ସବ ସମାପ୍ତ ହୋଇଛି। ସମିତିର ସଭାପତି ଡ. ଗୌରସାଧନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଣ୍ଡିତ କମଳାକାନ୍ତ ତ୍ରିପାଠୀ ମଙ୍ଗଳାଷ୍ଟକ ପାଠକରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ପଣ୍ଡିତ ଶକ୍ତିପଦ ପଣ୍ଡା ଓ ପଣ୍ଡିତ ପ୍ରଦୀପ ପତି ବେଦପାଠ କରିଥିଲେ। ଉଦ୍ଘାଟକ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ବ୍ରାହ୍ମଣମାନେ ପୂର୍ବକାଳରୁ ଅଦ୍ୟାବଧି ସମାଜକୁ ସଠିକ୍ ମାର୍ଗ ଦର୍ଶନରେ ସହାୟକ ହେଉଥିବାର କହିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡ. ହରିହର ହୋତା ମୁଖ୍ୟ ଅତିଥିଭାବେ ରାଜ୍ୟବ୍ରାହ୍ମଣ ମହାସଂଘର ସଭାପତି ଡ. ସଦାନନ୍ଦ ଦୀକ୍ଷିତ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ରାଜ୍ୟ ମହାସଂଘର ବରିଷ୍ଠ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ପତ୍ରୀ, ରମେଶ ଚନ୍ଦ୍ର ମହାପାତ୍ର, ଶାନ୍ତନୁ କୁମାର ମିଶ୍ର, ଗୋପୀନାଥ କର, ଅକ୍ଷୟ କୁମାର ମିଶ୍ର ଓ ଲୋକନାଥ ଧର ଉପସ୍ଥିତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇ ପୌରାଞ୍ଚଳର ବ୍ରାହ୍ମଣମାନଙ୍କର ଐକ୍ୟକୁ ଧନ୍ୟବାଦ ଦେଇଥିଲେ।

କାଳୀପୂଜା ମଣ୍ଡପ ବୁଲିଲେ ପୂର୍ବତନ ବିଧାୟକ

ବାସୁଦେବପୁର,(ସବ୍ୟୁ):ସରିଗଲା ଭଦ୍ରକର କାଳୀପୂଜା ହେଲେ ବାସୁଦେବପୁର ପ୍ରସିଦ୍ଧ କାଳୀପୂଜା ଏବେ ଜମୁଛି। ରବିବାରଛୁଟି ଥିବାରୁ ହଜାର ହଜାର ଲୋକଙ୍କ ସମାଗମ ଲାଗିଛି। ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ତାଙ୍କର ସହଯୋଗୀଙ୍କ ସହିତ ୫ଟି ପୂଜା ମଣ୍ଡପ ବୁଲି ମାଆ କାଳୀଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଦୀର୍ଘ ୧୭ଦିନ ଧରି ଚାଲିବା ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା,ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ,ଦୀନବନ୍ଧୁ ଦାସ,ମାନସ ରଞ୍ଜନ ସାହୁ,ଗୌତମ ସେଠୀ, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ମଣ୍ଡପ ବୁଲି ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବାସୁଦେବପୁର କାଳୀପୂଜା ଭାଇଚାରାର ନିଦର୍ଶନ। ପୁରପଲ୍ଲୀର ଗଣପର୍ବ ଭାବେ ପାଳିତ ହେଉଥିବା କାଳୀପୂଜା ସମସ୍ତଙ୍କୁ ଏକତା ଡୋରୀରେ ବାନ୍ଧି ରଖିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ଶ୍ରୀରାଉତରାୟ କହିଥିଲେ।

ଇଣ୍ଟର କଲେଜ ଉଷୁ ପ୍ରତିଯୋଗିତାରେ ବେତନଟୀ କଲେଜ ଛାତ୍ରୀଙ୍କ ସଫଳତା

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରେ ମହାବିଦ୍ୟାଳୟ ସ୍ତରୀୟ ଉଷୁ ପ୍ରତିଯୋଗିତାରେ ବେତନଟୀ କଲେଜର ଛାତ୍ରୀ କରିସ୍ମା ବାସ୍କେ, ଗାୟତ୍ରୀ ବେହେରା, ଅନିମା ମାଝୀ ସଫଳତା ହାସଲ କରି କଲେଜ ପାଇଁ ଟ୍ରଫି ଜିତି ଆଣିଛନ୍ତି। ବିଭିନ୍ନ ମହାବିଦ୍ୟାଳୟର ଏକାଧିକ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ଛାତ୍ରୀମାନଙ୍କ ଏହି ସଫଳତା କଲେଜର ଅନ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଲୋଚନା ହୋଇଥିଲା ।ଏହି ସଫଳତା ପରେ ଶନିବାର ବେତନଟୀ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଜୟୀ ଛାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଶ୍ରଦ୍ଧାଞ୍ଜଳି ସିଂ, ଛାତ୍ର ସଂସଦ ର ସାଧାରଣ ସମ୍ପାଦକ ମନରଞ୍ଜନ ମହାନ୍ତ, ଗାର୍ଲସ କମନ ରୁମ ସେକ୍ରେଟାରୀ ରଶ୍ମି ରେଖା ସିଂ, ବଏଜ କମନ ରୁମ ସେକ୍ରେଟାରୀ ପପୁ ସିଂ, ଆଶିଷ୍ଟେଣ୍ଟ ଡ୍ରାମାଟିକ ସେକ୍ରେଟାରୀ ପ୍ରୀତି ବେହେରା, ରଜନୀ ସିଂ, ଲୋକନ ସିଂ, ସୁରେଖା ବେହେରା, କାଜଲ ମହାକୁଡ଼, କୁଆଁରୀ ସିଂ, ଯୋସଦା ଦାଶ ଓ ପୁଷ୍ପଲତା ସିଂ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ କ୍ରୀଡ଼ା ନୈପୁଣ୍ୟ, ଅକ୍ଲାନ୍ତ ପରିଶ୍ରମ ଓ ସଫଳତାକୁ ପ୍ରଶଂସା କରାଯିବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ସଫଳତା ଜାରି ରଖିବା ପାଇଁ ଶୁଭେଚ୍ଛା ଜଣାଯାଇଥିଲା।

ବ୍ଲକ୍ସ୍ତରୀୟ ବିଜ୍ଞାନ ମେଳା ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ନୀଳଗିରି ,(ସବ୍ୟୁ):ନୀଳଗିରି ବ୍ଲକ ତରତରୀ ବାଳିକା ବିଦ୍ୟା ନିକେତନ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାର ଆୟୋଜନ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଥିବା ଥିବାବେଳେ ମୁଖ୍ୟଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋଜ କୁମାର ସି ଓ ବିମଳ କୁମାର ଜେନା ଅତିଥି ପରିଚୟ ପ୍ରଦାନ, ମଞ୍ଚ ପରିଚାଳନା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ସଭାପତିତ୍ୱ କରିଥିବା ବେଳେ ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଶାନ୍ତ କୁମାର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ବାଲେଶ୍ୱର ଜିଲ୍ଲା ବିଜ୍ଞାନ ସଂଯୋଜକ ଇନ୍ଦ୍ରଜିତ ପାତ୍ର ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଶ୍ରୀ ଷଡ଼ଙ୍ଗୀଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଉତ୍ତୋରୋତ୍ତର ଉନ୍ନତି କାମନା କରିଥିଲେ। ଏହି ବିଜ୍ଞାନ ମେଳରେ ୧୬୦ ଗୋଟି ବିଦ୍ୟାଳୟ ରୁ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବିଭିନ୍ନ ବିଷୟରେ ୧୬୦ ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କୃତି ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଯାମୁନା ଆଞ୍ଚଳିକ ସାଧନ କେନ୍ଦ୍ର ର ସଂଯୋଜକ ସୁନୀଲ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଇରା,(ସବ୍ୟୁ):ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଔପଦା ଡ଼ିଗ୍ରୀ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଦ୍ୱାରିକାନାଥ ସତପଥିଙ୍କ ସଭାପତିତ୍ୱରେ ଗିତୁପ୍ରଜ୍ଞା ଗିରିଙ୍କ ବେଦଧ୍ୱନିରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାର ଶୁଭାରମ୍ଭ ହୋଇଥିଲା । ଏଥିରେ ପ୍ରାଧାପକ ହରିହର ପଣ୍ଡା ,ରାଜନୀତି ବିଭାଗ ଲକ୍ଷ୍ମୀନାରାୟଣ ଦାସ ,ଶିକ୍ଷା ବିଭାଗ ପ୍ରାଧାପିକା ପୁଷ୍ପାଞ୍ଜଳି ବିଶ୍ୱାଳ,ରାଜନୀତି ବନୀଷା ମୁଦୁଲି ଓଡ଼ିଆ ସବିତା ମହାରଣା ଇତିହାସ ବିଭାଗର ବରେଣ୍ୟ ଅତିଥିମାନେ ଯୋଗଦାନକରି ନବଗତଓ ଛାତ୍ରଛାତ୍ରୀମାନଙ୍କୁ ସଂସ୍କୃତରୁ ସଂସ୍କାର ଓ ସଂସ୍କଓରୀ ହେବାପାଇଁ ଦିଗଦର୍ଶନ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ମୁକ୍ତିକାନ୍ତ ଦାଶ ଘନଶ୍ୟାମ ପ୍ରଧାନ ଅନାଦି ଧଳ ରମେଶ ବିଶ୍ୱାଳ ମମତାରାଣୀ ଦାସ ପ୍ରମୁଖ ଯୋଗଦାନ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ମହାବିଦ୍ୟାଳୟର ଅନନ୍ୟତମ ଛାତ୍ରୀ ଶ୍ରୁତିରେଖା ପଣ୍ଡା ଯତ୍ନିନ କବି ଭାଗଯଶ୍ରୀ ବେହେରା ,ମଧୁସ୍ମିତା ବେହେରା ମୋନାଲିସା ସେନାପତି ପ୍ରମୁଖ ବହୁ ଛାତ୍ରୀ ଯୋଗଦାନ କରିଥିଲେ । ସର୍ବଶେଷରେ ଅନ୍ତିମବର୍ଷିୟା ଛାତ୍ରୀ ମାଧୁରୀ ବେହେରା ଧନ୍ୟବାଦ ଅର୍ପଣ ପ୍ରଦାନ ପୂର୍ବକ ସଭାପତି ସତପଥୀ ସଭାସଙ୍ଗ କରିଥିଲେ।

ଜନଜାତୀୟ ଗୌରବ ଦିବସ ପାଳିତ

ଆଗରପଡ଼ା,(ସବ୍ୟୁ:ବନ୍ତ ବ୍ଲକ୍ ନିଳୋକ ପଂଚାୟତ ଗୋହିରାପଦି ଗ୍ରାମ ଆଦିବାସୀ ସାହିରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଅବସରରେ 'ଜନଜାତୀୟ ଗୌରବ ଦିବସ' ପାଳିତ ହୋଇଯାଇଛିଛି। 'ମାଇଁ ଭାରତ' ଭଦ୍ରକ ଓ ମାର୍ଶାଲ ସିର୍ଜନ ସଗୁନ ୟୁଥ୍ କ୍ଲବ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଫ

ସମ୍ପାଦକୀୟ

ସୋନିଆ ଗାନ୍ଧିଙ୍କ ଆତ୍ମଚରିତ

ଭାରତରେ ଦୀର୍ଘଦିନ ଧରି କଂଗ୍ରେସର ନେତୃତ୍ୱ ନେଇଥିବା ସୋନିଆ ଗାନ୍ଧିଙ୍କ ଆତ୍ମଚରିତ (Autobiography) Belonging: A Journey of Love ଗତ ନଭେମ୍ବର ୧୦ (୨୦୨୬)ରେ ପ୍ରକାଶ ପାଇଛି । 'ଆପଣାର ଭାବ: ପ୍ରେମର ଏକ ପରିଭ୍ରମଣ' ବୋଲି ଓଡ଼ିଆ ଭାଷାରେ ଏହାକୁ କୁହାଯାଇ ପାରେ । ମାତ୍ର ଏ ପୁସ୍ତକ ସମ୍ପର୍କରେ ଯେତିକି ଚର୍ଚ୍ଚା ଭାରତରେ, ଏପରିକି ଓଡ଼ିଶାରେ ହେବା କଥା ତାହା ସମ୍ଭବତଃ ହୋଇନାହିଁ । ତାହାର କାରଣ ହୋଇପାରେ, ଅଧିକାଂଶ ଲୋକଙ୍କର ଏବେ ରାଜନେତା ବା ରାଜନୀତି ଏ ଦୁଇଟି ବିଷୟ ଉପରେ ବିଶେଷ ଆଗ୍ରହ ନାହିଁ । ମାତ୍ର ସର୍ବାଧିକ କାଳ ଧରି ସୋନିଆ ଗାନ୍ଧୀ କଂଗ୍ରେସରେ ନେତୃତ୍ୱ ନେଇଥିଲେ ।

> **ଏହି ପୁସ୍ତକରେ ସୋନିଆ ଗାନ୍ଧୀ ସ୍ୱୀକାର କରିଛନ୍ତି ଯେ ତାଙ୍କର ଶାଶୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ଦେଶରେ ଯେଉଁ ଏମରଜେନ୍‌ସି ବା ଆପଦକାଳୀନ ଅବସ୍ଥା ଜାରି କରିଥିଲେ, ତାହା ଭୁଲ ଥିଲା । 'ହିନ୍ଦୁ' ସମ୍ବାଦପତ୍ରରେ ଏ ବିଷୟରେ ପ୍ରକାଶ ପାଇଛି । ଅବଶ୍ୟ ପ୍ରତିରକ୍ଷା ବିଭାଗରେ ୧୯୮୦ରେ ବୋଫର୍ସ କ୍ରୟରେ କିକ୍‌ବ୍ୟାକ୍ ଓ ୧୯୮୪ରେ ଦିଲ୍ଲୀ ଦଙ୍ଗା ବିଷୟରେ ଅନେକ ବିଷୟ ଏହି ଆତ୍ମଚରିତରେ ରହିଛି ।**

ସେ ଯାହା ହେଉ, ସୋନିଆ ଗାନ୍ଧୀଙ୍କ ଆତ୍ମଚରିତ ବିଷୟରେ ଏବେ ସାମାନ୍ୟ ଆଲୋଚନା ଚାଲିଛି । ସମ୍ବାଦପତ୍ର, ତଡ଼ିତ ଗଣମାଧ୍ୟମ ଓ କେଉଁଠି କେଉଁଠି ସମ୍ମିଳନୀ ଗଣମାଧ୍ୟମରେ କିଛି କିଛି ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଛି ।

ଏହି ପୁସ୍ତକରେ ସୋନିଆ ଗାନ୍ଧୀ ସ୍ୱୀକାର କରିଛନ୍ତି ଯେ ତାଙ୍କର ଶାଶୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ଦେଶରେ ଯେଉଁ ଏମରଜେନ୍‌ସି ବା ଆପଦକାଳୀନ ଅବସ୍ଥା ଜାରି କରିଥିଲେ, ତାହା ଭୁଲ ଥିଲା । 'ହିନ୍ଦୁ' ସମ୍ବାଦପତ୍ରରେ ଏ ବିଷୟରେ ପ୍ରକାଶ ପାଇଛି । ପ୍ରତିରକ୍ଷା ବିଭାଗରେ ୧୯୮୦ରେ ବୋଫର୍ସ କ୍ରୟରେ କିକ୍‌ବ୍ୟାକ୍ ଓ ୧୯୮୪ରେ ଦିଲ୍ଲୀ ଦଙ୍ଗା ବିଷୟରେ ଅନେକ ବିଷୟ ଏହି ଆତ୍ମଚରିତରେ ରହିଛି ।

ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ଆତ୍ମଚରିତ The Insider (ସମାଜରେ ଥାଏ ଯେ) ୧୯୯୮ରେ ପ୍ରକାଶ ପାଇଥିଲା ପୁସ୍ତକାକାରରେ । ମାତ୍ର ୧୯୯୫ ଇଂରାଜୀ 'ଆଉଟଲୁକ୍' ପତ୍ରିକାରେ ଏହାର ଅନେକ ଅଂଶ ପ୍ରକାଶ ପାଇ ଏହା ଆଲୋଡ଼ନ ସୃଷ୍ଟି କରିଥିଲା । ଅବଶ୍ୟ ଏହାକୁ ଆତ୍ମଚରିତ ବୋଲି ନ କହି କେହି କେହି ଉପନ୍ୟାସ ବୋଲି କହିଛନ୍ତି । ଏଥିରେ ମୁଖ୍ୟ ଚରିତ୍ର 'ଆନନ୍ଦ' ଜରିଆରେ ନିଜେ ଲେଖକ ଅନେକ ଘଟଣାର ଅବତାରଣା କରିଛନ୍ତି । ଆଉ କେହି କେହି ଏହାକୁ ଅର୍ଦ୍ଧ ଆତ୍ମଚରିତ ବୋଲି ମଧ୍ୟ କହିଥାନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ରାଓଙ୍କର ଏହି ପୁସ୍ତକ ଉନ୍ମୋଚନ କରିଥିଲେ ।

ଏବେ ଲୋକମାନଙ୍କର ପଠନସ୍ପୃହା କମି ଆସିଲାଣି । ମାତ୍ର ପଠନ ସ୍ପୃହାର ଅଭ୍ୟାସ ରଖିଲେ ତାଁହା ଆମମାନଙ୍କୁ ଆନନ୍ଦିତ କରିବା ସହିତ ସମାଜର ଦୋଷତ୍ରୁଟି ପ୍ରତି ସଚେତନ ମଧ୍ୟ କରାଯାଇ ପାରନ୍ତା ।

କଂଗ୍ରେସ ଦଳ ଏବେ ଭାରତରେ ବିରୋଧୀ ଦଳର ମର୍ଯ୍ୟାଦା ଲାଭ କରିଛି । ଅତୀତରେ ଇନ୍ଦିରା ଗାନ୍ଧୀଙ୍କ ତ୍ରୁଟିକୁ ସୋନିଆ ଗାନ୍ଧୀ ସ୍ୱୀକାର କରି ଭଲକାମ କରିଛନ୍ତି । କଂଗେସ ଦଳ ଏହାର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କ ପୁସ୍ତକର ଅଧିକ ପ୍ରସାର କରିବା ଉଚିତ । ଅବଶ୍ୟ ବିରୋଧୀଦଳ ଏବେ ଠିକ୍ ମାର୍ଗରେ ଯାଉଛି କି ନାହିଁ, ଆଉ ସେ ସମ୍ପର୍କରେ ସୋନିଆ ଗାନ୍ଧୀ ଲେଖିଛନ୍ତି କି ନାହିଁ କେଜାଣି ? ମାତ୍ର ଏମର୍ଜେନ୍ସି ଜାରି ନ କରିବାକୁ ଇନ୍ଦିରା ଗାନ୍ଧୀଜୀଙ୍କୁ ସଞ୍ଜୟ ଗାନ୍ଧୀ ପ୍ରବର୍ତ୍ତାଇ ପାରିଥାନ୍ତେ ବୋଲି ମଧ୍ୟ ଏହି ପୁସ୍ତକରେ ସେ ଉଲ୍ଲେଖ କରିଥିବା କୁହାଯାଉଛି ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ ।

samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

କ୍ଷୁଧା ବିରୋଧୀ ଲଢ଼େଇ ଏବେ ବି ଅଧୁରା



ଡ. ସନ୍ତୋଷ କୁମାର ମହାପାତ୍ର

୨୦୨୬ ମସିହାର ବିଶ୍ୱ କ୍ଷୁଧା ସୂଚକାଙ୍କ Global Hunger Index-GHI), ଯାହା ଅକ୍ଟୋବର ୧୪ ତାରିଖରେ 'ଖାଦ୍ୟ ସୁରକ୍ଷା ବିନା କୌଣସି ସୁରକ୍ଷା ନାହିଁ' (No Security Without Food Securety) ବିଷୟବସ୍ତୁକୁ ନେଇ ପ୍ରକାଶ ପାଇଛି, ତାହା ଅର୍ଥନୈତିକ ଅଭିବୃଦ୍ଧି ଓ ବୈଷୟିକ ପ୍ରଗତି ସତ୍ତ୍ୱେ ମାନବ ଜାତି ସମ୍ମୁଖୀନ ହେଉଥିବା ଏକ ଦୀର୍ଘସ୍ଥାୟୀ ସମସ୍ୟା-କ୍ଷୁଧା ଓ ଅପପୁଷ୍ଟି-ପ୍ରତି ପୁନର୍ବାର ଦୃଷ୍ଟି ଆକର୍ଷଣ କରିଛି । ବିଜ୍ଞାନ, କୃଷି, ଚିକିତ୍ସା ଓ ଡିଜିଟାଲ୍ ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ତଥାପି ଲକ୍ଷ ଲକ୍ଷ ଲୋକ ଆଜି ମଧ୍ୟ ପର୍ଯ୍ୟାପ୍ତ ଓ ପୁଷ୍ଟିକର ଖାଦ୍ୟ ପାଇବା ପାଇଁ ସଂଘର୍ଷ କରୁଛନ୍ତି । ସଂଘର୍ଷ, ଜଳବାୟୁ ପରିବର୍ତ୍ତନଜନିତ କ୍ଷତି, ଅର୍ଥନୈତିକ ଅସ୍ଥିରତା, ଦାରିଦ୍ର୍ୟ ଓ ବୃଦ୍ଧି ପାଉଥିବା ଅସମାନତା ଖାଦ୍ୟ ସୁରକ୍ଷାକୁ ନିରନ୍ତର ଦୁର୍ବଳ କରିଚାଲିଛି ।

ୱେଲ୍ଥୁଙ୍ଗରହିଲ୍ଫ(Welthungerhilfe), ରୁହର ବିଶ୍ୱବିଦ୍ୟାଳୟ ବୋଖୁମ୍‌ର ଆନ୍ତର୍ଜାତିକ ଶାନ୍ତି ଓ ସଂଘର୍ଷ ଆଇନ ପ୍ରତିଷ୍ଠାନ (IFHV) ଏବଂ ସ୍ୱିଜରଲ୍ୟାଣ୍ଡର ସଂଗଠନ ହେଲଭେଟାସ୍ (Helvetas) ମିଳିତ ଭାବେ ପ୍ରକାଶ କରିଥିବା ଏହି ରିପୋର୍ଟରେ ଖାଦ୍ୟ ସୁରକ୍ଷାକୁ ଏକ ରାଷ୍ଟ୍ରର ସୁରକ୍ଷା ନୀତିର ଏକ ପ୍ରମୁଖ ଅଂଶ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କାରଣ ସଂଘର୍ଷ କେବଳ ଯୁଦ୍ଧକ୍ଷେତ୍ରରେ ନୁହେଁ, ବରଂ ଏହାଠାରୁ ବହୁଦୂରରେ ଥିବା ଲୋକଙ୍କ ଜୀବିକା ଓ ଖାଦ୍ୟ ବ୍ୟବସ୍ଥାକୁ ମଧ୍ୟ ବିପର୍ଯ୍ୟସ୍ତ କରିଥାଏ । ବିଶ୍ୱର ହାରାହାରି କ୍ଷୁଧା ସୂଚକାଙ୍କ ହାର ୧୮.୧ ହୋଇଥିବାରୁ କ୍ଷୁଧାର ସ୍ଥିତି ମଧ୍ୟମ ସ୍ତରରେ ଥିବା ସୂଚିତ ହେଉଛି । କିନ୍ତୁ ଏହି ହାରାହାରି ଚିତ୍ର ବିଭିନ୍ନ ଦେଶର ଅସୁରକ୍ଷିତ ଜନସମୂହ ଭୋଗୁଥିବା ଭୟାବହ ଖାଦ୍ୟାଭାବକୁ ଲୁଚାଇ ଦେଉଛି । ମିଳିତ ଜାତିସଂଘର "ବିଶ୍ୱରେ ଖାଦ୍ୟ ସୁରକ୍ଷା ଓ ପୁଷ୍ଟିର ସ୍ଥିତି' (State of Food Security and Nutrition in the World- SOFI) ୨୦୨୬ ରିପୋର୍ଟ ଅନୁସାରେ, ୨୦୨୫ ମସିହାରେ ବିଶ୍ୱର ପ୍ରାୟ ୬୪.୫ କୋଟି ଲୋକ, ଅର୍ଥାତ୍ ବିଶ୍ୱ ଜନସଂଖ୍ୟାର ୭.୮ ପ୍ରତିଶତ, କ୍ଷୁଧାର ଶିକାର ହୋଇଥିଲେ । ୨୦୧୮ ମସିହାଠାରୁ ୩୨ଟି ଦେଶରେ କ୍ଷୁଧାର ସ୍ତର ବୃଦ୍ଧି ପାଇଛି । ଏହାର ପ୍ରମୁଖ କାରଣ ହେଉଛି ପରସ୍ପର ସହ ସଂଘର୍ଷ, ଜଳବାୟୁ ଜନିତ ଆଘାତ ଓ ଅର୍ଥନୈତିକ ସଙ୍କଟ ।

ଭାରତର ପ୍ରଦର୍ଶନ ବିଶେଷ ଭାବେ ଉଦ୍‌ବେଗଜନକ । ବିଶ୍ୱର ଅନ୍ୟତମ ବୃହତ୍ତମ ଅର୍ଥନୀତି, ପ୍ରମୁଖ କୃଷି ଉତ୍ପାଦନକାରୀ ଦେଶ ଓ ବୈଷୟିକ ଦୃଷ୍ଟିରୁ ଉନ୍ନତ ରାଷ୍ଟ୍ର ହୋଇଥିବା ସତ୍ତ୍ୱେ ଭାରତ ଏବେ ବି ଗୁରୁତର କ୍ଷୁଧା ସମସ୍ୟାର ସମ୍ମୁଖୀନ । ୨୦୨୬ ମସିହାର ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୨୨ଟି ଦେଶ ମଧ୍ୟରୁ ଭାରତ ୧୦୦ତମ ସ୍ଥାନରେ ରହିଛି । ଏହାର ସ୍କୋର ୨୪.୧ ଥିବାରୁ ଭାରତ "ଗୁରୁତର' (Serious) କ୍ଷୁଧା ବର୍ଗରେ ସ୍ଥାନ ପାଇଛି । ବିଶ୍ୱ କ୍ଷୁଧା ସୂଚକାଙ୍କ ସ୍କେଲରେ ୦ ଅର୍ଥ କ୍ଷୁଧା ନାହିଁ ଏବଂ ୧୦୦ ଅର୍ଥ ସବୁଠାରୁ ଭୟାବହ କ୍ଷୁଧା ସ୍ଥିତି । ୨୦୨୫ ମସିହାରେ ୨୫.୮ ସ୍କୋର ସହ ଭାରତ ୧୦୨ତମ ସ୍ଥାନରେ ଥିଲା । ଏହା ତୁଳନାରେ ୨୦୨୬ରେ କିଛିଟା ଉନ୍ନତି ଘଟିଛି । କିନ୍ତୁ ୨୦୧୪ ମସିହାରେ ୭୬ଟି ଦେଶ ମଧ୍ୟରୁ ୫୫ତମ ସ୍ଥାନରେ ଥିବା ଭାରତର ସ୍ଥିତି ତୁଳନାତ୍ମକ ଭାବେ ଅବନତି ଘଟିଥିବା ଦର୍ଶାଉଛି । ତେବେ ଏହି ତୁଳନା କରିବା ସମୟରେ ସତର୍କ ରହିବା ଆବଶ୍ୟକ, କାରଣ ବିଭିନ୍ନ ବର୍ଷରେ ସୂଚକାଙ୍କର ପଦ୍ଧତି ଓ ଅନ୍ତର୍ଭୁକ୍ତ ଦେଶର ସଂଖ୍ୟାରେ ପରିବର୍ତ୍ତନ ହୋଇଛି । ତଥାପି ଏହି ତଥ୍ୟ ଦର୍ଶାଉଛି ଯେ କ୍ଷୁଧା ଦୂରୀକରଣରେ ଅଗ୍ରଗତି ସତ୍ତ୍ୱେ ପୁଷ୍ଟିଗତ ବଞ୍ଚନା ଏବେ ବି ଏକ ଗୁରୁତର ସମସ୍ୟା ହୋଇ ରହିଛି ।

ବିଶ୍ୱ କ୍ଷୁଧା ସୂଚକାଙ୍କ ଚାରୋଟି ସୂଚକ ଆଧାରରେ କ୍ଷୁଧାର ମାପ କରିଥାଏ । ସେଗୁଡ଼ିକ ହେଲା-ଅପପୁଷ୍ଟି ବା ପର୍ଯ୍ୟାପ୍ତ ଖାଦ୍ୟ ଶକ୍ତିର ଅଭାବ, ଶିଶୁଙ୍କ ବୟସ ଅନୁପାତରେ କମ୍ ଉଚ୍ଚତା (ଷ୍ଟଣ୍ଟିଙ୍ଗ), ଉଚ୍ଚତା ଅନୁପାତରେ କମ୍ ଓଜନ (ୱେଷ୍ଟିଂ) ଏବଂ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର । ଏହି ସୂଚକଗୁଡ଼ିକ ଖାଦ୍ୟାଭାବର ବିଭିନ୍ନ ଦିଗ ଓ ଏହାର ପରିଣାମକୁ ବିଶେଷ କରି ଶିଶୁମାନଙ୍କ କ୍ଷେତ୍ରରେ ପ୍ରତିଫଳିତ କରିଥାଏ । ଅପପୁଷ୍ଟି ଅର୍ଥ ହେଉଛି ଶରୀରର ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାପ୍ତ କ୍ୟାଲୋରି ବା ଖାଦ୍ୟଶକ୍ତି ନ ମିଳିବା । ଷ୍ଟଣ୍ଟିଂ ବା ବୟସ ତୁଳନାରେ କମ୍ ଉଚ୍ଚତା ଦୀର୍ଘକାଳୀନ ଅପପୁଷ୍ଟି ଓ ଶାରୀରିକ ବିକାଶରେ ବାଧା ସହ ସାଧାରଣତଃ ଜଡ଼ିତ । ଅନ୍ୟପକ୍ଷରେ ୱେଷ୍ଟିଂ ବା ଉଚ୍ଚତା ତୁଳନାରେ କମ୍ ଓଜନ ହେଉଛି ତୀବ୍ର ଅପପୁଷ୍ଟିର ସଙ୍କେତ, ଯାହା ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରିପାରେ । ଏଗୁଡ଼ିକ କେବଳ ପରିସଂଖ୍ୟାନର ସଙ୍ଖ୍ୟା ନୁହେଁ । ଏହା ଏପରି ଶିଶୁମାନଙ୍କ ଦୁର୍ଦ୍ଦଶକୁ ପ୍ରତିଫଳିତ କରେ, ଯେଉଁମାନେ ଶାରୀରିକ ବିକାଶରେ ବାଧା, ଶିଖିବାର କ୍ଷମତା ହ୍ରାସ, ରୋଗ ପ୍ରତି ଅଧିକ ସମ୍ବେଦନଶୀଳତା ଓ ଜୀବନରେ ସୁଯୋଗ ହରାଇବାର ଆଶଙ୍କାରେ ରହିଥାନ୍ତି ।

୨୦୨୬ ମସିହାର ଆକଳନ ଅନୁଯାୟୀ, ଭାରତର ଜନସଂଖ୍ୟାର ୯.୮ ପ୍ରତିଶତ, ଅର୍ଥାତ୍ ପ୍ରାୟ ୧୪.୨୫ କୋଟି ଲୋକ ଅପପୁଷ୍ଟିର ଶିକାର । ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ମଧ୍ୟରେ ୨୯.୩ ପ୍ରତିଶତ ଷ୍ଟଣ୍ଟିଂ ଏବଂ ୧୯ ପ୍ରତିଶତ ୱେଷ୍ଟିଂର ଶିକାର । ପାଞ୍ଚ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାର ୨.୬ ପ୍ରତିଶତ । ଏହି ତଥ୍ୟ ପ୍ରମାଣ କରୁଛି ଯେ ପୁଷ୍ଟିଗତ ବଞ୍ଚନା ଏବେ ବି ଏକ ଗୁରୁତର ଜନନୀତିଗତ ସମସ୍ୟା ହୋଇ ରହିଛି । ବିଶେଷକରି ଶିଶୁମାନଙ୍କ ବିକାଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଏହାର ପ୍ରଭାବ ଅଧିକ ଭୟାବହ । ପଡ଼ୋଶୀ ଦେଶମାନଙ୍କ ସହ ତୁଳନା କଲେ ଭାରତର ସ୍ଥିତି ଆହୁରି ଗୁରୁତ୍ୱପୂର୍ଣ୍ଣ ମନେହୁଏ । ବାଂଲାଦେଶ, ନେପାଳ ଓ ଶ୍ରୀଲଙ୍କାର କ୍ଷୁଧା ସ୍କୋର ଭାରତ ଠାରୁ କମ୍ ଥିବାବେଳେ ପାକିସ୍ତାନ ଓ ଆଫଗାନିସ୍ତାନର ସ୍ଥିତି ଅଧିକ ଖରାପ । ଏହି ତୁଳନାରୁ ସ୍ପଷ୍ଟ ହୁଏ ଯେ ଅର୍ଥନୀତିର ଆକାର, ଭୂରାଜନୈତିକ ପ୍ରଭାବ ଓ ଜିଡିପିର ଅଭିବୃଦ୍ଧି ସ୍ୱତଃସ୍ଫୂର୍ତ୍ତ ଭାବେ ଉନ୍ନତ ପୁଷ୍ଟିଗତ ପରିଣାମ ସୁନିଶ୍ଚିତ କରେ ନାହିଁ । ଏହା ଏକ ଅସହଜ କିନ୍ତୁ ଅତ୍ୟନ୍ତ ଜରୁରୀ ପ୍ରଶ୍ନ ଉଠାଏ- ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପୁଷ୍ଟି ଓ ଖାଦ୍ୟ ସୁରକ୍ଷା କାହିଁକି ସୁନିଶ୍ଚିତ ହୋଇପାରି ନାହିଁ ?

ଜଣେ ଶିଶୁ ପର୍ଯ୍ୟାପ୍ତ କ୍ୟାଲୋରି ପାଉଥିଲେ ମଧ୍ୟ ପ୍ରୋଟିନ୍, ଭିଟାମିନ୍ ଓ ଖଣିଜ ପଦାର୍ଥର ଅଭାବ ଯୋଗୁଁ ଅପପୁଷ୍ଟିର ଶିକାର ହୋଇପାରେ । ତେଣୁ ଖାଦ୍ୟ ସୁରକ୍ଷା କେବଳ ଖାଦ୍ୟର ଉପଲବ୍ଧତା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ଏଥିରେ ଖାଦ୍ୟର ପୁଷ୍ଟିମୂଲ୍ୟ, ସୁଲଭତା ଓ ନିରାପତ୍ତା ମଧ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଭାରତର ଅର୍ଥନୈତିକ ଅଭିବୃଦ୍ଧି ଉତ୍ପାଦନ କ୍ଷମତାକୁ ବଢ଼ାଇଛି । କିନ୍ତୁ ଦେଶରେ କ୍ଷୁଧାର ସ୍ଥାୟୀ ଉପସ୍ଥିତି ଦର୍ଶାଉଛି ଯେ କେବଳ ଅଭିବୃଦ୍ଧି ସମସ୍ତଙ୍କ ଜୀବନଧାରଣର ମାନ ଉନ୍ନତ କରିପାରେ ନାହିଁ । ମୋଟ ଘରୋଇ ଉତ୍ପାଦ (GDP) ଅର୍ଥନୈତିକ ଉତ୍ପାଦନର ମାପ କରେ କିନ୍ତୁ ଆୟ ସମ୍ପତ୍ତି ଓ ସୁଯୋଗର ବଣ୍ଟନ କିପରି ହୋଇଛି କିମ୍ବା ପରିବାରଗୁଡ଼ିକ ପୁଷ୍ଟିକର ଖାଦ୍ୟ କିଣିବାକୁ ସକ୍ଷମ କି ନୁହନ୍ତି, ତାହା ଏଥିରୁ ଜଣାପଡ଼େ ନାହିଁ । ଅର୍ଥନୈତିକ ଲାଭ ପୁଞ୍ଜି ଓ ଉତ୍ପାଦନ ସମ୍ପତ୍ତିର ମାଲିକମାନଙ୍କୁ ଅଧିକ ଲାଭାନ୍ୱିତ କରୁଥିବା ବେଳେ ଅସଂଗଠିତ କ୍ଷେତ୍ରର ଶ୍ରମିକ, କୃଷି ଶ୍ରମିକ, କ୍ଷୁଦ୍ର ଚାଷୀ ଓ ଅର୍ଥନୈତିକ ଭାବେ ଦୁର୍ବଳ ପରିବାରଗୁଡ଼ିକ ଅନିଶ୍ଚିତ ନିଯୁକ୍ତି, କମ୍ ମଜୁରି ଓ ବୃଦ୍ଧି ପାଉଥିବା ଜୀବନଯାପନ ଖର୍ଚ୍ଚ ସହ ସଂଘର୍ଷ କରୁଛନ୍ତି ।

> **କ୍ଷୁଧା ବିରୋଧୀ ଲଢ଼େଇର ସଫଳତା କେବଳ ଗୋଟିଏ ଦେଶ କେତେ ସମ୍ପଦ ସୃଷ୍ଟି କରୁଛି ତାହା ଉପରେ ନୁହେଁ, ବରଂ ପ୍ରତ୍ୟେକ ନାଗରିକ ଯେପରି କ୍ଷୁଧା ଓ ଅପପୁଷ୍ଟିମୁକ୍ତ ଏକ ସୁସ୍ଥ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିପାରିବେ, ତାହା ସୁନିଶ୍ଚିତ କରିବାର କ୍ଷମତା ଉପରେ ନିର୍ଭର କରିବ ।**

ଏହା ବିକାଶକୁ କେବଳ ଜିଡିପି ଆଧାରରେ ମାପିବାର ସୀମାବଦ୍ଧତାକୁ ଉଜାଗର କରେ । ଆୟର ବଣ୍ଟନ ଅସମାନ ରହିଲେ ଏବଂ ମୌଳିକ ସମ୍ବଳ ଓ ସୁବିଧାରେ ସମସ୍ତଙ୍କ ସମାନ ପ୍ରବେଶାଧିକାର ନ ଥିଲେ ଅର୍ଥନୈତିକ ସମ୍ପ୍ରସାରଣ ସହିତ ଦାରିଦ୍ର୍ୟ ଓ ବଞ୍ଚନା ମଧ୍ୟ ରହିପାରେ । କ୍ଷୁଧା ଦାରିଦ୍ର୍ୟ, ଅସମାନତା ଓ କ୍ରୟକ୍ଷମତାର ଅଭାବ ସହ ଗଭୀର ଭାବେ ଜଡ଼ିତ । ବଜାରରେ ଖାଦ୍ୟ ଉପଲବ୍ଧ ଥିଲେ ମଧ୍ୟ ସ୍ୱଳ୍প ଆୟକାରୀ ପରିବାରଗୁଡ଼ିକ ସନ୍ତୁଳିତ ଆହାର କିଣିବାକୁ ଅସମର୍ଥ ହୋଇପାରନ୍ତି । ବିଶେଷକରି ଖାଦ୍ୟଦ୍ରବ୍ୟର ଦର ବୃଦ୍ଧି ହେଲେ ସେମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା, ବାସଗୃହ ଓ ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ବଦଳରେ ଖାଦ୍ୟକୁ ପ୍ରାଥମିକତା ଦେବାକୁ ବାଧ ହୁଅନ୍ତି । ଏପରି ସ୍ଥିତିରେ ମହିଳା ଓ ଶିଶୁମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୁଅନ୍ତି । କ୍ଷୁଧାର ମୁକାବିଲା ପାଇଁ ଏକ ସାମଗ୍ରିକ ଦୃଷ୍ଟିକୋଣ ଆବଶ୍ୟକ, ଯେଉଁଥିରେ ପୁଷ୍ଟିଗତ ସୁସ୍ଥତା, ସାମାଜିକ ନ୍ୟାୟ ଓ ମାନବ ବିକାଶକୁ ଅର୍ଥନୈତିକ ନୀତିର କେନ୍ଦ୍ରରେ ରଖାଯିବ । ଏକ ପ୍ରଭାବଶାଳୀ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା, ଉପଯୁକ୍ତ ମଜୁରି, ସୁରକ୍ଷିତ ନିଯୁକ୍ତି, ସାମାଜିକ ସୁରକ୍ଷା ଓ ସୁଲଭ ମୌଳିକ ସେବାଗୁଡ଼ିକ କେବଳ କଲ୍ୟାଣମୂଳକ ବ୍ୟୟ ନୁହେଁ ଏଗୁଡ଼ିକ ମାନବୀୟ କ୍ଷମତା ଓ ଦୀର୍ଘକାଳୀନ ଉତ୍ପାଦକତାରେ ନିବେଶ । ପୁଷ୍ଟିକର ଖାଦ୍ୟ ପାଇବାର ଅଧିକାର କେବଳ ବଜାରର ଅସ୍ଥିର ଆୟ ଉପରେ ନିର୍ଭର କରିବା ଉଚିତ ନୁହେଁ ।

ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୬ ଦର୍ଶାଉଛି ଯେ ୨୦୦୦ ମସିହାଠାରୁ ଭାରତ କ୍ଷୁଧା ହ୍ରାସ କ୍ଷେତ୍ରରେ କିଛିଟା ପ୍ରଗତି କରିଥିଲେ ମଧ୍ୟ ଗୁରୁତର ପୁଷ୍ଟିଗତ ବଞ୍ଚନା ଏବେ ବି ରହିଛି । ଅର୍ଥନୈତିକ ଅଭିବୃଦ୍ଧିକୁ ଉନ୍ନତ ପୁଷ୍ଟିଗତ ପରିଣାମରେ ପରିଣତ କରିବା ପାଇଁ ନିରନ୍ତର ପଦକ୍ଷେପ ଅତ୍ୟନ୍ତ ଜରୁରୀ । କୃଷି କ୍ଷେତ୍ରରେ ନିବେଶ ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଉପକୃତ ହେବା ଉଚିତ । ଏଥିସହିତ ଖାଦ୍ୟ ସଂରକ୍ଷଣ ସୁବିଧାର ଉନ୍ନତି, ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଏବଂ ବିବିଧ ଓ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତିରୁ କୃଷି ଉତ୍ପାଦନକୁ ସୁରକ୍ଷା ଦେବା ଆବଶ୍ୟକ । ନିଯୁକ୍ତି ସୃଷ୍ଟି, ନ୍ୟାୟସଙ୍ଗତ ମଜୁରି ଓ ଅଧିକ ସୁଦୃଢ଼ ସାମାଜିକ ସୁରକ୍ଷା ମାଧ୍ୟମରେ ପରିବାର ଗୁଡ଼ିକର କ୍ରୟକ୍ଷମତା ବୃଦ୍ଧି କରିବାକୁ ହେବ । ପୁଷ୍ଟି କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାୟନ କେବଳ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ କିମ୍ବା ବଣ୍ଟନ କରାଯାଇଥିବା ଖାଦ୍ୟର ପରିମାଣ ଆଧାରରେ ନୁହେଁ ବରଂ ଖାଦ୍ୟର ବିବିଧତା, ଶିଶୁଙ୍କ ଶାରୀରିକ ବୃଦ୍ଧି ଓ ମାତୃସ୍ୱାସ୍ଥ୍ୟ ଉପରେ ଏହାର ପ୍ରକୃତ ପ୍ରଭାବ ଆଧାରରେ କରାଯିବା ଉଚିତ ।

କ୍ଷୁଧା ବିରୋଧୀ ଲଢ଼େଇ ଏବେ ବି ଅଧୁରା । ଏଣୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ପ୍ରାଥମିକ ଶିକ୍ଷା ଓ ନିରାପଦ ପାନୀୟ ଜଳର ଉପଲବ୍ଧତାକୁ ସୁଦୃଢ଼ କରିବା ମଧ୍ୟ ସମାନ ଭାବେ ଜରୁରୀ । କାରଣ ଅପପୁଷ୍ଟି ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କାରଣ ସହ ପରସ୍ପର ଜଡ଼ିତ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମାଲକାନଗିରିକୁ...

ସଂସ୍କୃତି ଓ ଐତିହ୍ୟକୁ ସ୍ମରଣ କରିବା ସହିତ ଆଗାମୀ ପିଢ଼ି ମଧ୍ୟରେ ଏହାର ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଅବସର ଅଟେ ।ମାଲକାନଗିରି ଜନସଂଖ୍ୟାର ୫୮ ପ୍ରତିଶତ ହେଉଛନ୍ତି ଜନଜାତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେଥିପାଇଁ ସାମାଜିକ, ଆର୍ଥିକ ଓ ପ୍ରଶାସନିକ ଦୃଷ୍ଟିରୁ ମାଲକାନଗିରିକୁ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ । ମାଲକାନଗିରି ଜିଲ୍ଲାରେ ୪,୨୦୦ କୋଟି ଟଙ୍କା ବିନିଯୋଗରେ ଦୁଇଟି ଶିଳ୍ପ ପ୍ରକଳ୍ପ ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଲକାନଗିରି ଜିଲ୍ଲାର ବିକାଶ ଉପରେ ତାଙ୍କର ସମ୍ପୂର୍ଣ୍ଣ ଫୋକସ୍ ରହିଛି । ସମୃଦ୍ଧ ଓଡିଶା ଗଠନ ଦିଗରେ ଟିମ୍ ଓଡିଶା ରେ ସାମିଲ୍ ହେବା ପାଇଁ ଟିମ୍ ମାଲାକାନଗିରି ଗଠନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ମହାରାଷ୍ଟ୍ରର ଗଡଚିରୋଲୀଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇ ଉଦ୍ବୋଧନ ଦେବା ପରେ ମାଲକାନଗିରିଠାରେ ରାଜ୍ୟସ୍ତରୀୟ ସମାବେଶ ଆରମ୍ଭ ହୋଇଥିଲା । ଏହି ଗୌରବମୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୧୬୧ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଭେଟି ଦେଇଛନ୍ତି । ଏଥିମଧ୍ୟରୁ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ପ୍ରସାର ନିମନ୍ତେ ୫୫ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ୨୮ଟି ନୂତନ ଛାତ୍ରାବାସ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ବେଳେ, ଜିଲ୍ଲାର ଭିତ୍ତିଭୂମି ଓ ସାମଗ୍ରିକ ଉନ୍ନତି ପାଇଁ ୧୦୬ କୋଟି ଟଙ୍କା ବିନିଯୋଗରେ ୩୫ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ପରିବାରଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦' ଆରମ୍ଭ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ୧୯୮ଟି ଜିଲ୍ଲାର ୧୩୪ଟି ବ୍ଲକର ପ୍ରାୟ ୮ ଲକ୍ଷ ଅନୁସୂଚିତ ଜନଜାତି ଓ ବିଶେଷ ଅରୁନ୍ନତ ଜନଜାତି (PVTG) ପରିବାରକୁ ସଶକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ପାଇଁ ଓଡିଶାକୁ ୪ ଲକ୍ଷ ଘର ଆବଣ୍ଟନ ହୋଇଥିଲା । ତାଙ୍କର ବ୍ୟକ୍ତିଗତ ଅନୁରୋଧ ପରେ ଏହାକୁ ଆଉ ୧ ଲକ୍ଷ ବଢା ଯାଇ ୫ ଲକ୍ଷ ଘର ଆବଣ୍ଟନ କରାଯାଇଛି । ତେବେ, ସେ ଆହୁରି ୧ ଲକ୍ଷ ଘର ପାଇଁ ଦାବୀ କରିଛନ୍ତି । ଖୁବ୍ ଶୀଘ୍ର ଏହା ପୂରଣ ହେବ ବୋଲି ସେ ଦୃଢ ଆଶା ପୋଷଣ କରିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଇଞ୍ଜିନିଅରିଙ୍ଗ୍ ଓ ମେଡିକାଲ ପାଠ୍ୟକ୍ରମରେ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା ସହିତ ଓଡ଼ିଶାରେ ଏକକାଳୀନ ୨୪ଟି ନୂତନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇ ମୋଟ ସଂଖ୍ୟା ୭୧ରେ ପହଞ୍ଚିଛି, ଯାହା ସମଗ୍ର ଦେଶରେ ସର୍ବାଧିକ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କର ଦୃଢ ନେତୃତ୍ୱର ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୋଦୀଜୀଙ୍କ ନେତୃତ୍ୱରେ ଦେଶ ଆଜି ବିକାଶର ନୂଆ ଶିଖରରେ ପହଞ୍ଚିଛି । ଶିଳ୍ପ, ଭିତ୍ତିଭୂମି ଓ ଅର୍ଥନୀତିର ଉନ୍ନତି ସହିତ ଗରିବ ଲୋକଙ୍କ କଲ୍ୟାଣ ଓ ସଶକ୍ତିକରଣ କାର୍ଯ୍ୟକ୍ରମ ସଫଳ ଭାବେ ଲୋକଙ୍କ ପାଖରେ ପହଞ୍ଚିଛି ।ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଯେ, ଆଜି ଯଦି ମାଲକାନଗିରି ଭଳି ଦୁର୍ଗମ ଅଞ୍ଚଳର ମାଆଟିଏ ଗ୍ୟାସ ସିଲିଣ୍ଡରରେ ରୋଷେଇ କରୁଛି ଏବଂ ମୋବାଇଲ ଫୋନ୍ ମାଧ୍ୟମରେ ଡିଜିଟାଲ ପେମେଣ୍ଟ କରିପାରୁଛି, ତେବେ ଏହା ହିଁ ବିକଶିତ ଭାରତ ପଥରେ ଆମର ଅଗ୍ରଗତିର ପ୍ରକୃତ ପ୍ରମାଣ, ଯାହା ୧୦-୧୨ ବର୍ଷ ପୂର୍ବେ କଳ୍ପନା କରିବା ମଧ୍ୟ ଅସମ୍ଭବ ଥିଲା ।ରାଜନୈତିକ ଇତିହାସର ପୃଷ୍ଠା ଓଲଟାଇ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଗୁଡ଼ିକର ନୀତି ଉପରେ ତୀବ୍ର ସମାଲୋଚନା କରିଥିଲେ । ସେ କହିଥିଲେ ଯେ, ୨୦୧୪ ମସିହା ପୂର୍ବରୁ ଦେଶରେ କେବଳ ଗୋଟିଏ ପରିବାରର ନାମ ହିଁ ଚର୍ଚ୍ଚାରେ ରହୁଥିଲା ଏବଂ ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଦେଶର ବିକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରର ଶ୍ରେୟ ସେହି ଗୋଟିଏ ପରିବାରକୁ ଦିଆଯାଉଥିଲା । ଫଳସ୍ୱରୂପ ଭଗବାନ ବିର୍ସା ମୁଣ୍ଡା, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ମହାନ ରାଷ୍ଟ୍ରନାୟକଙ୍କ ବଳିଦାନକୁ ଇତିହାସର ଅନ୍ଧକାରକୁ ଠେଲି ଦିଆଯାଇଥିଲା । ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଆସିବା ପରେ ଏହି ଅନାଲୋଚିତ ବୀର ପୁରୁଷମାନଙ୍କୁ ଯଥୋଚିତ ସମ୍ମାନ ମିଳିପାରିଛି ଏବଂ ୨୦୨୧ ମସିହାରୁ ନଭେମ୍ବର ୧୫ ତାରିଖକୁ ସମଗ୍ର ଦେଶରେ 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ କରାଯିବା ଦ୍ୱାରା ଆଜି ନୂତନ ପିଢ଼ି ଏହି ବୀରମାନଙ୍କ ଶୌର୍ଯ୍ୟ ବିଷୟରେ ଜାଣିପାରୁଛନ୍ତି ।ଆଦିବାସୀ ପରିବାରଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନ ଏବଂ ଜୀବିକା ନିର୍ବାହକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାରଙ୍କ ଦୀର୍ଘମିଆଦୀ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିସ୍ତୃତ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ' ଅଧୀନରେ ଓଡ଼ିଶାର ୭୭ଟି ଜିଲ୍ଲାର ୭ ହଜାର ୬୬୭ଟି ଗ୍ରାମକୁ ସାମିଲ କରାଯାଇ ପକ୍କା ଘର, ପାନୀୟ ଜଳ, ସଡ଼କ, ସ୍ୱାସ୍ଥ୍ୟ ଓ ଶିକ୍ଷାର ସୁବିଧା ଯୋଗାଇ ଦିଆଯାଉଛି । ମାଲକାନଗିରିର ଦୁର୍ଗମ ଅଞ୍ଚଳରୁ ଆସି ବଣ୍ଡା ଜନଜାତିର ମଙ୍ଗଳା ମୁଦୁଲି ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ଏବଂ ଦିଦାୟୀ ଜନଜାତିର ଚମ୍ପା ରାସପେଦା ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ନିଟ୍ ପରୀକ୍ଷାରେ ସଫଳତା ପାଇ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ, ବଣ୍ଡା ଜନଜାତିର ବିନି ମୁଦୁଲି ଏବଂ ଆଦିବାସୀ ସମ୍ପ୍ରଦାୟର ଶ୍ୟାମା ମାଢ଼ୀ ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହେବା ନୂତନ ପିଢ଼ି ପାଇଁ ଏକ ବଡ଼ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦିଦାୟୀ ଜନଜାତି ବର୍ଗର ୨ଜଣ ପିଏଚ୍ଡି ଛାତ୍ର ଏବଂ ଜଣେ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭଗବାନ ବିର୍ସାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ବିର୍ସା ମୁଣ୍ଡା ହେଉଛନ୍ତି ପ୍ରତ୍ୟେକ ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ । ଆଦିବାସୀ ମାନଙ୍କ ହକ୍ ଜଳ-ଜଙ୍ଗଲ-ଜମି ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ସେ ଯୁଦ୍ଧ ଡାକରା ଦେଇଥିଲେ । ଦେଶରେ ଯଦି ଆଜି ଜନଜାତି ବର୍ଗ ଆଗକୁ ବଢୁଛି, ତାର ଶ୍ରେୟ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଜନଜାତି ବର୍ଗଙ୍କୁ ସଶକ୍ତ କରିବାରେ ଓ ସେମାନଙ୍କୁ ଉଚିତ ସମ୍ମାନ ଦେବାରେ ଦେଶରେ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟରେ ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପ୍ରଶଂସନୀୟ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଗଙ୍ଗାଧର ସୋଡା, ବିଭାଗୀୟ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ ଏବଂ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ଭାଇଭଉଣୀ, ବୁଦ୍ଧିଜୀବୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଦିଲ୍ଲୀ...

କରୁଥିବା ବିମାନଗୁଡ଼ିକ ରୋମ୍‌ରେ ଇନ୍ଧନ ପକାଉଥିଲେ । ପୂର୍ବରୁ ବନ୍ଦଥିବା ଆକାଶ ମାର୍ଗଗୁଡ଼ିକ ଖୋଲିଯିବା ଦ୍ୱାରା ଏୟାରଲାଇନ୍‌ଗୁଡ଼ିକ ୪ଟି ଯାକ ମାର୍ଗରେ ବିମାନ ଉଡ଼ାଣକୁ ପୁନଃ ଅବସ୍ଥାପିତ କରିଛନ୍ତି ।

ଆଜି...

୧୦୩୦ କିମି ଦୂରରେ ରହିଛି । ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆସନ୍ତାକାଲି(ସୋମବାର) ସନ୍ଧ୍ୟା ସୁଦ୍ଧା ବାତ୍ୟା ରୂପ ନେବ । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହୋଇ ୧୭ ତାରିଖ ବେଳକୁ ଭୀଷଣ ବାତ୍ୟାରେ ପରିଣତ ହେବ । ୧୯ ତାରିଖ ବେଳକୁ ଅତି ଭୀଷଣ ବାତ୍ୟା ରୂପ ନେବା ପରେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଆନ୍ଧ୍ରପ୍ରଦେଶ ଉପକୂଳକୁ ଆଡ଼କୁ ଯିବାର ସମ୍ଭାବନା ରହିଛି ।

ଏହା ପ୍ରଭାବରେ ଆସନ୍ତା ୧୮ ତାରିଖରେ ଗଞ୍ଜାମ, ଗଜପତି ଓ ପୁରୀ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୯ ତାରିଖ ବର୍ଷାର ପରିମାଣ ବୃଦ୍ଧି ପଇବାର ସମ୍ଭାବନା ଅଛି । ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ୨୦ ତାରିଖରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଜପତିସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ ।

ଅଭିଯୁକ୍ତ...

ବରମପୁର ଆଇଆଇଆସି ଜନ ପଟ୍ଟନାୟକ ଅଭିଯୁକ୍ତ ସନ୍ତୋଷ କୁମାର ବେହେରାଙ୍କ ତେନ୍ତୁଳି ବଜାର ସ୍ଥିତ ଦୋକାନ ଠାରେ ପହଞ୍ଚିଥିଲେ । ଚାବି ଖୋଲି ସିସି ଟିଭି ଫୁଟେଜର ହାର୍ଡ ଡିସ୍କ ଜବତ କରିବା ସହ ପାରିପାର୍ଶ୍ୱିକ ଅବସ୍ଥା ତଦନ୍ତ କରିଥିଲେ । ତଦନ୍ତ ଅଧିକାରୀ କହିଛନ୍ତି, ଅଭିଯୁକ୍ତ ଦୋକାନୀ ସନ୍ତୋଷ ବେହେରା(୬୨)ତାଙ୍କ ପୁତ୍ର ମାନସ(୩୫)ଙ୍କ ବିରୋଧରେ ବରମପୁର ଥାନା ନଂ୧୪୮/୨୬ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି । ଉଭୟଙ୍କୁ ଗିରଫପରେ କୋର୍ଟରେ ଉପସ୍ଥିତ କରାଯାଇଛି । ରିମାଣ୍ଡ ପାଇଁ ଆବେଦନ କରାଯାଇଛି ।

ସୀମା...

ଶାସକ ମେଣ୍ଟର ଜଣେ ସାଂସଦ କହିଛନ୍ତି ।

ଏହି ସମୟରେ ଅଗଷ୍ଟ ୧୩ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିବା ମୌସୁମୀ ଅଧିବେଶନକୁ ସରକାର ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଶେଷ କରିନାହାନ୍ତି । ନଭେମ୍ବର ୧୫ ସୁଦ୍ଧା ଏହା ୯୪ ଦିନ ଧରି ଜାରି ରହିଛି, ଯାହା ୨୦୦୮ର ୮୭ ଦିନର ରେକର୍ଡକୁ ଅତିକ୍ରମ କରିଛି । ପୁରୁଣା ଅଧିବେଶନକୁ ବଢ଼ାଇବାକୁ ହେଲେ ଦୁଇ ଦିନର ନୋଟିସ୍ ଯଥେଷ୍ଟ ହୋଇଥିବାବେଳେ ନୂଆ ଅଧିବେଶନ ଡାକିବାକୁ ଅତି କମ୍ରେ ୧୪ ଦିନର ନୋଟିସ୍ ଆବଶ୍ୟକ ।

ସୀମା ପୁନଃନିର୍ଦ୍ଧାରଣକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଉଦ୍ୱେଗ ଦୂର କରିବାକୁ ସରକାର ସବୁ ରାଜ୍ୟରେ ଲୋକସଭା ଆସନ ସଂଖ୍ୟା ୫୦ ପ୍ରତିଶତ ବଢ଼ାଇବାର ଏକ ସୂତ୍ର ଉପରେ ବିଚାର କରୁଛନ୍ତି । ଏଥିସହ ୧୯୭୧ ଜନଗଣନା ଆଧାରରେ ବିଭିନ୍ନ ରାଜ୍ୟ ମଧ୍ୟରେ ରହିଥିବା ଆସନ ଅନୁପାତ ଅପରିବର୍ତ୍ତିତ ରଖିବାର ପ୍ରସ୍ତାବ ମଧ୍ୟ ରହିଛି । ତେବେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ । ଉଲ୍ଲେଖଯୋଗ୍ୟ, ଗତ ଏପ୍ରିଲ ୧୭ରେ ସଂସଦର ସ୍ୱତନ୍ତ୍ର ବୈଠକରେ ଏହି ପ୍ରସ୍ତାବିତ ବିଲ୍ ଆବଶ୍ୟକ ସମର୍ଥନ ପାଇପାରି ନଥିଲା ।

ମୃତ୍ୟୁଦଣ୍ଡ...

ଗର୍ଭବତୀ ମହିଳା, ମାନସିକ ଓ ବୌଦ୍ଧିକ ଅକ୍ଷମ ବ୍ୟକ୍ତି ଓ ବୟସ୍କ ଲୋକଙ୍କ କ୍ଷେତ୍ରରେ ମୃତ୍ୟୁଦଣ୍ଡ ଲାଗୁ ଉପରେ କଟକଣା ଲଗାଇବାକୁ କୁହାଯାଇଥିଲା । ୨୦୨୫ ମସିହାରେ ବିଶ୍ୱରେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେବା ଘଟଣାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ନେଇ ପ୍ରସ୍ତାବରେ ଚିନ୍ତା ପ୍ରକାଶ କରାଯାଇଥିଲା ।

ରେଳ...

କାଣ୍ଡ ଭିଆଇଥିବା ସନ୍ଦେହ କରୁଛି ରାଜସ୍ଥାନ ଏଟିଏସ୍ ଓ ପୁଲିସ । ଏହା ପଛରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ହାତ ରହିଛି । ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଆଇଏସ୍‌ଆଇ ଏବେ ମହିଳାମାନଙ୍କୁ ମାଧ୍ୟମ କରିଥିବା ସନ୍ଦେହ କରୁଛି ରାଜସ୍ଥାନ ଏଟିଏସ୍ ।ମିଳିଥିବା ସୂଚନା ଅନୁଯାୟୀ, ପଚରାଉଚରା ସମୟରେ ମହାକଦୀପ ତଦନ୍ତ ଅଧିକାରୀମାନଙ୍କୁ କହିଛନ୍ତି ଯେ ସେ ପାକିସ୍ତାନର ଦୁଇ ଜଣ ବ୍ୟକ୍ତିଙ୍କ ସହିତ ଯୋଗାଯୋଗରେ ଥିଲେ । ସେମାନ ଶାହା ଏବଂ ଚାଚା ନାଁରେ ତାଙ୍କ ସହିତ କଥା ହେଉଥିଲେ । ରାଜସ୍ଥାନ ପୁଲିସ କହିଛି ଯେ ଏହି ନାମଗୁଡ଼ିକ ଆଇଏସ୍‌ଆଇ ଅପରେଟିଭ୍ମାନଙ୍କ ପାଇଁ ବ୍ୟବହୃତ କୋଡ୍ ଶବ୍ଦ ଅଟେ । ତଦନ୍ତ ଅଧିକାରୀମାନେ ଏନେଇ ଅଧିକ ତଦନ୍ତ କରୁଛନ୍ତି । କୁହାଯାଉଛି, ଯୋଜନା ପ୍ରକାରେ ଜଣେ ଆଇଏସ୍‌ଆଇ ଅପରେଟିଭ୍ ପ୍ରଥମେ ମହକଦୀପଙ୍କୁ ତାଙ୍କ ପ୍ରେମ ଜାଲରେ ଫସାଇଥିଲେ । ମହକଦୀପ ତାଙ୍କ ଜାଲରେ ପଡ଼ିଯିବା ପରେ ସେ ତାଙ୍କର ପ୍ରକୃତ ଯୋଜନା କାର୍ଯ୍ୟକାରୀ କରିଥିଲେ । ସେ ମହକଦୀପଙ୍କୁ ତାଙ୍କ ନେଟୱର୍କରେ ସାମିଲ କରିବାରେ ସଫଳ ହୋଇଥିଲେ । ମହକଦୀପ ବିବାହିତା । ସେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହୁଛନ୍ତି । ତାଙ୍କ ସ୍ୱାମୀ ଏକ ମାମଲାରେ ଏବେ ଜେଲ୍ରେ ଅଛନ୍ତି । ତେଣୁ ମହକଦୀପଙ୍କ ଅସହାୟତାରେ ସୁଯୋଗ ନେଇ ତାଙ୍କୁ ଜାଲରେ ଫସାଇଥିଲେ ପାକିସ୍ତାନୀ ଏଜେଣ୍ଟ । ପାକିସ୍ତାନୀ ଏଜେଣ୍ଟମାନେ ଏବେ ମହକଦୀପଙ୍କ ଭଳି ମହିଳାମାନଙ୍କୁ ଟାର୍ଗେଟ କରୁଥିବା ସନ୍ଦେହ କରୁଛି ରାଜସ୍ଥାନ ପୁଲିସ ଓ ଏଟିଏସ୍ । ମହକଦୀପଙ୍କଠାରୁ ଦୁଇଟି ବନ୍ଧୁକ ଓ ୪୬ଟି ଗୁଳି ସହିତ ୩୦ ହଜାର ଟଙ୍କା ଜବତ କରାଯାଇଛି । ରାଜସ୍ଥାନ ଏଟିଏସ୍ ଦାବି କରିଛି ଯେ ପୂର୍ବରୁ ମହକଦୀପ ଏକାଧିକ ଥର ରେଳ ଧାରଣାରେ ବିସ୍ଫୋରଣ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ସଫଳ ହୋଇ ନଥିଲେ । ଶେଷରେ ନଭେମ୍ବର ୩ ତାରିଖରେ ସେ ତାଙ୍କ ଯୋଜନାରେ ସଫଳ ହୋଇଥିଲେ ।

ଶେଖ୍...

ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ଗୋଟିଏ ମାମଲାରେ ମୃତ୍ୟୁଦଣ୍ଡ ଏବଂ ଅନ୍ୟ ଏକ ମାମଲାରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ଟ୍ରିବ୍ୟୁନାଲର ମୁଖ୍ୟ ଓକିଲ ମହମ୍ମଦ ଅମିନୁଲ ଇସଲାମ ମଧ୍ୟ ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ, ରାୟ ପ୍ରକାଶ ପାଇବାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହସିନା ଫେରି ଆବେଦନ କରିନଥିବାରୁ ବର୍ତ୍ତମାନ ସ୍ୱଦେଶ ଫେରିଲେ ତାଙ୍କୁ ଫାଶୀ ଦଣ୍ଡାଦେଶର ସମ୍ମୁଖୀନ ହେବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ ।

ଅନ୍ୟପକ୍ଷରେ, ୨୦୨୪ ଗଣଆନ୍ଦୋଳନ ପରେ ହସିନା ଭାରତରେ ଆଶ୍ରୟ ନେବା ଦିନଠାରୁ ନୂଆଦିଲ୍ଲୀ ଏବଂ ଢାକା ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଛି । ଢାକା ପକ୍ଷରୁ ବାରମ୍ବାର ତାଙ୍କ ପ୍ରତ୍

ଜୀବନ ଯୁଦ୍ଧରେ ହାରିଗଲା ଝିଅ ଦିବ୍ୟାଂଶୀ

ଯକୃତ ଓ ବୃକକ ଦାନ କଲେ ପରିବାର ଲୋକେ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ମଦୁଆ ଡ୍ରାଇଭରଙ୍କ ଉତ୍ପାତ ବଢିବାରେ ଲାଗିଛି। ଦୈନିକ ଅନେକ ଜୀବନ ଝଡିପଡୁଛି। ବାପାଙ୍କ ସହ ହସଖୁସିରେ ଫେରୁଥିଲାବେଳେ ଏହିଭଳି ଜଣେ ମଦ୍ୟପ କାର ଚାଳକଙ୍କ ଧକ୍କାରେ ୧୩ ଦିନ ଧରି ଜୀବନ ସହ ସଂଗ୍ରାମ କରି ହାରିଗଲା କୁନି ଝିଅ ଦିବ୍ୟାଂଶୀ। ହେଲେ ନିଜର ଯକୃତ ଏବଂ ବୃକକ ଦାନ କରି ଅନ୍ୟ ପରିବାର ମୁହଁରେ ସେ ଫୁଟାଇ ପାରିଛି ହସ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି କୁନି ଝିଅଟିର। ଏଭଳି ଦୁଃଖଦ ଘଟଣା ଘଟିଛି ଶୈଳଶ୍ରୀ ବିହାର ଅଞ୍ଚଳରେ। ଗତ ୧ ତାରିଖ ଦିନ ବାପା ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଗ୍ରାମ ପାତ୍ରଙ୍କ ସହ ଏକ ଘରୋଇ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ଝିଅ ଦିବ୍ୟାଂଶୀ



ପାତ୍ର ବାଇକରେ ଯାଉଥିଲାବେଳେ ଧକ୍କା ଦେଇଥିଲା ଏକ କାର। ରେଭା ଦେଇଥିଲା ସେମାନଙ୍କୁ। ଛିଟିକି ପଡିଥିଲେ ବାପା ସଂଗ୍ରାମ ଓ ଝିଅ ଦିବ୍ୟାଂଶୀ। ତୁରନ୍ତ ସେମାନଙ୍କୁ ନିକଟସ୍ଥ ଉତ୍କଳ ହସ୍ପିଟାଲକୁ

ମଦ୍ୟପ ଡ୍ରାଇଭର ଉପରେ କାର୍ଯ୍ୟାନୁଷ୍ଠାନ କେବେ ?

ଗାର୍ମେଣ୍ଟ ସପ୍ ଆଗରେ ଓଡ଼ି୦୨ ସିପି ୮୪୬୮ ଏଟ୍ରିଗା କାରଟି ଧକ୍କା ନିଆଯାଇଥିଲାବେଳେ ମୁଣ୍ଡରେ ଆଘାତ କାରଣରୁ ଭେଣ୍ଟିଲେଟରରେ ରହିଥିଲେ ଦିବ୍ୟାଂଶୀ। ଅନ୍ୟପଟେ ସଂଗ୍ରାମଙ୍କ ହାତ ଭାଙ୍ଗିଥିଲାବେଳେ ସେ ସୁସ୍ଥ ହୋଇଥିଲେ। ୧୨ଦିନ ଧରି ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଆଉ ଉଠିନଥିଲେ ଦିବ୍ୟାଂଶୀ। ବ୍ରେନ ଡେଡ୍ କାରଣରୁ ତାଙ୍କୁ ମୃତ ଘୋଷଣା କରାଯାଇଥିଲାବେଳେ ମୃତ୍ୟୁ ପୂର୍ବରୁ ପରିବାରର ଅନୁରୋଧ କ୍ରମେ ତାଙ୍କର ଯକୃତ ଏବଂ ବୃକକ (ଲିଭର ଏବଂ କିଡ଼ନୀ)କୁ ଦାନ କରାଯାଇଛି। ମୋ ଝିଅକୁ ସିନା ମୁଁ ବଞ୍ଚାଇପାରିଲିନି ହେଲେ ତା'ର ଲିଭର ଏବଂ କିଡ଼ନୀ ଆଉ କାହାର ଜୀବନକୁ ବଞ୍ଚାଇବ ତାହା ମୋ ପାଇଁ ବଡ଼ କଥା ବୋଲି କହି ଭୋ ଭୋ ହୋଇ କାନ୍ଦୁଛନ୍ତି ସଂଗ୍ରାମ। ଶନିବାର ଦିବ୍ୟାଂଶୀଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ୟପଟେ ଧକ୍କା ଦେଇଥିବା କାର ଡ୍ରାଇଭର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଉଛି। ଦୁର୍ଘଟଣା ପରଦିନ ଅର୍ଥାତ୍ ୨ ତାରିଖରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ପରେ ଡ୍ରାଇଭରକୁ ଗିରଫ କରାଯାଇଥିଲା। ହେଲେ ଏବେ ସେ ଜାମିନରେ ଆସିଥିବା କୁହାଯାଉଛି। ତେଣୁ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଭୁବନେଶ୍ୱରରେ କମିଶନରେଟ୍ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବାପା ସଂଗ୍ରାମ ଦାବି କରିଛନ୍ତି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଚାଉଳିଆଗଞ୍ଜା ଶୂନ୍ୟବାସୀ ଛକରେ 'ଚା' ଆସର'

କଟକ (ସବ୍ୟୁ) : କଟକ ମହାନଗର ନିଗମ ଅନ୍ତର୍ଗତ ୪୩ ନମ୍ବର ୱାର୍ଡର ଚାଉଳିଆଗଞ୍ଜା ସ୍ଥିତ ଶୂନ୍ୟବାସୀ ଛକ ଠାରେ ଓଜେସି ବ୍ଲକ



ସଭାପତି ସୁରଜିତ ସାହୁଙ୍କ ଦ୍ୱାରା ଆୟୋଜିତ 'ଚା' ଆସର' କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ ଓଡିଶା ଜନତା କଂଗ୍ରେସ ପାର୍ଟି ରାଜ୍ୟ ସଭାପତି ମହମ୍ମଦ ମୋକିମ। ସ୍ଥାନୀୟ ଚା' ଦୋକାନରେ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଓ ଯୁବବର୍ଗଙ୍କ ସହ ବସି ସେ ୱାର୍ଡର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଚା' ଆସର' କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମଧ୍ୟ ଯୋଗଦେଇ କଟକ ସହରର ସାମଗ୍ରିକ ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି ଏବଂ ପଡ଼ୋଶୀ ନିର୍ବାଚନ ମଣ୍ଡଳୀର ବିଧାୟିକା ଭାବରେ ସେ ସର୍ବଦା ଅଞ୍ଚଳବାସୀଙ୍କ ସ୍ୱାର୍ଥ ଓ ସହରର ବିକାଶ ପ୍ରସଙ୍ଗରେ ସହଯୋଗ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଟକ ସହର ଓଜେସି ସଭାପତି ଶ୍ରୀମତୀ ଗିରିବାଳା ବେହେରା ଯୋଗ ଦେଇଥିଲେ ଏହି ଚା' ଆସର'ରେ ସାହିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହି ସହଯୋଗପୂର୍ଣ୍ଣ ଆଭିମୁଖ୍ୟକୁ ସମର୍ଥନ ଜଣାଇଥିଲେ ଏବଂ ଅଞ୍ଚଳର ଉନ୍ନତି ପାଇଁ ସମସ୍ତେ ମିଳିମିଶି ଆଗେଇ ଆସିବାକୁ ସହମତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟ ଚାଉଳିଆଗଞ୍ଜା ପୂଜା କମିଟି ସଂପାଦକ ନିରଞ୍ଜନ ସାହୁ, ପୂର୍ବତନ ଡିଏସପି ନିରଞ୍ଜନ ସ୍ୱାଇଁ, ସିପିଆଇ ନେତା କିଶୋର ଜେନା, ବରିଷ୍ଠ ମୁରବି ବସନ୍ତ କୁମାର ସାହୁ, ଉପେନ୍ଦ୍ର ମଲ୍ଲିକ, ସତ୍ୟପ୍ରିୟ ରାଉତ, କୃଷ୍ଣଚନ୍ଦ୍ର ବେହେରା,ସୌଭାଗ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

୨୭ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ

ସମ୍ମାନିତ ହେବେ ରାଜ୍ୟର ବିଶିଷ୍ଟ ବୈଜ୍ଞାନିକ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି), ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ୨୭ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଚଳିତ ନଭେମ୍ବର ୨୦-୨୧ ଦୁଇ ଦିନ ଧରି ଓୟୁଏଟିର ଡ. ଏମ୍.ଏସ୍ ସ୍ୱାମୀନାଥନ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଯାଉଛି ଓ ଏହି ସମ୍ମେଳନର ମୁଖ୍ୟ ବିଷୟବସ୍ତୁ ରହିଛି ସହନୀୟ କୃଷି ନିମନ୍ତେ ବିଜ୍ଞାନ ଓ ଏହି ପ୍ରସଙ୍ଗ ଉପରେ କଂଗ୍ରେସର ବିଭିନ୍ନ ଅଧିବେଶନରେ ବିସ୍ତୃତ ଭାବରେ ଆଲୋଚନା ଅନୁଷ୍ଠିତ ହେବ। ରାଜ୍ୟରୁ ତଥା ବାହାରୁ ବହୁ ବୈଜ୍ଞାନିକ, ଗବେଷକ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀ ଏଥିରେ ଯୋଗଦାନ କରିବେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର କେତେଜଣ ବିଶିଷ୍ଟ ବୈଜ୍ଞାନିକ ତଥା ପ୍ରଫେସରଙ୍କୁ ସମ୍ମାନିତ କରାଯିବାକୁ ଆୟୋଜକ କମିଟି ନିଷ୍ପତ୍ତି ଗ୍ରହଣ କରିଛି। ସେଥିରେ



ଅନ୍ତର୍ଭୁକ୍ତ ଅଛନ୍ତି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ନିର୍ଦ୍ଦେଶକ ରୂପେ କାର୍ଯ୍ୟରତ ବୈଜ୍ଞାନିକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବ୍ରୁର୍ଲା ଭିସ୍ୱୁଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବଂଶୀଧର ମାଝୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଗୋବିନ୍ଦ ଜେ ଚକ୍ରପାଣି । ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ଗବେଷଣା ନିବନ୍ଧ ଉପସ୍ଥାପକମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ। ଏହି ବିଷୟରେ କଂଗ୍ରେସର ଉପଦେଷ୍ଟା ତଥା ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ଜଂ ମନୋରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି ।

ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ରେଳ ସୁରକ୍ଷା ଓ ଯାତ୍ରୀ ସୁବିଧାର କଲେ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ) : ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ନିରୀକ୍ଷଣ କରି ରେଳ ପରିଚାଳନା, ସୁରକ୍ଷା, ଯାତ୍ରୀ ସୁବିଧା ଏବଂ ଷ୍ଟେସନରେ ଉପଲବ୍ଧ ମୌଳିକ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ଷ୍ଟେସନର କୁ ଲବି ପରିଦର୍ଶନ କରି ଲୋକୋ ପାଇଲଟ୍ ଏବଂ ସହାୟକ ଲୋକୋ ପାଇଲଟ୍‌ମାନଙ୍କ ସହ ଆଲୋଚନା କରିଥିଲେ। ସେ ରେଳ ପରିଚାଳନା ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ସହ ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀ କଡ଼ାକଡ଼ି ପାଳନ କରିବା ଉପରେ ଗୁରୁତ୍ୱ



ଦେଇଥିଲେ। ବିଶେଷକରି କୁହୁଡ଼ି ସମୟରେ ଦୃଶ୍ୟମାନତାର ସ୍ଥିତିକୁ ଆଧାର କରି ନିର୍ଦ୍ଧାରିତ ସିଗନାଲ୍ ନିୟମ ପାଳନ କରିବାକୁ ଲୋକୋ ପାଇଲଟ୍‌ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଆଗାମୀ ଟ୍ରେନ୍ ସମ୍ପର୍କରେ ରେଳ ଫାଟକର ଗେଟମ୍ୟାନ୍ ଏବଂ ରାସ୍ତା ବ୍ୟବହାରକାରୀଙ୍କୁ ସତର୍କ କରାଇବା ପାଇଁ ବାରମ୍ବାର ହୁଇସିଲ୍ ବଜାଇବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ମହାପ୍ରବନ୍ଧକ ପ୍ଲାଟଫର୍ମ ସହିତ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ ମଧ୍ୟ ନିରୀକ୍ଷଣ କରିଥିଲେ। ସେ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ମୌଳିକ ସୁବିଧା ଓ ବ୍ୟବସ୍ଥାଗୁଡ଼ିକର ସ୍ଥିତି ସମୀକ୍ଷା କରିଥିଲେ। ଶ୍ରୀ ଫୁଙ୍କୱାଲ ଷ୍ଟେସନରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୁଣବତ୍ତା ଯାଞ୍ଚ କରିଥିଲେ। ଯାତ୍ରୀମାନଙ୍କୁ ନିରାପଦ ଓ ସ୍ୱାସ୍ଥ୍ୟକର ପାନୀୟ ଜଳ ଯୋଗାଇଦେବା ପାଇଁ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡ କଡ଼ାକଡ଼ି ପାଳନ କରିବା ସହ ନିୟମିତ ଜଳ ପରୀକ୍ଷା ଓ ନିରୀକ୍ଷଣ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ନିରୀକ୍ଷଣ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ।

ନାଇଟିଙ୍ଗଲ ନର୍ସିଂ କଲେଜ୍‌ରେ ବିଶ୍ୱ ମଧୁମେହ ଦିବସ

କଟକ, (ସବ୍ୟୁ) : ଫୁଲନଖରା ନିକଟସ୍ଥ ନାଇଟିଙ୍ଗଲ ନର୍ସିଂ କଲେଜ୍‌ରେ ବିଶ୍ୱ ମଧୁମେହ ଓ ଶିଶୁ ଦିବସ ପାଳିତ ହୋଇଯାଇଛି । କଲେଜ୍‌ର ଅଧ୍ୟକ୍ଷ କ୍ରିଷ୍ଣାଞ୍ଜଳି ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଲେଜର ନିର୍ଦ୍ଦେଶକ ଆଫ୍ରୋସ ସାର୍ ଯୋଗଦେଇ ମଧୁମେହ ରୋଗର କାରଣ ଓ ତାହାର ପ୍ରତିକାର ଉପରେ ଆଲୋକପାତ କରିଥିଲେ । ଖାଦ୍ୟଶୃଙ୍ଖଳକୁ ସନ୍ତୁଳିତ ଅବସ୍ଥାରେ ରଖିପାରିଲେ ଜଣେ ମଧୁମେହ ରୋଗୀ ନିଜକୁ ସୁସ୍ଥ ରଖିପାରିବ ବୋଲି



ମୁଖ୍ୟବକ୍ତା ସୁଦିପ୍ତା ପ୍ରଧାନ କହିଥିଲେ । ଏଥି ସହିତ କଲେଜ୍ ପରିସରରେ ଶିଶୁ ଦିବସ ପାଳିତ ହୋଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଶୁଭଶ୍ରୀ ତ୍ରିପାଠୀ, ଜାନକୀ ରାଉତ, ପ୍ରଜ୍ଞାସ୍ମିତା ପାଣିଗ୍ରାହୀ, ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରିୟଙ୍କା ଜେନା, ବିଶ୍ୱଜିତ୍ ପାଣିଗ୍ରାହୀ, ବିଭୁ ଦୟାଲ ସାହୁ, ରେସମା ସାହୁ, ଲକ୍ଷ୍ମୀପ୍ରିୟା ଜେଙ୍କା ଓ ପୂଜା ନାୟକ ପ୍ରମୁଖ କଲେଜ୍‌ର ଅଧ୍ୟାପକ/ ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ ପକ୍ଷରୁ

ଝାରସୁଗୁଡ଼ାରେ ପଶୁ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,(ସବ୍ୟୁ) : ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ବେହେରାପାଲି, ପଣ୍ଡରିପଥର, କୁରେବଗା ଓ କଟିକେଲା ଗ୍ରାମରେ ପର୍ଯ୍ୟାୟକ୍ରମେ ପଶୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏହି ଶିବିର ମାଧ୍ୟମରେ ପ୍ରାୟ ୪୦୦ଟି ଗୃହପାଳିତ ପଶୁଙ୍କୁ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବାବେଳେ ୫୦ରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ଗ୍ରାମାଞ୍ଚଳର ପରିବାରଗୁଡ଼ିକର ଜୀବିକାର ଏକ ପ୍ରମୁଖ ଆଧାର ହୋଇଥିବା ପଶୁସମ୍ପଦର ସୁରକ୍ଷା ଏବଂ ସମୟୋପଯୋଗୀ ଚିକିତ୍ସା ସେବା ଉପଲବ୍ଧ କରାଇବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ପଶୁପାଳକମାନଙ୍କ ନିକଟରେ ଆବଶ୍ୟକ ପ୍ରାଣୀ ଚିକିତ୍ସା ସେବା ପହଞ୍ଚାଇବା ସହ ପଶୁମାନଙ୍କ ସ୍ୱାସ୍ଥ୍ୟ, ଉତ୍ପାଦନ କ୍ଷମତା ଓ ଗ୍ରାମୀଣ ଜୀବିକାର ଉନ୍ନତି ଉପରେ ଏହି ଶିବିରଗୁଡ଼ିକରେ ଗୁରୁତ୍ୱ



୪୦୦ରୁ ଅଧିକ ଗୃହପାଳିତ ପଶୁଙ୍କୁ ଚିକିତ୍ସା ସେବା ଯୋଗାଇଛି

ଦିଆଯାଇଥିଲା। ଏଥିରେ ସାଧାରଣ ଶ୍ୱାସଜନିତ ରୋଗ ସମେତ ବିଭିନ୍ନ ପଶୁ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା କରାଯିବା ସହ ଆବଶ୍ୟକ ଔଷଧ, ଇଞ୍ଜେକ୍ସନ, ଖଣିଜ ମିଶ୍ରଣ ଓ କୃମିନାଶକ ସେବା ଯୋଗାଇ ଦିଆଯାଇଥିଲା। ଏଥିସହ ପଶୁମାନଙ୍କୁ ସନ୍ତୁଳିତ ଖାଦ୍ୟ, ଖଣିଜ ପଦାର୍ଥର ଆବଶ୍ୟକତା ଏବଂ ରୋଗ ପ୍ରତିରୋଧକ ଯତ୍ନ ସମ୍ପର୍କରେ ଚାଷୀମାନଙ୍କୁ ବ ୟ ବ ହ । ରି କ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଝାରସୁଗୁଡ଼ାର ଉପନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଭାଗ (ଡିଡିଭିଏଚ୍) ଡାକ୍ତର ସୁଧାଂଶୁ ଶେଖରଙ୍କ ସମେତ ସରକାରୀ ପଶୁଧନ ନିରୀକ୍ଷକ, କୃତ୍ରିମ ପ୍ରଜନନ ବୈଷୟିକ କର୍ମଚାରୀ ଏବଂ ଭାରତୀୟ କୃଷି ଶିଳ୍ପ ପ୍ରତିଷ୍ଠାନ (ବାଇଫ୍)ର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ର କହିଛନ୍ତି, "ଗ୍ରାମାଞ୍ଚଳର ଅନେକ ପରିବାର ପାଇଁ ପଶୁସମ୍ପଦ ଆୟ ଓ ଆର୍ଥିକ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପଶୁମାନଙ୍କର ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସେମାନଙ୍କ ଉତ୍ପାଦନ କ୍ଷମତାକୁ ପ୍ରଭାବିତ କରିବା ସହ ପରିବାର ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇଥାଏ। ତେଣୁ ପଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଅର୍ଥ ଗ୍ରାମୀଣ ଜୀବିକା ଓ କୃଷକ ପରିବାରର ମଙ୍ଗଳକୁ ସୁଦୃଢ଼ କରିବା। ଏଭଳି ପଦକ୍ଷେପ ମାଧ୍ୟମରେ ଆମେ ଗ୍ରାମୀଣ ସମୁଦାୟର ସାମଗ୍ରିକ ବିକାଶକୁ ସହଯୋଗ କରିବ। ସହ ଦୀର୍ଘମିଆଦୀ ଓ ସ୍ଥାୟୀ ପ୍ରଗତିର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।"

ଆଶୀର୍ବାଦ ଫାଉଣ୍ଡେସନ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କଟକ, (ସବ୍ୟୁ) : ସ୍ଥାନୀୟ ରାଜେନ୍ଦ୍ରନଗରର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଆଶୀର୍ବାଦ ଫାଉଣ୍ଡେସନ୍ ପକ୍ଷରୁ ଜଗତସିଂହପୁର ଜିଲ୍ଲାର ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣିପାଲ ହସ୍ପିଟାଲ ଏବଂ ପଦ୍ମିନୀ କେୟାର ହସ୍ପିଟାଲର ସହଯୋଗରେ ଆୟୋଜିତ ଏହି ଶିବିରରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ବାଲିକୁଦା ମହିଳା ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ତନୁଜା କାନୁନଗୋ ଶିବିରକୁ ଉଦ୍‌ଘାଟନ କରିଥିଲେ। ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ କୁମାରୀ ସ୍ୱାଇଁ ଅତିଥିମାନଙ୍କୁ ସମ୍ମାନିତ କରିବା ସହ ସଭାକୁ ସମ୍ବୋଧିତ କରିଥିଲେ। ରେଡକ୍ରସ୍ କାଉନସେଲର ଜିତେନ୍ଦ୍ର ସ୍ୱାଇଁ ଏବଂ ଜାତୀୟ ସେବା ଯୋଜନା



(ଏନ୍.ଏସ୍.ଏସ୍) କାର୍ଯ୍ୟକ୍ରମ ଅଧିକାରୀ ପ୍ରତିମା ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଚକ୍ଷୁରୋଗ, ଭେଷଜ ଓ ମୂତ୍ରରୋଗ ବିଶେଷଜ୍ଞ ଏବଂ ପଦ୍ମିନୀ କେୟାର ହସ୍ପିଟାଲର ସ୍ତ୍ରୀରୋଗ ବିଶେଷଜ୍ଞ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ଏହାବ୍ୟତୀତ ରକ୍ତ ପରୀକ୍ଷା ଓ ରକ୍ତ ବର୍ଗ ନିରୂପଣ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଆଶୀର୍ବାଦ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦେବଦତ୍ତ ଧଳ ଓ ସଭାପତି ମାଗୁଣି ଚରଣ ଦାସଙ୍କ ସମେତ ବୀରକିଶୋର ସାହୁ, ସରୋଜ ରାଉତ, ପ୍ରଭାକର ମଲ୍ଲିକ, ରୁଦ୍ର ପ୍ରସାଦ ଦାସ, ପ୍ରଦୀପ ଦାସ, ଚିନ୍ମୟ ସ୍ୱାଇଁ, ଅଶୋକ ପଣ୍ଡା, ସ୍ୱବ୍ରତ ସ୍ୱାଇଁ, ମଣିପ୍ରସାଦ ଦଳେଇ, ସ୍ୱବ୍ରତ ମଲ୍ଲିକ, ପ୍ରଶାନ୍ତ ମୁଦୁଲି, ମନୋଜ ସେଠୀ, ଦିଲୀପ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ଅଶୋକ ସାହୁ, ନିରଞ୍ଜନ ମୁଦୁଲି

ଜନଜାତୀୟ ଗୌରବ ଦିବସ ପାଳନ ପରମ୍ପରା ଜାତୀୟ ଉତ୍ସବ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମହାରାଷ୍ଟ୍ରର ଗଡ଼ଚିରୋଲିଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ ପ୍ରାୟ ୩,୦୦୦ କୋଟି ଟଙ୍କା ବ୍ୟୟରେ ୨୪୬ଟି ବିକାଶ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ କରିଥିଲେ। ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ସମବେତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ 'ଜୋହାର' ଜଣାଇଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାପୂର୍ବକ ପ୍ରଣାମ ଜଣାଇ ସେ କହିଥିଲେ ଯେ, ଦେଶବ୍ୟାପୀ ଏହି ଉତ୍ସବ ଆଦିବାସୀ ସମ୍ପ୍ରଦାୟର ଗର୍ବ ଓ ତାଙ୍କର ଅମର ପ୍ରେରଣାକୁ ପ୍ରତିଫଳିତ କରୁଛି। ଦେଶ ନିଜର ଆଦିବାସୀ ବୀର ଓ ବୀରାଙ୍ଗନାମାନଙ୍କୁ ସ୍ମରଣ କରୁଛି। ମହାରାଷ୍ଟ୍ରର ଗଡ଼ଚିରୋଲିରେ ଏହି ଭବ୍ୟ ଉତ୍ସବ ଆୟୋଜନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ। ଆଦିବାସୀ ସଂସ୍କୃତିରେ ସମୃଦ୍ଧ ଏହି ଭୂମି ରାଘୋଜୀ ଭାଙ୍ଗରେ, ଭାଗୋଜୀ ନାଏକ ଓ ବୀର ବାବୁରାଓ ସେଡମାକେଙ୍କ ବୀରତ୍ୱର ଗାଥା ସହ ଜଡ଼ିତ ବୋଲି ସେ କହିଥିଲେ। ସେ ଏହି ଅଞ୍ଚଳର ସମସ୍ତ ଆଦିବାସୀ ଯୋଦ୍ଧାଙ୍କୁ ପ୍ରଣାମ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଯୋଗଦେଇଥିବା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ସମସ୍ତ ଜନପ୍ରତିନିଧିଙ୍କୁ ମଧ୍ୟ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଥିଲେ। ୨୦୨୧ ନଭେମ୍ବର ୧୫ରେ ଆରମ୍ଭ ହୋଇଥିବା ଜନଜାତୀୟ ଗୌରବ ଦିବସ ପାଳନ ଆଜି ଏକ ଜାତୀୟ ଉତ୍ସବରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗତବର୍ଷ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ୨ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ କୋଟି କୋଟି ନାଗରିକ ଏଥିରେ ଭାଗ ନେଇଥିଲେ। ଆଜି ଭାରତ ନିଜର ଐତିହ୍ୟ, ଇତିହାସ ଓ ମହାନ ବୀରମାନଙ୍କୁ ସ୍ୱଦେଶୀ ଆତ୍ମସମ୍ମାନର ସହ ସ୍ମରଣ କରୁଛି। ଏହା ଆମ ଜାତୀୟ ଚେତନାରେ ଆସିଥିବା ଏକ ବଡ଼ ପରିବର୍ତ୍ତନର ପ୍ରତୀକ ବୋଲି ଶ୍ରୀ ମୋଦୀ କହିଥିଲେ। ଔପନିବେଶିକ ଅନ୍ୟାୟ ବିରୋଧରେ ଆଦିବାସୀ ସମ୍ପ୍ରଦାୟ କିପରି ନିରନ୍ତର ସ୍ୱର ଉତ୍ତୋଳନ କରିଥିଲେ, ତାହା ସ୍ମରଣ କରି ପ୍ରଧାନମନ୍ତ୍ରୀ ଖାସି ପାହାଡ଼ରେ ତିରୋତ ସିଂଙ୍କ ସଂଗ୍ରାମ, ଛୋଟନାଗପୁରର କୋଲ୍ଭ ଆନ୍ଦୋଳନ, ସିଦୋ-କାନ୍ହୁଙ୍କ ନେତୃତ୍ୱରେ ସାନ୍ତାଳ ବିପ୍ଳବ, ମାଙ୍ଗର୍ହରେ ଗୋବିନ୍ଦ ଗୁରୁଙ୍କ ଅନୁଗାମୀଙ୍କ ବଳିଦାନ ଏବଂ ରାଣୀ ଗାଇଦିନଲ୍ୟୁ, ଚନ୍ତ୍ୟା ଭିଲ୍, ଆଲ୍ଲୁରି ସୀତାରାମ ରାଜୁ ଓ ରାଣୀ ଦୁର୍ଗାବତୀଙ୍କ ସାହସିକତାର ଉଲ୍ଲେଖ କରିଥିଲେ। ଏହି ସମସ୍ତ ସ୍ୱାଧୀନତା ସଂଗ୍ରାମର ମହାନ ପରମ୍ପରା ଉପରେ ଆଲୋକପାତ କରି ସେ କହିଥିଲେ, "ଏହି ସମସ୍ତ ବୀରତ୍ୱର ଗାଥା ସହ ଭଗବାନ ବିର୍ସା ମୁଣ୍ଡାଙ୍କ ଉଲ୍ଗୁଲାନ୍ ଏବଂ ଅଳ୍ପ ବୟସରେ ତାଙ୍କର ସଂଗ୍ରାମ ଆଜି ମଧ୍ୟ କୋଟି କୋଟି ଦେଶବାସୀଙ୍କ ପାଇଁ ଏକ ବଡ଼ ପ୍ରେରଣା ହୋଇ ରହିଛି।"

ଦାରିଦ୍ର୍ୟରୁ ମୁକ୍ତ ହେବା ଏବଂ ଭାରତ ନକ୍ସଲବାଦ ଓ ମାଓବାଦୀ ଆତଙ୍କରୁ ମୁକ୍ତି ପାଇବା ଏହି ଦୁଇଟି ଐତିହାସିକ ଉପଲବ୍ଧି। ଏହି ଉଭୟ ସଫଳତା ଜନଜାତି ଅଞ୍ଚଳ ଓ ଜନଜାତି ଭାଇଭଉଣୀଙ୍କ ଜୀବନ ସହ ଗଭୀର ଭାବେ ଜଡ଼ିତ ବୋଲି ଶ୍ରୀ ମୋଦୀ କହିଥିଲେ। ଗତ ୧୨ରୁ ୧୩ ବର୍ଷ ମଧ୍ୟରେ ପ୍ରାୟ ୫୦ କୋଟି ଭାରତୀୟ ଅତ୍ୟନ୍ତ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ନେଇ ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏହାକୁ ସ୍ୱାଧୀନତା ପରବର୍ତ୍ତୀ ଭାରତର ଅନ୍ୟତମ ଶ୍ରେଷ୍ଠ ସଫଳତା ବୋଲି ବର୍ଣ୍ଣନା କରିଥିଲେ। ଏହି ସଫଳତା କୌଣସି ଗୋଟିଏ ସରକାରଙ୍କ ଦ୍ୱାରା ନୁହେଁ, ବରଂ ସମାଜର ସାମୂହିକ ଶକ୍ତି, ପ୍ରତ୍ୟେକ ନାଗରିକଙ୍କ ପରିଶ୍ରମ ଏବଂ ଆଦିବାସୀଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟଭିତ୍ତିକ ଯୋଜନା ଓ ନିଷ୍ପତ୍ତିର ଫଳ ବୋଲି ସେ କହିଥିଲେ। ଏହି ସଫଳତା ପାଇଁ ସମସ୍ତ ଦେଶବାସୀ, ବିଶେଷକରି ଆଦିବାସୀ ଭାଇଭଉଣୀଙ୍କୁ ସେ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ। ଦେଶର ଦ୍ୱିତୀୟ ପ୍ରମୁଖ ସଫଳତା ନକ୍ସଲବାଦରୁ ମୁକ୍ତି ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗଡ଼ଚିରୋଲି ସମେତ ଅନ୍ୟ ଆଦିବାସୀ ଅଞ୍ଚଳଗୁଡ଼ିକରେ ନକ୍ସଲବାଦ ଜନଜାତି ସମ୍ପ୍ରଦାୟର ସବୁଠାରୁ ଅଧିକ କ୍ଷତି କରିଥିଲା। ଏକ ସମୟରେ ଦେଶର ପ୍ରାୟ ୧୨୫ଟି ଜିଲ୍ଲା ନକ୍ସଲବାଦ ଦ୍ୱାରା ପ୍ରଭାବିତ ଥିଲା। ପ୍ରତିବର୍ଷ ଶହ ଶହ ହିଂସାକାଣ୍ଡ ଘଟୁଥିଲା ଏବଂ ହଜାର ହଜାର ନିରୀହ ଲୋକଙ୍କ ଜୀବନ ଯାଉଥିଲା। ଏଥିରେ ଅଧିକାଂଶ ଆଦିବାସୀ ଭାଇଭଉଣୀ ଥିଲେ। ଆଜି ନକ୍ସଲବାଦର ଅନ୍ତ ଘଟିବା ପରେ ମାଆମାନେ ଓ ନିରାପଦ୍ତା ଫେରିପାଇଥିବା ଭଉଣୀମାନେ ସରକାରଙ୍କୁ ଆଶୀର୍ବାଦ ଦେଉଛନ୍ତି। ଯେଉଁ ଯୁବକମାନଙ୍କ ଶୈଶବ ଦିନେ ଛଡ଼ାଇ ନିଆଯାଇଥିଲା, ସେମାନେ ଆଜି ଶିକ୍ଷା ଓ ରୋଜଗାରର ସୁଯୋଗ ପାଉଛନ୍ତି। କିଛି ଦିନ ପୂର୍ବରୁ ଛତିଶଗଡ଼ର ବସ୍ତରରେ ସୁରକ୍ଷା ବାହିନୀଙ୍କ ସହ ଦୀପାବଳି ପାଳନ କରିଥିବା କଥା ମଧ୍ୟ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ।

ଖରାପ ବ୍ରେକ୍ ସହିତ ଝାଡ଼ଖଣ୍ଡରୁ ଉତ୍ତରପ୍ରଦେଶ ୪୬୩ କିମି ଗଡ଼ିଲା ବନ୍ଦେ ଭାରତ

ନୂଆଦିଲ୍ଲୀ: ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଭାରତୀୟ ରେଳବାଇର ବଡ଼ ଅବହେଳା ସାମ୍ନାକୁ ଆସିଛି। ବ୍ରେକ୍ ଠିକ୍ ଭାବେ କାମ କରୁ ନଥିବା ସତ୍ତ୍ୱେ ଏକ ବନ୍ଦେ ଭାରତ ଟ୍ରେନ୍ ୪୬୩ କିଲୋମିଟର ଯାତ୍ରା କରିଛି। ଝାଡ଼ଖଣ୍ଡର ହଟିଆରୁ ଉତ୍ତରପ୍ରଦେଶର ଝାନ୍ସୀ ଅଭିମୁଖେ ଯାଉଥିବା ଏହି ଖାଲି ଟ୍ରେନ୍ରୁ ଏକ ମାଲବାହୀ ଇଞ୍ଜିନ୍ ଟାଣୁଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ଦକ୍ଷିଣ ପୂର୍ବ ରେଳବାଇ ରାଞ୍ଚି ଡିଭିଜିନାଲ ପ୍ରବନ୍ଧକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରେଳବାଇର ସୂଚନା ଅନୁସାରେ, ଗତ ଅକ୍ଟୋବର ୨୪ ତାରିଖରେ ଟ୍ରେନ୍ଟି ହଟିଆରୁ ଯାତ୍ରା ଆରମ୍ଭ କରିଥିଲା। ରାଞ୍ଚି ଷ୍ଟେସନ୍ରେ ପହଞ୍ଚିବା ପରେ ଲୋକୋ ପାଇଲଟ୍ ବ୍ରେକ୍ ଠିକ୍ ଭାବେ କାମ କରୁ ନଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ମୁରି ଷ୍ଟେସନ୍ରେ ଦାୟିତ୍ୱ ନେଇଥିବା ଅନ୍ୟ ଜଣେ ଲୋକୋ ପାଇଲଟ୍ ମଧ୍ୟ ଏହି ସମସ୍ୟା ବିଷୟରେ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ କେହି ଏହାକୁ ଗୁରୁତ୍ୱ ଦେଇ ନଥିଲେ। ଶେଷରେ ଉତ୍ତରପ୍ରଦେଶର ଦୀନଦୟାଲ ଉପାଧ୍ୟାୟ ଷ୍ଟେସନରେ ଯାଞ୍ଚ ବେଳେ ସମସ୍ତ ବଗିର ବ୍ରେକ୍ ବ୍ୟବସ୍ଥା ବିଚ୍ଛିନ୍ନ ଥିବା ଜଣାପଡ଼ିଥିଲା। ବ୍ରେକ୍ ଯାଞ୍ଚ ନକରି ଟ୍ରେନ୍ ଛାଡ଼ିବା ଓ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନନେବାକୁ ତଦନ୍ତରେ ଗୁରୁତର ତ୍ରୁଟି ବୋଲି କୁହାଯାଇଛି। ଏଭଳି ଅବହେଳା ଏକ ବଡ଼ ରେଳ ଦୁର୍ଘଟଣାର କାରଣ ହୋଇପାରିଥାନ୍ତା।

ଦିଲ୍ଲୀରେ ୪୭ ନିରୀକ୍ଷଣ କେନ୍ଦ୍ରରେ ବାୟୁ ଗୁଣବତ୍ତା 'ଅତି ଖରାପ'



ନୂଆଦିଲ୍ଲୀ: ଜାତୀୟ ରାଜଧାନୀ ଦିଲ୍ଲୀ ଆକାଶକୁ ଘନକୁହୁଡ଼ିର ଆସ୍ତରଣ ଆଚ୍ଛାଦିତ କରି ରଖିଥିବାବେଳେ ବାୟୁ ପ୍ରଦୂଷଣ ରବିବାର ସକାଳେ ମଧ୍ୟ ଅତି ଖରାପ ଶ୍ରେଣୀରେ ରହିଛି। ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସମୀର୍ ଆପ୍ରେ ୩୫୦ ରହିଥିବାବେଳେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ (ସିପିସିବି) ତଥ୍ୟ ଅନୁଯାୟୀ ୩୫୨ ରହିଛି। ସମୀର ଆପ୍ ଅନୁଯାୟୀ, ଦିଲ୍ଲୀର ୫୪ଟି ନିରୀକ୍ଷଣକେନ୍ଦ୍ର ମଧ୍ୟରୁ ୪୭ଟିରେ 'ଅତ୍ୟନ୍ତ ଖରାପ' ବାୟୁ ଗୁଣବତ୍ତା ରେକର୍ଡ କରାଯାଇଥିଲା, ସାତଟିରେ 'ଗମ୍ଭୀରତ ବର୍ଗରେ ଥିଲା। ଆଇଆଇଟି ଦିଲ୍ଲୀରେ ଏକ୍ୟୁଆଇ ସର୍ବାଧିକ ୪୨୮ ରେକର୍ଡ଼ ହୋଇଥିବାବେଳେ ଆଇଟିଓରେ ୪୧୪ ରହିଛି। ସିପିସିବି ତଥ୍ୟ ଅନୁସାରେ ଏହି ଦୁଇ ସ୍ଥାନରେ ଏକ୍ୟୁଆଇ ଯଥାକ୍ରମେ ୪୨୫ ଓ ୪୧୫ ରହିଛି। କମନୱେଲ୍ଥ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଏକ୍ୟୁଆଇ ୪୦୩ ରହିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନର୍ଥ କ୍ୟାମ୍ପସଠାରେ ୪୦୨ରୁ ବୁରାରୀ କ୍ରସିଂରେ ୪୦୦ ରେକର୍ଡ଼ କରାଯାଇଛି। କିଛି ଷ୍ଟେସନରେ ବାୟୁ ଗୁଣବତ୍ତା ତୁଳନାତ୍ମକ ଭାବରେ ଉନ୍ନତ ରେକର୍ଡ କରାଯାଇଛି, ନଜଫଗଡ଼ରେ ଏକ୍ୟୁଆଇ ୨୯୮, ଇଗ୍ନୋ-ମୈଦାନ ଗଡ଼ିରେ ୨୭୮ ଓ ଆଇଏଗ୍ଆି ଲୋଧ୍ ରୋଡ୍ (ଆଇଆଇଟିଏମ୍) ୨୮୦ ପଞ୍ଜିକୃତ ହୋଇଛି, ଯାହାକି ଖରାପ ବର୍ଗରେ ଆସୁଛି। କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଏକ୍ୟୁଆଇ ୧୬୫ ରେକର୍ଡ କରାଯାଇଛି, ଯାହା ଏହାକୁ 'ମଧ୍ୟମଦ ବର୍ଗରେ ରଖାଯାଇଛି। ପିଏମ୍ ୧୦ ଓ ପିଏମ୍ ୨.୫ ମୁଖ୍ୟ ପ୍ରଦୂଷକ ରହିଛନ୍ତି।

ମୋଦୀଙ୍କ ଶାସନ ଅନୁଭବରୁ ଶିକ୍ଷା ପାଇଁ ନୀତି ଆୟୋଗର ଜାତୀୟ କର୍ମଶାଳା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସରକାରର ମୁଖ୍ୟ ଭାବରେ କାର୍ଯ୍ୟ କରିବାର ପଚିଶ ବର୍ଷର ଅଭିଜ୍ଞତାରୁ ଶିକ୍ଷା ଲାଭ କରିବା ଉଦ୍ଦେଶ୍ୟରେ, ନୀତି ଆୟୋଗ ୧୭ ନଭେମ୍ବର ୨୦୨୬ ରେ ପାଞ୍ଚଟି ଜାତୀୟ କର୍ମଶାଳାର ଏକ ଶୃଙ୍ଖଳା ଆରମ୍ଭ କରିବାକୁ ଯାଉଛି। ଏହି କର୍ମଶାଳା ଗୁଡ଼ିକରେ ସାର୍ବଜନୀନ ନେତୃତ୍ୱର ଏହି ପଚିଶ ବର୍ଷ ଉପରେ ଅନୁଧ୍ୟାନ କରାଯିବ, ଯାହା ଫଳରେ ଏଥିରୁ ମିଳୁଥିବା ଶିକ୍ଷା ଦେଶର ସାମୂହିକ ଜ୍ଞାନର ଅଂଶ ହୋଇପାରିବ। ଏହି ଯାତ୍ରାର ଅଂଶ ଥିବା ବ୍ୟକ୍ତିମାନଙ୍କ ଅନୁଭୂତିକୁ ଏଥିରେ ଲିପିବଦ୍ଧ କରାଯିବ ଏବଂ ସେଗୁଡ଼ିକୁ ଏପରି ଜ୍ଞାନରେ ପରିଣତ କରାଯିବ ଯାହା ସମସ୍ତଙ୍କ ପାଇଁ ଲାଭଦାୟକ ହେବ। ପ୍ରଧାନମନ୍ତ୍ରୀ ୭ ଅକ୍ଟୋବର ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ପଦବୀରେ ବାର ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିବା ପରେ, ସେ ମେଦ ୨୦୧୪ରେ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ସେ ଲଗାତାର ତୃତୀୟ କାର୍ଯ୍ୟକାଳର ଦାୟିତ୍ୱ ନିର୍ବାହ କରୁଛନ୍ତି। ୭ ଅକ୍ଟୋବର ୨୦୨୬ରେ ତାଙ୍କର ସରକାରର ମୁଖ୍ୟ ଭାବେ ପଚିଶ ବର୍ଷ ପୂରଣ ହେବା ସହିତ, ଏହା ଭାରତରେ ଏକ ନିର୍ବାଚିତ ସରକାରର ମୁଖ୍ୟ ଭାବରେ ସର୍ବାଧିକ ଦୀର୍ଘ ନିରନ୍ତର କାର୍ଯ୍ୟକାଳକୁ ଚିହ୍ନିତ କରିଥାଏ। ଏହି ସମଗ୍ର କାର୍ଯ୍ୟ ଅବଧି ମଧ୍ୟରେ, ଶାସନ ବ୍ୟବସ୍ଥା ପ୍ରଧାନ ସେବକ ଭାବନାର ଆଧାର ଉପରେ ପରିଚାଳିତ ହୋଇଆସିଛି। ଏହା ଅନୁସାରେ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟାଳୟ ନାଗରିକମାନଙ୍କ ସେବା କରିବା ଉଦ୍ଦେଶ୍ୟ ଦେଇ କାର୍ଯ୍ୟ କରିଛି। ଅନ୍ତ୍ୟୋଦୟ ପ୍ରଗତିର ମାପଦଣ୍ଡକୁ ସମାଜର ଶେଷ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପହଞ୍ଚାଇଛି। ଜନ ଭାଗୀଦାରୀ ବିକାଶକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛି। ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସର ନୀତି ଏହାକୁ ଏକ ସାମୂହିକ ଜାତୀୟ ଉଦ୍ୟମ ଭାବରେ ଆହୁରି ସୁଦୃଢ଼ କରିଛି। ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ଏହି ଦୃଷ୍ଟିକୋଣକୁ ଏକ ଦୂରଗାମୀ ଦିଗ ପ୍ରଦାନ କରିଛି, ଯାହା ପ୍ରତ୍ୟେକ ଅନୁଷ୍ଠାନକୁ ସ୍ୱାଧୀନତାର ଶତବାର୍ଷିକୀ ଆଡ଼କୁ ଅଗ୍ରସର ହେଉଥିବା ଭାରତ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଏବଂ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛି। ଏତେ ବଡ଼ ସ୍ତରରେ ଶାସନ କରିବା ବିଷୟରେ ଭାରତ ଯାହା ଶିଖିଛି ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହି ନିଷ୍ପତ୍ତି ନେଇଥିବା ଏବଂ କାର୍ଯ୍ୟକାରୀ କରିଥିବା ଅଧିକାରୀ, ପ୍ରତିଷ୍ଠାନ ଏବଂ ନାଗରିକଙ୍କ ଅଭିଜ୍ଞତାରେ ସନ୍ନିହିତ। ଏହି ଶୃଙ୍ଖଳା ସେମାନଙ୍କ ପ୍ରତ୍ୟକ୍ଷ ଅନୁଭୂତିକୁ ଉଲ୍ଲେଖ କରିବ ଏବଂ ଶୈକ୍ଷିକ ଗମ୍ଭୀରତା ସହ ଏହାର ବିଶ୍ଳେଷଣ କରିବ।

କଶ୍ମୀର, ଚେନାବ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ



ଶ୍ରୀନଗର: ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଗତିବିଧି ହ୍ରାସ ପାଇଥିବା ଦାବି ମଧ୍ୟରେ ଲଗାତାର ଦୁଇଟି ଆକ୍ରମଣ ସୁରକ୍ଷା ବ୍ୟବସ୍ଥା ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ନଭେମ୍ବର ୧୧ରେ ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲାରେ ଆତଙ୍କବାଦୀଙ୍କ ଗୁଳିରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ (ସିଆର୍ପିଏଫ୍)ର ୪୬ତମ ବାଟାଲିୟନର ତିନିଜଣ ଯବାନ ଆହତ ହୋଇଥିଲେ। ସେହିଦିନ କିସ୍ତୱାଡ଼ରେ ଦୁଇଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସ୍ପିଓ) ନିଖୋଜ ହୋଇଥିଲେ। ପରଦିନ ନଭେମ୍ବର ୧୨ରେ ଦଚ୍ଛନ-ମରୱାହ ଜଙ୍ଗଲ ଅଞ୍ଚଳରୁ ସେମାନଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା। ଉଭୟ ଘଟଣା ପରେ ସୁରକ୍ଷା ବାହିନୀ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି। କୁଲଗାମ ଜିଲ୍ଲାର ଅଖରାନ ଅଞ୍ଚଳରେ ରାଜପଥ ନିକଟରେ ଥିବା ଏକ ସୁରକ୍ଷା ଯାଞ୍ଚ କେନ୍ଦ୍ରକୁ ଲକ୍ଷ୍ୟ କରି ଆତଙ୍କବାଦୀମାନେ ହଠାତ୍ ଗୁଳି ଚଳାଇଥିଲେ। ଏଥିରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ଆକ୍ରମଣ ପରେ ଆତଙ୍କବାଦୀମାନେ ନିକଟସ୍ଥ ଜଙ୍ଗଲ ଭିତରକୁ ଖସି ପଳାଇଥିଲେ। ଏହି ଦୁଇ ଆକ୍ରମଣ ଏପରି ସମୟରେ ହୋଇଛି, ଯେତେବେଳେ ନଭେମ୍ବର ୫ରେ କାଶ୍ମୀର ଜୋନ୍ ପୁଲିସ ମହାନିରୀକ୍ଷକ ସୁଜିତ କୁମାର ଉପତ୍ୟକାରେ ମାତ୍ର ଜଣେ ସ୍ଥାନୀୟ ଆତଙ୍କବାଦୀ ସକ୍ରିୟ ଥିବା କହିଥିଲେ। ନଭେମ୍ବର ୧୧ ଘଟଣାରେ ଲସ୍କର-ଏ-ତୋଇବା ସହ ଜଡ଼ିତ ମହମ୍ମଦ ଲତିଫ ଭଟ୍ଟର ସମ୍ପୃକ୍ତି ଥିବା ସୁରକ୍ଷା ସଂସ୍ଥା ସନ୍ଦେହ କରୁଛି। ତା' ସହ ଜଣେ କିମ୍ବା ଦୁଇଜଣ ବିଦେଶୀ ଆତଙ୍କବାଦୀ ଥିବା ମଧ୍ୟ ଆଶଙ୍କା କରାଯାଉଛି। ତେବେ ୨୦୧୯ ପରଠାରୁ ସ୍ଥାନୀୟ ଯୁବକଙ୍କ ଆତଙ୍କବାଦୀ ସଂଗଠନରେ ଯୋଗଦାନ ହ୍ରାସ, ସଂଘର୍ଷର ସଂଖ୍ୟା କମିବା ଓ ସୁରକ୍ଷା ବାହିନୀର ଉନ୍ନତ ପ୍ରସ୍ତୁତି ଭଳି ସଫଳତା ଜାରି ରହିଛି। ସିଆର୍ପିଏଫ୍ ଲଗାତାର ୧୨ ମାସ ଧରି କୌଣସି ଯବାନଙ୍କୁ ଅଭିଯାନରେ ହରାଇ ନଥିବା ମଧ୍ୟ ଏହାର ଏକ ଉଦାହରଣ। କିନ୍ତୁ ସ୍ଥାନୀୟ ଆତଙ୍କବାଦୀଙ୍କ ସଂଖ୍ୟା କମିବା ସତ୍ତ୍ୱେ ବିଦେଶୀ ଆତଙ୍କବାଦୀ ଓ ସେମାନଙ୍କୁ ସହାୟତା କରୁଥିବା ସ୍ଥାନୀୟ ନେଟୱର୍କର ଉପସ୍ଥିତି ସୁରକ୍ଷା ପାଇଁ ଚିନ୍ତାର କାରଣ ହୋଇଛି।

ରିୟଲ୍‌ମିର ସେବା ନେଟୱାର୍କ ୬୭୦ରୁ ଅଧିକ କେନ୍ଦ୍ରକୁ ସମ୍ପ୍ରସାରିତ

ନୂଆଦିଲ୍ଲୀ: ସ୍ମାର୍ଟଫୋନ୍ ବ୍ରାଣ୍ଡ ରିୟଲ୍‌ମି ଭାରତରେ ଏହାର ବିକ୍ରୟ ପରବର୍ତ୍ତୀ ସେବା ନେଟୱାର୍କକୁ ୬୭୦ରୁ ଅଧିକ କେନ୍ଦ୍ରକୁ ସମ୍ପ୍ରସାରଣ କରିଛି। ନଭେମ୍ବର ୧୬ରୁ କାର୍ଯ୍ୟକାରୀ ହେବାକୁ ଥିବା ଏହି ବ୍ୟବସ୍ଥା ଅନୁଯାୟୀ, ଦେଶର ୫୫୦ରୁ ଅଧିକ ସହରରେ ଓପୋର ସେବା ଭିତ୍ତିଭୂମି ମାଧ୍ୟମରେ ରିୟଲ୍‌ମି ଗ୍ରାହକଙ୍କୁ ମରାମତି ଓ ବୈଷୟିକ ସହାୟତା ମିଳିବ। ସେବାର ଗୁଣବତ୍ତା ବଜାୟ ରଖିବା ପାଇଁ ୧,୫୦୦ରୁ ଅଧିକ ପ୍ରମାଣିତ ଇଞ୍ଜିନିୟର ନିୟୋଜିତ ହେବେ। ଏହା ସହ ଅସଲି ସ୍ପେୟାର ପାର୍ଟସ୍ ବ୍ୟବହାର ଓ ମାନକୀକୃତ ମରାମତି ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯିବ। ଏହି ସହଭାଗିତା ଅଧୀନରେ ରିୟଲ୍‌ମି ଓ ଓପୋ ଗ୍ରାହକମାନେ ମିଳିତ ଭାବେ ମାସିକ ସର୍ଭିସ୍ ଡେଦର ସୁବିଧା ପାଇବେ। ଏଥିରେ ସ୍କ୍ରିନ୍, ବ୍ୟାଟେରୀ ଓ ବ୍ୟାକ୍ କଭର୍ ମରାମତିରେ ରିହାତି ସହ ମାଗଣା ଲେବର୍ ଚାର୍ଜ, ସଫ୍ଟୱେର୍ ଅପଡେଟ୍, ଫୋନ୍ ସଫା ଓ ସ୍କ୍ରିନ୍ ପ୍ରୋଟେକ୍ଟର୍ ଲଗାଇବା ସୁବିଧା ମିଳିବ।

ଆଇଟିଏଲ୍ ଏମଡିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣ

ନୂଆଦିଲ୍ଲୀ: ଲିକେନଷ୍ଟିନ୍ କ୍ରାଉନ୍ ପ୍ରିନ୍ସ ଆଲୋଇସ ଓ ୟୁରୋପୀୟ ପ୍ରତିନିଧିଙ୍କ ଲାଗି ହାଇଦ୍ରାବାଦ ହାଉସ୍‌ରେ ଆୟୋଜନ କରାଯାଇଥିବା ସ୍ୱତନ୍ତ୍ର ଭୋଜନରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ ଟ୍ରାକ୍ଟର୍ସ ଲିମିଟେଡ୍ (ଆଇ

ଏସିଆ ରଗବୀ ଏମିରେଟ୍ସ ୟୁ-୨୦ ସେଭେନ୍ସ ଚାମ୍ପିଅନସିପ ଉଦଯାପିତ

ପୁରୁଷ-ମହିଳାରେ ହଂକଂ ଚାମ୍ପିଅନ, ଭାରତୀୟ ମହିଳା ଦଳକୁ ବ୍ରୋଞ୍ଜ





ଭୁବନେଶ୍ୱର,୧୫।୧୧(ସବୁ୍ୟ): କଳିଙ୍ଗ ଷ୍ଟାଡିୟମରେ ଏସିଆ ରଗବୀ ଏମିରେଟ୍ସ ୨୦ ବର୍ଷରୁ କମ ସେଭେନ୍ସ ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି । ଉଭୟ ପୁରୁଷ ଓ ମହିଳା ବର୍ଗରେ ହଂକଂ, ଚାଇନା ଚାମ୍ପିଅନ ହୋଇଛି । ସେହିପରି ମାଲେସିଆ ଉଭୟ ବର୍ଗରେ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ହାସଲ କରିଛି । ପୁରୁଷ ବର୍ଗରେ ଚାଇନିଜ ତାଇପେଇ ଏବଂ ମହିଳା ବର୍ଗରେ ଭାରତ ତୃତୀୟସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛି ।

ଉଦଯାପନୀ ଉତ୍ସବରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେ କହିଥିଲେ ଯେ କଳିଙ୍ଗ ଷ୍ଟାଡିୟମରେ ସଫଳତା ସହ ଏସିଆ ରଗବୀ ଏମିରେଟ୍ସ ୨୦ ବର୍ଷରୁ କମ ସେଭେନ୍ସ ଚାମ୍ପିଅନସିପ ଅନୁଷ୍ଠିତ ହୋଇଛି । ୨୦୧୮ ମସିହା ପରେ ଦୀର୍ଘ ୮ ବର୍ଷ ବ୍ୟବଧାନରେ ଓଡ଼ିଶା ପୁଣିଥରେ ଅନ୍ତର୍ଜାତୀୟସ୍ତର ରଗବୀ ଚାମ୍ପିଅନସିପ ଆୟୋଜନ କରିଛି । ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ଚାମ୍ପିଅନସିପରେ ୧୦ଟି ଦେଶର ୧୭ଟି ଦଳ ଅଂଶଗ୍ରହଣ କରିଥିଲେ । ଭାରତର ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି । ସମସ୍ତ ବିଜେତା ଦଳକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରି ନିଜ କ୍ରୀଡା ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ବିଶ୍ୱକ୍ରୀଡା ଜଗତରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିପାରିଛି । କ୍ରୀଡା ପ୍ରତିଯୋଗିତାର ଆୟୋଜନ ସହ ତୃଣମୂଳସ୍ତରରେ କ୍ରୀଡା ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଏସିଆ ରଗବୀ ୨୦ବର୍ଷରୁ କମ ସେଭେନ୍ସ ଚାମ୍ପିଅନସିପର ସଫଳ ଆୟୋଜନ ନିମନ୍ତେ ଭାରତୀୟ ରଗବୀ ଫୁଟବଲ ୟୁନିଅନର ସଭାପତି ରାହୁଲ ବୋଷ ଖୁସି ବ୍ୟକ୍ତ କରିବା ସହ ରଗବୀରେ ବିକାଶ ପାଇଁ ଓଡ଼ିଶା ସରକାର ଏବଂ କ୍ରୀଡା ଓ ଯୁବସେବା ବିଭାଗ ନିରନ୍ତର ଭାବେ ସହଯୋଗ ପ୍ରଦାନ କରିଛନ୍ତି ଶ୍ରୀ ବୋଷ କହିଛନ୍ତି ।

ଉଦଯାପନୀ ସମାରୋହରେ କ୍ରୀଡା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଭୂପେନ୍ଦର ସିଂ ପୁନିଆ, ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟୀ, ରଗବୀ ଇଣ୍ଡିଆ ସେକ୍ରେଟାରୀ ଜି ପ୍ରଭୁ, ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ତୃତୀୟ ରାଜ୍ୟ ବାଟୁଲି ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର,୧୫।୧୧(ସବୁ୍ୟ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ସ୍ନିଂ ସଟ ଓଡ଼ିଶା ଆନୁକୂଲ୍ୟରେ ତୃତୀୟ ରାଜ୍ୟ ବାଟୁଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରୁ ବିଭିନ୍ନ ଜିଲ୍ଲାରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୧୦ ମିଟର ବର୍ଗରେ ଗୁରୁଜିତ ପାଢ଼ି, ଶ୍ରୀୟଶ୍ରୀ ଭୋଇ, ରାକେଶ ଦେହୁରୀ, ସତ୍ୟସିନ୍ଧୁ ପାତ୍ର ନାରାୟଣ ସାମଲ, ଡିକୁଲଦୀପ, ବିନୟ ପାଣିଗ୍ରାହୀ, ସନ୍ତୋଷ ମହାରଣା, ଅଭିମନ୍ୟୁ ନାୟକ ଓ ଭିନକ୍ଷମ ବର୍ଗରେ ନିଧି ବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୭ ମିଟର ଦୂରତାରେ ସାରା ମହାନ୍ତି, ଅସୀମ ଡୁଙ୍ଗଡୁଙ୍ଗ, ଅମୀ ଖମାରୀ, ସ୍ୱାଗତ ରାଣା ଓ ସାନପରୀ ସେଠୀ ସ୍ୱର୍ଣ୍ଣ ଜିତିଥିଲେ । ଏହି ପ୍ରତିଯୋଗିତାକୁ ସପନ କୁମାର ମିଶ୍ର, ଦୀପକ କୁମାର ସାମନ୍ତରାୟ, ସନ୍ତୋଷ ମହାରଣା, ଡି କୁଲଦୀପ, ଅବିନାଶ ନାୟକ, ସୁମନ୍ତ ପଣ୍ଡା, କ୍ରିଷ୍ଣା ଶିକାରୀ ଓ କ୍ରିଷ୍ଣା ସେଠ ପରିଚାଳନା କରିଥିବା ବେଳେ ସଲୋନୀ ପାତ୍ର, ସନଭୀ ମିଶ୍ର, ସଞ୍ଜୀବ ପଟେଲ, ନାରାୟଣ ସାମଲ, ରାକେଶ ମହାରଣା ଓ ସନ୍ଦୀପ ଦାସ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବରେ ଉତ୍କଳ କରାଟେ ସ୍କୁଲ ତଥା ରାଜ୍ୟ ସ୍ନିଂ ସଟର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତା ମୀର ଅଜମତ ଅଲ୍ଲୀ ଓ ହିମାଂଶୁ ଶେଖର ଦାସ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସ୍ନିଂ ସଟ ଓଡ଼ିଶା ସଂଘର ସଭାପତି ଅଭିନାଶ କୁନ୍ଦିର ଓ ସମ୍ପାଦକ ସପନ କୁମାର ମିଶ୍ର, କୃତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ନ୍ୟୁଜିଲାଣ୍ଡ ମାଟିରେ ବିରାଟ, ରୋହିତଙ୍କ ଶେଷ ଦିନିକିଆ !

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ମାଟିରେ ଭାରତ ଦିନିକିଆ ଶୃଙ୍ଖଳା ଜିତିଛି । ତେବେ ସବୁଠୁ ବଡ଼ କଥା ହେଉଛି ନ୍ୟୁଜିଲାଣ୍ଡ ମାଟିରେ ନିଜର ଶେଷ ମ୍ୟାଚ ଖେଳିଛନ୍ତି ବିରାଟ କୋହଲି ଓ



ରୋହିତ ଶର୍ମା । ମ୍ୟାଚ ପରେ ଦୁଇ ତାରକା ଖେଳାଳି ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ହାତ ହଲାଇ ଅଭିବାଦନ ଜଣାଇଛନ୍ତି । ରୋହିତ ଓ ବିରାଟଙ୍କ ପାଇଁ ନ୍ୟୁଜିଲାଣ୍ଡ ଶେଷଗସ୍ତ ଥିଲା । ଦୁଇ ତାରକା ବ୍ୟାଟର ଟି-୨୦ ଓ ଟେଷ୍ଟରୁ ଅବସର ନେଇସାରିଛନ୍ତି । କେବଳ ଦିନିକିଆ ମ୍ୟାଚ ଖେଳୁଛନ୍ତି । ହେଲେ ନ୍ୟୁଜିଲାଣ୍ଡ ମାଟିରେ ନିଜର ଶେଷ ଦିନିକିଆରେ ରୋକୋ ଫେଲ ମାରିଛନ୍ତି । ରୋହିତ ୧୩ ବଲରୁ ୭ ରନ ଓ କୋହଲି ୭ ବଲରୁ ୫ ରନ କରି ଆଉଟ୍ ହୋଇଥିଲେ । ତେବେ ଉଭୟଙ୍କୁ ଦେଖିବା ପାଇଁ ଷ୍ଟାଡିୟମରେ ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ । ଫିଲ୍ଡିଂ ସମୟରେ ଦୁଇ ଖେଳାଳିଙ୍କୁ ଦର୍ଶକ ଉତ୍ସାହିତ କରିଥିଲେ । ତେବେ ମ୍ୟାଚ ସରିବା ପରେ ଦୁଇ ତାରକା ଖେଳାଳି ଭାବ ବିହ୍ୱଳ ହୋଇଥିବା ଦେଖିବାକୁ ମିଳିଥିଲା ।

ଶୃଙ୍ଖଳା ଛଡାଇ ଆଣିଲା ଭାରତ

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଦିନକ ଆଗରୁ ୧୯ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ରୋମାଞ୍ଚ ଦେଖିବାକୁ ମିଳିଥିଲା । ଜୁନିୟର ଭାରତୀୟ ଦଳ ପାକିସ୍ତାନକୁ ଶେଷ ବଲରେ ପରାଜିତ କରି ନବମଥର ଟାଇଟଲ ଜିତିଥିଲା । ଏହି ସଂଘର୍ଷପୂର୍ଣ୍ଣ ସଫଳତାର ମାତ୍ର କେଇ ଘଣ୍ଟା ପରେ କ୍ରିକେଟପ୍ରେମୀକୁ ଆଉ ଏକ ହୃଦସ୍ପନ୍ଦନ ବଢ଼ାଇ ଦେବା ଭଳି ମ୍ୟାଚରେ ଭ୍ରମଣକାରୀ ଭାରତ ଆୟୋଜକ ନ୍ୟୁଜିଲାଣ୍ଡକୁ ୨୨ ରନରେ ମାତ ଦେଇ ଶୃଙ୍ଖଳାକୁ ୩-୧ରେ କବଜା କରିନେଇଛି । ୭ ବର୍ଷ ପରେ ଭାରତ ନ୍ୟୁଜିଲାଣ୍ଡ ମାଟିରେ ଦିନିକିଆ ଶୃଙ୍ଖଳା ଜିତିଛି । ଏହା ପୂର୍ବରୁ ୨୦୧୮-୧୯ରେ ଦଳ ୪-୧ରେ ଶୃଙ୍ଖଳା ଜିତିଥିଲା । ନ୍ୟୁଜିଲାଣ୍ଡ ମଧ୍ୟ ୭ ବର୍ଷ ପରେ ଘରୋଇ ମାଟିରେ ଦିନିକିଆ ଶୃଙ୍ଖଳା ହାରିଛି । ଏହି ମ୍ୟାଚରେ ଭାରତ ପ୍ରଥମେ ବ୍ୟାଟିଂ କରି ୪୨.୧ ଓଭରରେ ୨୦୯ ରନ କରିପାରିଥିଲା । ଦଳ ପକ୍ଷରୁ ଇଶାନ କିଷାନ ଓ ଅକ୍ଷର ପଟେଲ ୪୬ ରନ କରିଥିଲେ । ଦ୍ରୁତ ବୋଲରଙ୍କ ମୁକାବିଲା କରିନପାରି ଘରୋଇ ଦଳ ୪୮.୧ଓଭରରେ ୧୮୭ ରନ କରିପାରିଥିଲା । ଭାରତ ବିଜୟରେ ମୁଖ୍ୟ ଭୂମିକାରେ ଗ୍ରହଣ କରିଥିଲେ ଅର୍ଶଦୀପ ସିଂ । ୨୧୦ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡକୁ ୨୬ ରନ ସ୍କୋରରେ ପ୍ରଥମ ଝଟକା ଲଗିଥିଲା । ସିରିଜରେ ପ୍ରଥମ



ଥର ଖେଳିଥିବା ମହମ୍ମଦ ସିରିଜ ଟିମ୍ ସୈଫଟଙ୍କୁ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ । ଏହାପରେ ୟଙ୍ଗ ଓ ନିକ କେଲି ଦ୍ୱିତୀୟ ୱିକେଟରେ ୩୮ ରନ ଯୋଡି ଦଳ ସ୍ଥିତି ସୁଧାରିବାକୁ ଚେଷ୍ଟା କରିଥିଲେ । ୟଙ୍ଗ ୨୨ ରନ କରି ଅର୍ଶଦୀପଙ୍କ ଶିକାର ହୋଇଥିଲେ । ଏହାପରେ ନ୍ୟୁଜିଲାଣ୍ଡ ଦଳ ଭାରତୀୟ ବୋଲରଙ୍କ ଘାତକ ବୋଲିଂର ମୁକାବିଲା କରିନପାରି ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା । ମଧ୍ୟକ୍ରମରେ ଡିନ ଫକ୍ସକ୍ରଫ୍ଟ ୩୧ ରନ କରିଥିଲେ ହେଁ ଇନିଂସକୁ ଆଗକୁ ବଢ଼ାଇ ପାରିନଥିଲେ । ନିମ୍ନ ଭାଗରେ ମାଇକେଲ ବ୍ରାସୱେଲ ୧୯ ରନ ଓ ଅଧିନାୟକ ମିଚେଲ ସାଣ୍ଟନର ୨୪ ରନ କରି କିଛିଟା ସଂଘର୍ଷ କରିଥିଲେ । ଅର୍ଶଦୀପ, ସିରାଜ, ଆକିବ ନବୀ ଓ ୟଶ ଠାକୁର ଶାଣୀତ ବୋଲିଂ କରି ନ୍ୟୁଜିଲାଣ୍ଡକୁ କୌଣସି ସୁଯୋଗ ଦେଇନଥିଲେ । ୱିକେଟ୍ ପତନ ସହ ଦଳ ଉପରେ ଚାପ ବଢ଼ିଥିଲା । ଶେଷରେ ୪୮.୧ ଓଭରରେ ନ୍ୟୁଜିଲାଣ୍ଡ ୧୮୭ ରନ କରି ଅଲଆଉଟ୍ ହୋଇଥିଲା । ଭାରତ ମ୍ୟାଚକୁ ୨୨ ରନରେ ଜିତି ଶୃଙ୍ଖଳାକୁ ୩-୧ରେ କବଜା କରିନେଇଛି । ବୋଲିଂରେ ଭାରତର ଅର୍ଶଦୀପ ସିଂ ୧୦ ଓଭରରେ ୩୦ ରନ ଦେଇ ୩ ୱିକେଟ୍, ମହମ୍ମଦ ସିରାଜ ୨ୱିକେଟ୍ , ୟଶ ଠାକୁର, ଆକିବ ନବୀ ଗୋଟିଏ ଲେଖାଏଁ ୱିକେଟ ସଫଳତା ହାସଲ କରିଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ରୋହିତ ଶର୍ମା ଓ ଋତୁରାଜ ଗାଏକ୍ୱାଡ଼ ପାଳି ଆରମ୍ଭ କରିଥିଲେ । ପୂର୍ବ ଭଳି ରୋହିତ ସହଜରେ ଆଉଟ୍ ହୋଇଥିଲେ । ଏହାପରେ ବିରାଟ କୋହଲି ଏବଂ ଋତୁରାଜ ଶୀଘ୍ର ପାଭିଲିୟନ୍ ଫେରିଥିଲେ । ଶ୍ରେୟାସ ୨୨ ରନ୍ କରିଥିଲେ ମଧ୍ୟ ଏହାକୁ ବଡ଼ ଇନିଂସରେ ପରିବର୍ତ୍ତନ କରିପାରିନଥିଲେ । ଅକ୍ଷର ପଟେଲ ଓ ଇଶାନ କିଷାନ କିଛି ସମୟ ସ୍ଥିତି ସୁଧାରିଥିଲେ । ଅକ୍ଷର ୪୬ ରନ ଓ ଇଶାନ ମଧ୍ୟ ୪୬ ରନ କରିଥିଲେ । ଇଶାନଙ୍କ ପରେ କୌଣସି ଶେଷଭାଗ ବ୍ୟାଟର ବଡ଼ ଇନିଂସ କରିପାରିନଥିଲେ । ଫଳରେ ଭାରତ ୪୨.୫ ଓଭରରେ ୨୦୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା । ନ୍ୟୁଜିଲାଣ୍ଡ ପକ୍ଷରୁ ମଚେଲ ସାଣ୍ଟନର, ଜାକବ ଡୁଫି ୩ଟି ୱିକେଟ୍ ନେଇଥିବା ବେଳେ ମାଥ୍ୟୁ ଫିସର ୨ଟି ବ୍ଲୋୟାର ଟିକନର ଓ ମିଚେଲ ବ୍ରାସୱେଲ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

ଜାତୀୟ ପାରା ସନ୍ତରଣରେ ଓଡ଼ିଶାର ଐତିହାସିକ ସଫଳତା

ଭୁବନେଶ୍ୱର, ୧୫ ।୧୧(ସବୁ୍ୟ): ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପରେ ଓଡ଼ିଶାର ପାରା ସନ୍ତରଣକାରୀମାନେ ଐତିହାସିକ ସଫଳତା ହାସଲ କରିଛନ୍ତି । ମଧ୍ୟପ୍ରଦେଶର ଭୋପାଳସ୍ଥିତ ପ୍ରକାଶ ସ୍ୱିମିଂ ପୁଲ୍ଠାରେ ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୨୬ତମ ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍-୨୦୨୬ରେ ଓଡ଼ିଶା ଦଳ ମୋଟ ୫୦ଟି ପଦକ ଜିତିଛି । ଏଥିରେ ୧୫ଟି ସ୍ୱର୍ଣ୍ଣ, ୨୦ଟି ରୌପ୍ୟ ଓ ୧୫ଟି ବ୍ରୋଞ୍ଜ ପଦକ ରହିଛି । ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ରାଜ୍ୟ ପ୍ରଥମ ଥର ପାଇଁ ୫୦ ପଦକର ମାଇଲଖୁଣ୍ଟ ଛୁଇଁଛି । ଏହି ସଫଳତାର ଅନ୍ୟତମ ଆକର୍ଷଣ ରହିଥିଲେ ଓଡ଼ିଶାର ମହିଳା ପାରା ସନ୍ତରଣକାରୀ ଲିନା ସ୍ୱାଇଁ । ସେ ମହିଳା ଏସ୍-୧୩ ବର୍ଗରେ ୫୦ ମିଟର ବ୍ୟାକ୍ଷ୍ଟ୍ରୋକ୍, ୫୦ ମିଟର ବ୍ରେଷ୍ଟ୍ଷ୍ଟ୍ରୋକ୍ ଓ ୫୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି । ତିନୋଟି ଭିନ୍ନ ଇଭେଣ୍ଟ୍ରେ ତାଙ୍କର ଏହି ସଫଳତା ରାଜ୍ୟ ଦଳର ପ୍ରଦର୍ଶନକୁ ଆହୁରି ଉଜ୍ଜ୍ୱଳ କରିଛି । ପୁରୁଷ ବର୍ଗରେ କମଳାକାନ୍ତ ନାୟକ ଏସ୍-୪ ବର୍ଗର ୧୦୦ ମିଟର ଫ୍ରିଷ୍ଟାଇଲ୍ ଓ ୧୦୦ ମିଟର ବ୍ୟାକ୍ଷ୍ଟ୍ରୋକ୍ରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି । ନରହରି ବେହେରା ଏସ୍-୫ ବର୍ଗର ୫୦ ଓ ୧୦୦ ମିଟର ଫ୍ରିଷ୍ଟାଇଲରେ ଦୁଇଟି ସ୍ୱର୍ଣ୍ଣ ହାସଲ କରିଛନ୍ତି । ଆକାଶ ବାଛୋର ଏସ୍-୫ ବର୍ଗର ୨୦୦ ମିଟର ମେଡ୍ଲେରେ ସ୍ୱର୍ଣ୍ଣ ଜିତିଥିବାବେଳେ ସୁଧୀର ମଲ୍ଲିକ ଏସ୍-୪ ବର୍ଗର ୫୦ ମିଟର ବ୍ୟାକ୍ଷ୍ଟ୍ରୋକ୍ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି । କାହ୍ନା ପାତ୍ର ମଧ୍ୟ ଏସ୍-୧୩ ବର୍ଗର ୫୦ ଓ ୧୦୦ ମିଟର ବ୍ରେଷ୍ଟ୍ଷ୍ଟ୍ରୋକ୍ରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି । ମହିଳା ବର୍ଗରେ ଅନିତା ମୁଣ୍ଡା ୫୦ ମିଟର ବ୍ରେଷ୍ଟ୍ଷ୍ଟ୍ରୋକ୍ ଏବଂ କବିତା ପ୍ରଲୟ ୧୦୦ ମିଟର ଫ୍ରିଷ୍ଟାଇଲ୍ରେ ସ୍ୱର୍ଣ୍ଣ ଜିତି ଓଡ଼ିଶାର ପଦକ ସଂଖ୍ୟା ବଢ଼ାଇଛନ୍ତି । ଅନ୍ୟ ପ୍ରତିଯୋଗୀମାନେ ମଧ୍ୟ ବିଭିନ୍ନ ବର୍ଗରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଓଡ଼ିଶାର ଏହି ସଫଳତା ରାଜ୍ୟରେ ପାରା ସନ୍ତରଣ କ୍ରୀଡ଼ାର ନିରନ୍ତର ବିକାଶ ଓ ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନର ପ୍ରମାଣ ।

୨୨ତମ ସଚିବାଳୟ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପ୍ରଥମ ମ୍ୟାଚରେ ଡେଲୟଟକୁ ହରାଇଲା ସୋଆ।

ଭୁବନେଶ୍ୱର, ୧୫।୧୧(ସବୁ୍ୟ): ଓଡ଼ିଶା ସଚିବାଳୟ କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ୨୨ତମ ସଚିବାଳୟ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୬ର ପ୍ରତିଯୋଗିତା ଜାରି ରହିଛି । ହାଇ-ଟେକ୍ କ୍ରିକେଟ୍ ଷ୍ଟାଡିୟମ୍ରେ ଅନୁଷ୍ଠିତ ଆଜିର ପ୍ରଥମ ପ୍ରତିଯୋଗିତାରେ ସୋଆ ବିଶ୍ୱବିଦ୍ୟାଳୟ ଦଳ ୮୨ ରନରେ ଡେଲୟଟ ଗ୍ରୁପ୍କୁ ହରାଇଛି । ଡେଲୟଟ ଗ୍ରୁପ୍ ଟସ୍ ଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସୋଆ ବିଶ୍ୱବିଦ୍ୟାଳୟ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟରେ ୨୦୧ ରନ୍ ସଂଗ୍ରହ କରିଥିବାବେଳେ ସୁଶୀଲ ପ୍ରଧାନ ୭୫ ରନ୍, ଜ୍ୟୋତି ରଞ୍ଜନ ନାୟକ ୨୬ ରନ ଏବଂ ଅଭିଷେକ ସାମଲ ୨୪ ରନ୍ କରିଥିଲେ । ପରେ ୨୦୨ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଡେଲୟଟ ଗ୍ରୁପ୍ ୧୯. ୨ ଓଭର୍ରେ ୧୧୯ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ । ଡେଲୟଟ ପକ୍ଷରୁ ଅନୁପ ଦାସ ୭୭ ରନ୍ କରିଥିବାବେଳେ ତାପସ ବାରିକି ୨୨ ରନ୍ କରିଥିଲେ । ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାସ୍ୱତ ମହାନ୍ତି ୨୬ ରନ୍ ଦେଇ ୪ଟି ୱିକେଟ୍ ହାସଲ କରିଥିବାବେଳେ ଚିତ୍ରଭାନୁ ଜେନା ୭ରନ ଏବଂ ପ୍ରିୟମ ମଲ୍ଲିକ ୨୭ ରନ ଦେଇ ଉଭୟ ଦୁଇ ୱିକେଟ୍ ଅକ୍ତିଆର କରିଥିଲେ । ସୁଶୀଲ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେହିପରି ଟିସିଏସ ଦ୍ୱିତୀୟ ମ୍ୟାଚ୍ରେ ଉତ୍କଳ ଆଲୁମିନାକୁ ହରାଇ ବିଜୟୀ ହୋଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇ ପଡ଼ିଆକୁ ଓହ୍ଲାଇଥିବା ଉତ୍କଳ ଆଲୁମିନା ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଦୀପ୍ତି ରଞ୍ଜନ ସାହୁ ୫୬ ରନ୍ ଏବଂ ଦୀନବନ୍ଧୁ ୨୨ ରନ୍ ସଂଗ୍ରହ କରିଥିଲେ । ଟିସିଏସର ଉଜେର ଖାନ ୧୭ ରନ୍ ଦେଇ ୩ ୱିକେଟ୍ ଓ ମନୋରଞ୍ଜନ ତ୍ରିପାଠୀ ୩୩ ରନ ଦେଇ ଦୁଇ ୱିକେଟ ପାଇଥିଲେ । ବିଜୟ ପାଇଁ ୧୫୪ ରନ୍ ଆବଶ୍ୟକ ଥିବାବେଳେ ଟିସିଏସ ୧୧.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦଳ ପକ୍ଷରୁ ତଥାଗତ ରାଉତ ଅପରାଜିତ ୧୧୮ ରନ୍ କରି ମ୍ୟାନ ଅଫ ଦି ଘୋଷିତ ହୋଇଥିଲେ । ସୁନୀଲ କୁମାର ବେହେରା ଓ ଅବଦୁଲ ରହିମ ଖାନ ଉଭୟ ମ୍ୟାଚ୍ରେ ଅମ୍ପାୟରିଂ କରିଥିବା ବେଳେ ସ୍କୋରର ଭାବେ ଶିବାଶିଷ ବେହେରା ଦାୟିତ୍ୱ ତୁଲାଇଥିଲେ ।

ସୂଚନା



ଜୁନିୟର ଏସିଆ କପ୍ ବିଜୟ ସେଲିବ୍ରେସନ ବିବାଦ : ମୁହଁ ଖୋଲିଲେ ମୋହିତ

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ଲଢ଼େଇରେ ଭାରତର ବିଜୟ ସେଲିବ୍ରେସନକୁ ନେଇ ବିବାଦ ବଢ଼ିବାରେ ଲାଗିଛି । ସେଲିବ୍ରେସନ ସମୟର କିଛି ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ପାକିସ୍ତାନ ଖେଳାଳିଙ୍କ ସମ୍ମୁଖରେ ଭାରତୀୟ ଖେଳାଳି ବିବାଦୀୟ ଅଙ୍ଗଭଙ୍ଗୀ ସହିତ ବିଜୟ ଖୁସି ପାଳନ କରୁଥିବା ଦେଖିବାକୁ ମିଳିଛି । ଭିଡ଼ିଓ ଭାଇରାଲ ହେବାପରେ କିଛି ପ୍ରଶଂସକ ଏହାକୁ ସମାଲୋଚନା କରିଥିବା ବେଳେ ପାକିସ୍ତାନ କ୍ରିକେଟର ସେଏବ ଅଖତର ମଧ୍ୟ ଏହାକୁ ନାପସନ୍ଦ କରିଛନ୍ତି । ଏହି ବିବାଦ ଭିତରେ ଫାଇନାଲ ମ୍ୟାଚର ହୀରୋ ମୋହିତ ଉଲଭାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ଖେଳାଳିଙ୍କ ଉତ୍ସାହପୂର୍ଣ୍ଣ ସେଲିବ୍ରେସନ ସହିତ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ



କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି ।